

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୩ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 November 2025

Vol.No. 36 ■ No.298 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...

website : sagarika.in.net


## ବିଦେଶରୁ ଫେରି ଲାଲ୍‌କିଲ୍ଲା ବିସ୍ଫୋରଣରେ ଆହତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୨/୧୧ : ଭୁଟାନରୁ ଦୁଇ ଦିନିଆ ବିଦେଶ ଗସ୍ତ ସାରି ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୁରନ୍ତ ଦିଲ୍ଲୀର ଲୋକ ନାୟକ ଜୟପ୍ରକାଶ ଡାକ୍ତରଖାନାରେ ଲାଲ୍ କିଲ୍ଲା ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଭେଟିଛନ୍ତି । ଜାତୀୟ ରାଜଧାନୀର ଏହି ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ହୋଇଥିବା ବିସ୍ଫୋରଣରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଥିଲେ। ବୁଧବାର ଦିଲ୍ଲୀରେ ଅବତରଣ କରିବା ପରେ ପ୍ରଧାନମନ୍ତ୍ରୀ ମୋଦି ସିଧାସଳଖ LNJP ଡାକ୍ତରଖାନାକୁ ଯାଇଥିଲେ। ସୂତ୍ର ଅନୁଯାୟୀ, ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ଆହତଙ୍କୁ ବ୍ୟକ୍ତିଗତ ଭାବରେ ଭେଟି ସେମାନଙ୍କ ସହ କଥାବାର୍ତ୍ତା କରିଥିଲେ ଏବଂ ସେମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ଡାକ୍ତରଖାନାରେ ଉପସ୍ଥିତ ଅଧିକାରୀ ଓ ଡାକ୍ତରମାନେ ମଧ ତାଙ୍କୁ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ସାମ୍ବାଦିକମାନଙ୍କୁ ଏଡ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟ ଫାଟକ ପରିବର୍ତ୍ତେ ଏକ ପୃଥକ ପଛ ଫାଟକ ଦେଇ ଡାକ୍ତରଖାନା ପରିସରରେ ପ୍ରବେଶ କରିଥିଲେ। ଲାଲ୍ କିଲ୍ଲା ବିସ୍ଫୋରଣର ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ ନିଶ୍ଚିତତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ୍ କରି କହିଛନ୍ତି, "LNJP ଡାକ୍ତରଖାନା ଯାଇ ଦିଲ୍ଲୀ ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଭେଟିଲି। ସମସ୍ତଙ୍କର ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ଷଡ଼ଯନ୍ତ୍ର ପଛରେ ଥିବା ବ୍ୟକ୍ତିମାନଙ୍କୁ ନ୍ୟାୟର କାଠଗଡ଼ାକୁ ଅଣାଯିବ!" ସୋମବାର ଲାଲ୍ କିଲ୍ଲା ନିକଟରେ ଏକ କାର୍ ଭିତରେ ପ୍ରବଳ ବିସ୍ଫୋରଣ ଘଟି ୧୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୨୪ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଗାଡ଼ି ଓ ଶବଗୁଡ଼ିକ ଖଣ୍ଡ ଖଣ୍ଡ ହୋଇ ପଡ଼ିଥିଲା। ଏହା ସେହି ଦିନ ଘଟିଥିଲା, ଯେଉଁଦିନ ଜୈଶ-ଏ-ମହମ୍ମଦ ଏବଂ ଅନସାର୍ ଗଜୱାତ-ଉଲ୍-ହିନ୍ଦ ସହ ଜଡ଼ିତ ଏକ ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାସ୍ କରାଯିବା ପରେ ହରିୟାଣାର ଫରିଦାବାଦରୁ ୨,୯୦୦ କିଲୋଗ୍ରାମ IED ତିଆରି ସାମଗ୍ରୀ ଜବତ କରାଯାଇଥିଲା। ଏହି ଦୁର୍ଘଟଣା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ତାଙ୍କ ବିଦେଶ ଗସ୍ତ ଜାରି ରଖିଥିଲେ ଏବଂ ଥିମ୍ପୁରେ ଗ୍ଲୋବାଲ୍ ପିସ୍ ପ୍ରେୟାର ଫେଷ୍ଟିଭାଲ୍‌କୁ ସମ୍ବୋଧିତ କରିଥିଲେ। ତେବେ, ପ୍ରଧାନମନ୍ତ୍ରୀ ବିଶ୍ୱସ୍ତରୀୟ ମଞ୍ଚରୁ ଦୋଷୀମାନଙ୍କୁ ଏକ ଦୃଢ଼ ବାର୍ତ୍ତା ଦେଇଥିଲେ ଏବଂ ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଜଣାଇବା ପାଇଁ ସାମୟିକ ଭାବେ ଇଂରାଜୀକୁ ବଦଳାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, "ଆମେ ଏହି ଷଡ଼ଯନ୍ତ୍ରର ମୂଳକୁ ଯିବା ଏବଂ ଷଡ଼ଯନ୍ତ୍ରକାରୀଙ୍କୁ ଛଡ଼ାଯିବ ନାହିଁ।"

## ଦିଲ୍ଲୀ ବିସ୍ଫୋରଣକୁ 'ଜଘନ୍ୟ ଆତଙ୍କୀ ଆକ୍ରମଣ' କହିଲା କେନ୍ଦ୍ର

ନୂଆଦିଲ୍ଲୀ,୧୨/୧୧ : ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣା । ଭୟଙ୍କର ବିସ୍ଫୋରଣକୁ ଆତଙ୍କବାଦୀ ଆକ୍ରମଣ ବୋଲି ମାନିଲା କେନ୍ଦ୍ର କ୍ୟାବିନେଟ୍ । ଏହା ସାଧାରଣ ହମଲା ନଥିଲା ବରଂ ଏକ ଜଘନ୍ୟ ଆତଙ୍କୀ ହମଲା ବୋଲି କହିଲା କେନ୍ଦ୍ର । ଗତ ବୁଧବାର ଦିନ ୧୦ ତାରିଖ ଦିଲ୍ଲୀ ଲାଲକିଲ୍ଲା ନିକଟରେ ହୋଇଥିବା ବିରାଟ ବିସ୍ଫୋରଣ ଘଟଣାକୁ କେନ୍ଦ୍ର କ୍ୟାବିନେଟ୍ ନିନ୍ଦା କରିବା ସହ ଏହାକୁ ଏକ ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ବୋଲି ଅଭିହିତ କରିଛି । ତେବେ ଏ ଦିଗରେ ଦ୍ରୁତ ତଦନ୍ତ ପାଇଁ କେନ୍ଦ୍ର କ୍ୟାବିନେଟର ନିର୍ଦ୍ଦେଶ ଦେବା ସହ ଦୋଷୀ ଓ ସହଯୋଗୀଙ୍କୁ ଶୀଘ୍ର ଚିହ୍ନଟ କରାଯିବ ଏବଂ ବିଳମ୍ବ ନକରି ଦୋଷୀଙ୍କ ବିରୋଧରେ କଡ଼ା ଆକ୍ସନ ହେବ । ଆତଙ୍କବାଦକୁ ବରଦାସ୍ତ କରାଯିବନି । ଆତଙ୍କବାଦ ପ୍ରତି ଶୂନ୍ୟସହନଶୀଳତା ବୋଲି କେନ୍ଦ୍ର କହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ କ୍ୟାବିନେଟ୍ ଦିଲ୍ଲୀ ହମଲାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । କ୍ୟାବିନେଟ୍ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛି। ପୀଡିତମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିଥିବା ଡାକ୍ତରୀ କର୍ମଚାରୀ ଏବଂ ଜରୁରୀକାଳୀନ ବ୍ୟବସ୍ଥାକୁ ପ୍ରଶଂସା କରାଯାଇଛି। ବିସ୍ଫୋରଣକୁ କାପୁରୁଷର କାମ ବୋଲି କହିଛି କେନ୍ଦ୍ର କ୍ୟାବିନେଟ୍। ସଙ୍କଟ ସମୟରେ ସାହସ ଏବଂ କରୁଣାର ସହିତ କାମ କରିଥିବା ସୁରକ୍ଷା ଏଜେନ୍ସି, କର୍ତ୍ତୃପକ୍ଷ ଏବଂ ନାଗରିକଙ୍କ ସହାୟତା ପାଇଁ କ୍ୟାବିନେଟ ପ୍ରଶଂସା କରିଛି।

## ମିଳିଲା ନାଲି ରଙ୍ଗର ଟେରର କାର





ନୂଆଦିଲ୍ଲୀ,୧୨/୧୧ : ଲାଲକିଲ୍ଲା ବିସ୍ଫୋରଣ ପରେ ଅନ୍ତର୍ଧାନ ହୋଇଯାଇଥିବା ନାଲି ରଙ୍ଗର ଫୋର୍ଡ ଇକୋ ସ୍ପୋର୍ଟ ଟେରର କାରକୁ ଠାବ କରିଛି ପୁଲିସ। ହରିୟାଣା ପୁଲିସ୍ ଏହି ଗାଡ଼ିକୁ ଫରିଦାବାଦରରୁ ଠାବ କରିଛି। ଫରିଦାବାଦର ଖାଣ୍ଡାୱାଲି ଗାଁ ନିକଟରେ

▶▶ପୃଷ୍ଠା ୭

## ଆଉ ଜଣେ ଦଲାଲକୁ ବାନ୍ଧିଲା କ୍ରାଇମବ୍ରାଞ୍ଚ: ଦୀଘା ମଡ୍ୟୁଲର ମାଷ୍ଟରମାଇଣ୍ଡ ଥିଲା ସାଗର



ଭୁବନେଶ୍ୱର, ୧୨/୧୧ (ନି.ପ୍ର): ରାଜ୍ୟର ସବୁଠୁ ବଡ଼ ସ୍କାମ କୁହାଯାଉଥିବା ପୋଲିସ ଏସଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ନେପଥ୍ୟ ଖଳନାୟକଙ୍କ ବଢ଼ିଯାଇଛି ହାର୍ଟ ବିଟ । ସିବିଆଇ ତଦନ୍ତ ନେଇ ନୋଟିଫିକେସନ ଜାରି ପରେ ମାମଲା ହୋଇଛି ଆହୁରି ହିଟ । ଗୋଟିଏ ପଟେ ସିବିଆଇ ତଦନ୍ତ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ସେପଟେ ଲାଷ୍ଟ ମୁମେଣ୍ଟରେ ବି ଗିରଫଦାରି ଜାରି ରଖିଛି କ୍ରାଇମବ୍ରାଞ୍ଚ । ପୁରା ସ୍କାମର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟିର ଘନିଷ୍ଠ ସାଗର ଗୌଡ଼କୁ ଆଜି ବାନ୍ଧିଛି ତଦନ୍ତକାରୀ ସଂସ୍ଥା। ସାଗରକୁ ନୋଟିସ ଦେଇ କ୍ରାଇମବ୍ରାଞ୍ଚ ଅଫିସକୁ

▶▶ପୃଷ୍ଠା ୭

## ରେକର୍ଡ ମତଦାନ : ନିର୍ଣ୍ଣାୟକ ଭୂମିକାରେ ମହିଳା ଭୋଟର, ୧୪ ଟେବୁଲରେ ୨୬ରାଉଣ୍ଡ ଗଣତି



ନୂଆପଡ଼ା, ୧୨/୧୧ (ନି.ପ୍ର): ନୂଆପଡ଼ା ଉପନିର୍ବାଚନରେ ରେକର୍ଡ ପରିମାଣର ୮୩.୪୫ ପ୍ରତିଶତ ମତଦାନ ହୋଇଛି । ପୁରୁଷଙ୍କ ତୁଳନାରେ ପ୍ରାୟ ୩ ପ୍ରତିଶତ ଅଧିକ ମହିଳା ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ରେକର୍ଡ ପରିମାଣର ମତଦାନ ପରେ ୩ ପ୍ରମୁଖ ରାଜନୀତିକ ଦଳ ମଧ୍ୟରେ ଛନକା ପଶିଛି । ୧୦ହଜାର ଭୋଟ ବ୍ୟବଧାନରେ ଜିତିବା ନେଇ ବିଜେଡି ଦମ୍ଭୋକ୍ତି ବାଢ଼ିଥିବାବେଳେ ବିଜେପି ୩୦ରୁ ୪୦ହଜାର ଭୋଟରେ ଜିତିବ ବୋଲି କହିଛି। କଂଗ୍ରେସ ମଧ ବିଜେପି ଓ ବିଜେଡି ସହ ତାଳଦେଇ ଜିତିବ ବୋଲି ଦାବି କରିଛି । ଏସବୁ ମଧରେ ଆସନ୍ତା ୧୪ତାରିଖରେ ନୂଆପଡ଼ାର ନ୍ୟାସନାଲ କଲେଜ ପରିସରରେ ଭୋଟଗଣତି ପାଇଁ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ଶେଷ ହୋଇଛି । ୧୪ଟି ଟେବୁଲରେ ମୋଟ ୨୬ରାଉଣ୍ଡ ଗଣତି ହେବ ଓ ସକାଳ ୮ଟାରୁ ଏହି ଗଣତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ପ୍ରଶାସନ ସୂଚନା ଦେଇଛି। ନୂଆପଡ଼ା ଉପନିର୍ବାଚନରେ ୮୩.୪୫ ପ୍ରତିଶତ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ମତଦାନ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଗତକାଲି ଦେଶର ଅନ୍ୟ ୮ଟି ରାଜ୍ୟରେ ବିଧାନସଭା ଉପନିର୍ବାଚନ ତୁଳନାରେ ନୂଆପଡ଼ାରେ ଅଧିକ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ଯାହାକି ଏକ ଐତିହାସିକ ରେକର୍ଡ ବୋଲି ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର କହିଛନ୍ତି । ପୁରୁଷ ଭୋଟରଙ୍କ ତୁଳନାରେ ଅଧିକ ମହିଳା ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହା ଗତକାଲି ଦେଶର ଉପନିର୍ବାଚନ ମଧରେ ସର୍ବାଧିକ ଅଂଶଗ୍ରହଣ ବୋଲି ସେ କହିଛନ୍ତି । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ, ନୂଆପଡ଼ା ଉପନିର୍ବାଚନରେ ମୋଟ ୩୫୮ଟି ବୁଥରେ ରେକର୍ଡ ସଂଖ୍ୟକ ୨ଲକ୍ଷ ୧୨ହଜାର

▶▶ପୃଷ୍ଠା ୭

## ଇଣ୍ଡିଆ ଗେଟ୍ ଆଖପାଖ ଅଞ୍ଚଳ ବିଷାକ୍ତ କୁହୁଡ଼ିର ଘନ ଚାଦର

ନୂଆଦିଲ୍ଲୀ,୧୨/୧୧ : ଜାତୀୟ ରାଜଧାନୀ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ ଆଜି ମଧ ପ୍ରାୟତଃ ଅପରିବର୍ତ୍ତିତ ରହିଛି। ସକାଳେ ଇଣ୍ଡିଆ ଗେଟ୍ ଏବଂ କର୍ତ୍ତବ୍ୟ ପଥ ଆଖପାଖ ଅଞ୍ଚଳ ବିଷାକ୍ତ କୁହୁଡ଼ିର ଘନ ଚାଦରରେ ଘୋଡ଼ାଇ ହୋଇ ରହିଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, ଏହି ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୮ ଥିଲା, ଯାହା ଗମ୍ଭୀର ବର୍ଗରେ ରହିଛି। ପୂର୍ବରୁ ଦିଲ୍ଲୀରେ ମଙ୍ଗଳବାର ଦିନ, ଦିଲ୍ଲୀର ବାୟୁ ଗୁଣବତ୍ତା ପ୍ରଥମ ଥର ପାଇଁ ଗମ୍ଭୀର ବର୍ଗରେ ପହଞ୍ଚିଥିଲା। ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ ୪୨୫ ରେକର୍ଡ କରାଯାଇଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ତଥ୍ୟ ପ୍ରକାଶ କରିଛି। ରାଜଧାନୀରେ ବାୟୁ ଗୁଣବତ୍ତା ଏହି ସ୍ତରକୁ ପହଞ୍ଚିବା ପାଇଁ ସ୍ଥିର ପାଗ ପରିସ୍ଥିତି ଏବଂ ସ୍ଥାନୀୟ ନିର୍ଗମନ ଦାୟୀ ବୋଲି ବିଶ୍ୱାସ କରାଯାଉଛି।

## ବୈଦ୍ୟୁତିକ ଯାନ ନୀତି ୨.୦ ଉପରେ ଆଲୋଚନା

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତିରେ ପ୍ରସ୍ତାବିତ ସଂଶୋଧନ ଉପରେ ଏକ ଅଂଶୀଦାର ପରାମର୍ଶ ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ରାଜ୍ୟର ଇଭି ଇକୋସିଷ୍ଟମ୍ କୁ ସୁଦୃଢ଼ କରିବା ଏବଂ ଆଗାମୀ ଓଡ଼ିଶା ଇଭି ନୀତି ୨.୦ ର ଢାଞ୍ଚା ଗଠନ ଉପରେ ବିଚାର ବିମର୍ଶ କରିବା ପାଇଁ ଏକାଧିକ ବିଭାଗ ଓ କ୍ଷେତ୍ରର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ଖାରବେଳ ଭବନ ପଞ୍ଚମ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ କମିଶନର ଅମିତାଭ ଠାକୁର , ସିଏମଡି-ଓଏସଆରଟିସି ଏନ. ବି. ଏସ. ରାଜପୁତ , କୁଟ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ , ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ , ଶକ୍ତି, ଅର୍ଥ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି

କଟକ, ୧୨/୧୧ (ନି.ପ୍ର): ଆଉ ଗୋଟିଏ ଦିନ ବଢ଼ିଲା କଟକ ବାଲିଯାତ୍ରା। ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଏହାଦ୍ୱାରା ବାଲିଯାତ୍ରା ଆଜି ୧୨ ତାରିଖ ପରିବର୍ତ୍ତେ ଆସନ୍ତା କାଲି ୧୩ ତାରିଖ ଦିନ ଉଦ୍ ?ଯାପିତ ହେବ। ବାଲିଯାତ୍ରା ପ୍ରତି ସାଧାରଣ ଲୋକଙ୍କ ଆକର୍ଷଣ ଓ ଆଗ୍ରହ ତଥା ମେଳାରେ ବ୍ୟବସାୟୀମାନଙ୍କ କାରବାରକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ଏହାର ଅବଧି ବୃଦ୍ଧି କରିଛନ୍ତି। ଏଣେ ଆସନ୍ତାକାଲି ପ୍ରଖ୍ୟାତ ବଲିଉଡ ଗାୟିକା ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ରହିଛି।

## ଟି-୨୦ ଭାରତ-ଦକ୍ଷିଣ ଆଫ୍ରିକା: ବାରବାଟୀରେ ତ୍ରୁଟିଶୂନ୍ୟ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍



ଭୁବନେଶ୍ୱର, ୧୨/୧୧ (ନି.ପ୍ର): ଆସନ୍ତା ଡିସେମ୍ବର ୯ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ପ୍ରସ୍ତାବିତ ଭାରତ-ଦକ୍ଷିଣ ଆଫ୍ରିକା ଆନ୍ତର୍ଜାତିକ ଟି-୨୦ କ୍ରିକେଟ୍ ମ୍ୟାଚର ତ୍ରୁଟିପୂର୍ଣ୍ଣ ଆୟୋଜନ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି । ବାରବାଟୀରେ ଏହି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ ପାଇଁ ବିଶ୍ୱସ୍ତରୀୟ ପ୍ରସ୍ତୁତି, ଫୁଲ୍ ପ୍ରୁଫ୍ ବ୍ୟବସ୍ଥା କରିବା ସହ ଓଡ଼ିଶାର ମର୍ଯ୍ୟାଦା ଯେଭଳି କ୍ଷୁଣ୍ଣ ନହେବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି । ଆଜି ଲୋକସେବା ଭବନରେ ଆୟୋଜିତ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ତ୍ରୁଟିଶୂନ୍ୟ ଆୟୋଜନ ନିମନ୍ତେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଗତବର୍ଷ ବାରବାଟୀରେ ଆନ୍ତର୍ଜାତିକ ଦିନିକିଆ ମ୍ୟାଚବେଳେ ବିଦ୍ୟୁତ ବ୍ରିଭାଟକୁ ନେଇ ସରକାରଙ୍କୁ ସମାଲୋଚନା ହେବାକୁ ପଡ଼ିଥିଲା । ତେଣୁ ଆଜିର ବୈଠକରେ ସେଭଳି ଘଟଣାର ପୁନରାବୃତ୍ତି ନହେବା ଏବଂ ଓଡ଼ିଶାର ମର୍ଯ୍ୟାଦା ଯେଭଳି କ୍ଷୁଣ୍ଣ ନହୁଏ ତା'ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେଇଥିବା ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନରେ ଓଡ଼ିଶାର ସୁନାମ ରହିଛି ଓ ବାରବାଟୀ ଷ୍ଟାଡିୟମରେ ପୂର୍ବରୁ ଅନେକ ମ୍ୟାଚ୍ ମଧ ସୁବ୍ୟବସ୍ଥିତ ଢଙ୍ଗରେ ଆୟୋଜିତ ହୋଇଛି । କ୍ରିକେଟ୍ ଅତ୍ୟନ୍ତ ଲୋକପ୍ରିୟ ଖେଳ ହୋଇଥିବାରୁ ଏହି ମ୍ୟାଚ୍ ଉପରେ ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ । ତେଣୁ ଆୟୋଜନ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ହେବ ତଥା ଓଡ଼ିଶାର ମର୍ଯ୍ୟାଦା ସୁରକ୍ଷିତ ରହିବ, ସେଥିପାଇଁ ସମସ୍ତେ ସଚେତନ ରହିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

## ଏଣିକି ସହଜ ଜମି ପଟ୍ଟା ସଂଶୋଧନ: ତହସିଲଦାରଙ୍କୁ ପୁରୁଣା କବଲା ସଂଶୋଧନ କ୍ଷମତା

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ଆପଣଙ୍କ ଜମି ପଟ୍ଟାରେ କିଛି ଭୁଲ ରହିଯାଇଛି କି ? ଏହାର ସଂଶୋଧନ ପାଇଁ ଆପଣ ଚିନ୍ତିତ କି ? ତେବେ ଏଣିକି ଆଉ ଟେନସନ ନିଅନ୍ତୁ ନାହିଁ । କାରଣ ସରକାର ଏବେ ନିୟମରେ ଏକ ବଡ ପରିବର୍ତ୍ତନ କରିଛନ୍ତି । ଏଣିକି ସହଜ ହେବ ପଟ୍ଟା ସଂଶୋଧନ । ପୁରୁଣା ପଞ୍ଜୀକୃତ କବଲା କିମ୍ବା ଅନ୍ୟାନ୍ୟ ବୈଧ ଦଲିଲ ସମ୍ବନ୍ଧୀୟ ଜମିଜମା ରେକର୍ଡର ସଂଶୋଧନ ପାଇଁ ତହସିଲଦାରଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ଏନେଇ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍‌ସର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି । କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଏଭଳି ସଂଶୋଧନ ହେବ । ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରନ୍ତି । କିନ୍ତୁ ଯଦି କୌଣସି କାରଣ ଯୋଗୁଁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନଥାଏ, ତେବେ କ୍ରେତା ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାନ୍ତି । ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ, ଏହି ଅପିଲଗୁଡିକ ବର୍ଷ ବର୍ଷ ଧରି ଫଇସଲା ନହୋଇ ପଡି ରହିଥାଏ । କିନ୍ତୁ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ରୁଲ୍ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସଂପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା) ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ । ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବ ନାହିଁ ।

## ବନ୍ଦେ ମାତରମ୍ ର ୧୫୦ତମ ବର୍ଷ ପୂର୍ତ୍ତି ପାଳନ

ଜୟପୁର,୧୨/୧୧ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଜାତୀୟ ଗୀତ ବନ୍ଦେ ମାତରମ୍ ର ୧୫୦ତମ ବର୍ଷ ପୂର୍ତି ଉପଲକ୍ଷେ ସାମୂହିକ ଗାୟନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର୍ ଷ୍ଟାଡିୟମରୁ ପ୍ରଧାନମନ୍ତ୍ରୀଙ୍କ ଭାଷଣର ସିଧା ପ୍ରସାରଣ ହୋଇଯାଇଛି ।
ପ୍ରାତଃ ୧୦ଟାରେ ବିଶ୍ୱବିଦ୍ୟାଳୟର ସମ୍ମେଳନ ହଲ୍ ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ଏହା ଏକସଙ୍ଗରେ କ୍ୟାମ୍ପସ୍ ର ସମସ୍ତ ସ୍ମାର୍ଟ କ୍ଲାସ୍ ରୁମ୍ ଗୁଡ଼ିକରେ ପ୍ରସାରଣ କରାଗଲା । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପାଣ୍ଡାଙ୍କ ନେତୃତ୍ୱରେ ଶିକ୍ଷକମାନେ, କର୍ମଚାରୀଏବଂ ଛାତ୍ରଛାତ୍ରୀମାନେ ଉତ୍ସାହ ପ୍ରକାଶ କରି ସାମୂହିକ ଗାୟନରେ ଅଂଶଗ୍ରହଣ କରିଥିଲେ ।
ଏହି ଅବସରରେ ପ୍ରଫେସର ପାଣ୍ଡା ବନ୍ଦେ ମାତରମ୍ ର ଐତିହାସିକ ଓ ରାଷ୍ଟ୍ରୀୟ ମହତ୍ୱ ବିଷୟରେ ଆଲୋଚନା କରିଥିଲେ । ସେ କହିଲେ ଯେ, ଏହି ଗୀତଟି ବଙ୍କିମଚନ୍ଦ୍ର ଚଟ୍ଟୋପାଧାୟଙ୍କ ରଚିତ ଏବଂ ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମ ସମୟରେ ରାଷ୍ଟ୍ରୀୟ ପ୍ରେରଣାର ପ୍ରତୀକ ଭାବେ ଉଭା ହୋଇଥିଲା । ୨୪ ଜାନୁଆରୀ ୧୯୫୦ ରେ ଏହାକୁ ସଂବିଧାନ ସଭା ଦ୍ୱାରା ଭାରତର ଜାତୀୟ ଗୀତ ଭାବରେ ଅଙ୍ଗୀକାର କରାଯାଇଥିଲା । ସେ କହିଲେ, "ବନ୍ଦେ ମାତରମ୍ ଜାତୀୟ ଗୌରବ, ଏକତା ଓ ମାତୃଭୂମି ପ୍ରତି ଭକ୍ତିର ପ୍ରତୀକ ଅଟେ । ସଂସ୍କୃତ ଓ ବଙ୍ଗାଳୀ ଭାଷାର ସମନ୍ୱୟରେ ରଚିତ ଏହି ଗୀତଟି ଭାରତର ବିବିଧତା ଓ ସମୃଦ୍ଧ ସାମ୍ପ୍ରଦାୟିକ ଐତିହ୍ୟକୁ ପ୍ରକାଶ କରେ ।"
ସାମୂହିକ ଗାୟନ ପରେ ପ୍ରତିଭାଗୀମାନେ ପ୍ରଧାନମନ୍ତ୍ରୀଙ୍କ ଭାଷଣର ସିଧା ପ୍ରସାରଣ ଦେଖିଥିଲେ । କାର୍ଯ୍ୟକ୍ରମର ସମନ୍ୱୟ ଲୋକସଂପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ ଓ ଏନ୍.ଏସ୍.ଏସ୍. ପ୍ରୋଗ୍ରାମ କୋଓର୍ଡିନେଟର ଡ଼ଃ ଅଞ୍ଜନେୟଲୁ ଥୋଟାପଲ୍ଲୀ କରିଥିଲେ । ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ କାର୍ଯ୍ୟକ୍ରମର ଫଟୋ ଓ ଭିଡ଼ିଓ ସୋସିଆଲ୍ ମିଡିଆରେ ସେୟାର୍ କରିଥିଲେ ।
ବିଶ୍ୱବିଦ୍ୟାଳୟ ୭ ନଭେମ୍ବର ୨୦୨୫ ଠାରୁ ୭ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ବନ୍ଦେ ମାତରମ୍ ର ୧୫୦ତମ ବର୍ଷ ପାଳନ ପାଇଁ ବିଭିନ୍ନ ବାର୍ଷିକ କାର୍ଯ୍ୟକ୍ରମ ଆୟୋଜନ କରୁଛି ବୋଲି ବିଶ୍ୱବିଦ୍ୟାଳୟରେ ଲୋକସମ୍ପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ ଜଣେଇଛନ୍ତି ।

## ଫସଲ ଜଗିବାକୁ ଯାଇ ହାତୀ ଆକ୍ରମଣରେ ଦୁଇ ଜଣଙ୍କ ଶୋଚନୀୟ ମୃତ୍ୟୁ

ସମ୍ବଲପୁର,୧୨/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ବାମରା ବନଖଣ୍ଡ ଅନ୍ତର୍ଗତ ବଡ଼ରମା ରେଞ୍ଜ ଉଷାକୋଠି ଅଭୟାରଣ୍ୟ ଭିତରେ ଘଟିଯାଇଛି ଏକ ଦୁଃଖଦ ଅଘଟଣ । ଅଭୟାରଣ୍ୟ ଭିତରେ ଥିବା କୁତବ ଗ୍ରାମର ଦୁଇଜଣ ଯୁବକ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଜଣାପଡିଛି । କୁଚିଣ୍ଡା ଉପଖଣ୍ଡ ବିଭିନ୍ନ ଜଙ୍ଗଲ ନିକଟସ୍ଥ ଗ୍ରାମରେ ମଣିଷ ଓ ହାତୀ ଲଢ଼େଇ ଏକ ନିତିଦିନିଆ ଘଟଣା । ଜଙ୍ଗଲ ଭିତରେ ଖାଦ୍ୟ ଅଭାବ ଯୋଗୁଁ ବିଭିନ୍ନ ସମୟରେ ହାତୀ ଗ୍ରାମାଭିମୁଖୀ ହୋଇ ବହୁ ଫସଲ ହାନି କରିଥାଆନ୍ତି । ବର୍ତ୍ତମାନ ଉପଖଣ୍ଡ ଚାଷୀଙ୍କ ଆମଦାନୀର ମୁଖ୍ୟ ଉତ୍ସ ଖରିଫ୍ ଧାନ । ଅମଳ ପୂର୍ବରୁ ବାରହା, ହାତୀ ଓ ଅନ୍ୟାନ୍ୟ ବନ୍ୟ ଜୀବଜନ୍ତୁଙ୍କ ଦାଉରୁ ରକ୍ଷା କରିବା ପାଇଁ ସୋମବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ଗ୍ରାମର ପ୍ରଦୀପ ଘଟୁଆଳ ଏବଂ ଗଙ୍ଗାରାମ ପଟେଲ ନାମକ ଦୁଇ ଯୁବକ ନିଜ ନିଜ ଚାଷ ଜମିକୁ ଜଗିବାକୁ ଯାଇଥିଲେ । ମାତ୍ର ନିଜ ଜମିରେ ପହଂଚିବା ପୂର୍ବରୁ ହଠାତ୍ ହାତୀ ଆକ୍ରମଣର ଶିକାର ହୋଇ ଉଭୟଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା । ମଙ୍ଗଳବାର ସକାଳେ ଚାଷଜମିରେ ଓ ଜମିପାର୍ଶ୍ୱ ରାସ୍ତା କଡରେ ଦୁଇଜଣ ବ୍ୟକ୍ତିଙ୍କ ପୃଥକ୍ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ବନ ବିଭାଗ ଓ ଜମନକିରା ଥାନାକୁ ଖବର ଦେଇଥିଲେ । ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପଧାନ, ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ ଓ ତହସିଲଦାର ପ୍ରବୀଣା ବିଲୁଙ୍ଗ ପ୍ରମୁଖ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ଦୁଇ ମୃତକଙ୍କ ପରିଚୟ ମିଳିବା ପରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକଙ୍କୁ ବହୁ କଷ୍ଟରେ ବୁଝାସୁଝା କରି ଦୁଇ ମୃତକଙ୍କ ବ୍ୟବଚ୍ଛେଦ ପାଇଁ ପୋଲିସ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଥିଲା । ତହସିଲଦାର ପ୍ରବୀଣା ବିଲୁଙ୍ଗ ଓ ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କ ଉପସ୍ଥିତିରେ ଦୁଇ ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବା ସହିତ ସାତ ଦିନ ମଧ୍ୟରେ ଉଭୟ ପରିବାରଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର ର ରେଞ୍ଜର ଶ୍ରୀ ପ୍ରଧାନ ପ୍ରତିଶୃତି ଦେଇଥିଲେ । ଜଙ୍ଗଲରେ ହାତୀ ଗତିବିଧି ପ୍ରତି ବନ ବିଭାଗ ଲକ୍ଷ୍ୟ ରଖୁଥିଲେ ମଧ୍ୟ ଜନ ସାଧାରଣଙ୍କୁ ଏ ସମ୍ପର୍କରେ ସତର୍କ କରୁନଥିବା ଯୋଗୁଁ ଆଜି ଏପରି ଦୁର୍ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି କୁତବ ଗ୍ରାମକୁ ଭଲ ରାସ୍ତା ଏବଂ ବନ ବିଭାଗ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି । ମୃତକ ପରିବାରଙ୍କୁ ବନ ବିଭାଗ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ, କୁତବ ଗ୍ରାମକୁ ବସ ଚଳାଚଳ, ଗ୍ରାମରେ ଷ୍ଟ୍ରୀଟ୍ ଲାଇଟ, ଗ୍ରାମକୁ କଂକ୍ରିଟ ରାସ୍ତା ସହିତ ଅନ୍ୟ ସରକାରୀ ସାହାଯ୍ୟ ଯଥାଶୀଘ୍ର ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି । ଆଗାମୀ ୪୫ ଦିନରେ ଏହାର ସମାଧାନ କରାନଗଲେ ବଡରମା ରେଞ୍ଜ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ କଡ଼ା ଚେତାବନୀ ଦେଇଛନ୍ତି ।

## ଘଟଗାଁ ମା' ତାରିଣୀଙ୍କ ହୁଣ୍ଡି ଦାନ ଟଙ୍କା ଗଣତି

ଘଟଗାଁ,୧୨/୧୧ (ନି.ପ୍ର): ଘଟଗାଁ ଅଧିଷ୍ଠାତ୍ରୀ ମା' ତାରିଣୀଙ୍କ ମନ୍ଦିର ପରିସରରେ ଥିବା ୧୩ଟି ହୁଣ୍ଡିରେ ଥିବା ଭକ୍ତମାନଙ୍କ ଦାନ ପ୍ରତିମାସ ପରି ଚଳିତ ନଭେମ୍ବର ମାସରେ ଗଣତି ହୋଇଛି । ଗଣତିରୁ ୩୮ଲକ୍ଷ ୧୯ହଜାର ୪୫୧ ଟଙ୍କା, ୪୯ଗ୍ରାମ ୨୨୦ ମିଲିଗ୍ରାମ ସୁନା ଏବଂ ୧ କିଲୋଗ୍ରାମରୁ ଅଧିକ ରୁପା ମିଳିଥିବା ଜଣାପଡିଛି । ଗଣତି ବେଳେ ଦେବୋତର ନିରୀକ୍ଷକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ସଂଜୀବ ମହାପାତ୍ର, ଘଟଗାଁ ଥାନାଧିକାରୀ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ତାରିଣୀ ମନ୍ଦିର କର୍ମଚାରୀ ମାନେ ସହଯୋଗ କରିଥିବା ଟ୍ରଷ୍ଟ ବୋର୍ଡ ସୂତ୍ରରୁ ପ୍ରକାଶ ।

## ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ

ପୁରୀ,୧୨/୧୧ (ନି.ପ୍ର): ସାମ୍ପ୍ରତିକ ବିଶ୍ୱରେ ଜଳବାୟୁର ପରିବର୍ତନ ଏକ ବଡ ସମସ୍ୟା ଆକାରରେ ଉଭା ହୋଇଛି । ଏ ସମ୍ପର୍କରେ ବିଶ୍ୱ ସ୍ତରରେ ମଧ ଅନେକ ବୈଠକ ଓ ପଦକ୍ଷେପ ନିଆଯାଉଛି । କିନ୍ତୁ, ଆମ ସମସ୍ତଙ୍କ ସାମୁହିକ ଦାୟିତ୍ୱ ଏହାର ସମାଧାନ କରିବାରେ ସହାୟତା କରିବ ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି । ଆଜି ପୂର୍ବାହ୍ନରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଏକ ନିରନ୍ତର ବିକାଶ ଓ ସ୍ଥାୟୀ ଭବିଷ୍ୟତ ପାଇଁ ଜଳବାୟୁ ପରିବର୍ତନ ସହିତ ମୁକାବିଲା ଶୀର୍ଷକ ଏକ ଆଲୋଚନାଚକ୍ର ଜିଲ୍ଲା ପ୍ରଶାସନ ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପୃଷ୍ଟି ପୂର୍ବ ତୁଳନାରେ ବର୍ତମାନର ବିଶ୍ୱ ଉତପ୍ତ ହେବା ସହ ପ୍ରତ୍ୟେକଙ୍କ ବ୍ୟବହାରରେ ଅନେକ ପରିବର୍ତନ ଘଟି ଚାଲିଛି । ଯାହା ବିଶ୍ୱ ପ୍ରତି ବଡ ସମସ୍ୟା ହୋଇଛି । ଏହାର ନିରାକରଣ ପାଇଁ ବ୍ୟାପକ ସଚେତନତା, ସାମୁହିକ ଉଦ୍ୟମ ଓ ଆନ୍ତରିକ ସମନ୍ୱୟ ଜରୁରୀ ବୋଲି କହିବା ସହ ପିଲାମାନେ ହିଁ ଏହି ପରିବର୍ତନକୁ ଆଗେଇ ନେବେ ବୋଲି ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡଃ. ଚିତରଞ୍ଜନ ଦ୍ୱିବେଦି ଜଳବାୟୁ ପରିବର୍ତନକୁ ନିୟନ୍ତ୍ରଣ ପାଇଁ ପିଲା ମାନଙ୍କ ପାଠ୍ୟ ପୁସ୍ତକରେ ବର୍ତମାନ ପରିବେଶ ସମ୍ପର୍କରେ ବିଷୟ ସ୍ଥାନିତ ହୋଇଛି । ମଣିଷ ମାନଙ୍କର ଲୋଭ, ଅହେତୁକ ଆବଶ୍ୟକତାର ପୂରଣ ପାଇଁ ସମଗ୍ର ଜୀବ ଜଗତ କ୍ଷତିଗ୍ରସ୍ତ ହେଉଛି । ଏହାକୁ ପ୍ରତିହତ ପାଇଁ ସାମୁହିକ ଚେଷ୍ଟା ପାଇଁ ସେ ପରାମର୍ଶ ଦେଇଥିଲେ । ବିଷୟ ବିଶାରଦ ଭାବେ ସହକାରୀ ପ୍ରଫେସର ଡଃ. ପ୍ରମୋଦ କୁମାର ତ୍ରିପାଠୀ ଓ ଦି ବେଲ ଅନୁଷ୍ଠାନର ପ୍ରତିଷ୍ଠାତା ସିଦ୍ଧାର୍ଥ ରାୟ ପାଓ୍ୱାର ପଏଂଟ ପ୍ରେଜେଂଟେସନ ମାଧମରେ ବିସ୍ତୃତ ସୂଚନା ଦେଇ ଜଳବାୟୁ ପରିବର୍ତନର କାରଣ ଓ ନିରାକରଣ, ବର୍ତମାନ ବିଶ୍ୱରେ ଜଳବାୟୁର ସ୍ଥିତି, ମଣିଷ ସମାଜର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ।
ପ୍ରାରମ୍ଭରେ ଯୋଜନା ଓ ସମୀକ୍ଷା କାର୍ଯ୍ୟାଳୟ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରାଧାପିକା ଡଃ. ସଙ୍ଗୀତା ମିଶ୍ର ମଂଚ ପରିଚାଳନା କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋଚନାଚକ୍ରରେ ଅଂଶଗ୍ରହଣ କାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଅତିଥି ମାନେ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ।

## ଗ୍ରହଣ ଖଣ୍ଡିଆ ଶିଶୁ ଚିକିତ୍ସା ଶିବିର

ଜୟପୁର,୧୨/୧୧ (ନି.ପ୍ର): ଜୟପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ପରିସରରେ ଗ୍ରହଣ ଖଣ୍ଡିଆ ଶିଶୁ ମାନଙ୍କ ଚିକିତ୍ସା କରାଯାଇଛି । ରାଷ୍ଟ୍ରୀୟ ବଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧମରେ ଆୟୋଜିତ ଏହି ଶିବିରରେ ମୋଟ ୮୫ ଜଣ ଗ୍ରହଣ ଖଣ୍ଡିଆ ଶିଶୁ ମାନଙ୍କୁ ଆଜି ଚିକିତ୍ସା କରାଯିବା ପରେ ଉଚ୍ଚ ସ୍ତରୀୟ ଚିକିତ୍ସା ନିମନ୍ତେ କଟକର ବାଲିକୁଦାକୁ ପଠାଯାଇଛି । ଏହି ରୋଗୀ ମାନଙ୍କୁ ମାଗଣାରେ ଚିକିତ୍ସା କରାଯିବ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଏନଏଚଏମର ପ୍ରୟାସରେ ଏହି ଉଦ୍ୟମ ଦ୍ୱାରା ଅନେକ ଶିଶୁ ମୁଖମଣ୍ଡଳ ତ୍ରୁଟିରୁ ମୁକ୍ତ ହୋଇ ସୁସ୍ଥ ଜୀବନ ଯାପନ କରିପାରିବେ ।

## କଦମପଡା ଶିଶୁମନ୍ଦିରରେ 'ଗଣିତ ହାଟ' କାର୍ଯ୍ୟକ୍ରମ

ବଲାଙ୍ଗିର,୧୨/୧୧ (ନି.ପ୍ର): କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ "ଗଣିତ ହାଟ" କାର୍ଯ୍ୟକ୍ରମ ଡ. ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଅଧକ୍ଷ ତ୍ରିବିକ୍ରମ ଦାଶ ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ପ୍ରବନ୍ଧକ, ଷ୍ଟେଟ ବ୍ୟାଙ୍କ, ବଲାଙ୍ଗୀର ପ୍ରମୋଦ କୁମାର ଦାଶ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅତିଥି ପରିଚୟ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର ପ୍ରଦାନ କରିଥିବା ବେଳେ ସଂଯୋଜନା ଛାତ୍ର ପ୍ରତ୍ୟୁଷ ତ୍ରିପାଠୀ, ଇଚ୍ଛାମୟ ମିଶ୍ର ଓ ଗୁରୁମା ରଶ୍ମି ମିଶ୍ର କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଥମରୁ ପଂଚମ ଶ୍ରେଣୀ ଯାଏଁ ଅଧ୍ୟୟନରତ ୧୩୯ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ବିଦ୍ୟାଳୟ ପରିସରରେ ସେମାନଙ୍କ ପାଇଁ ଉଠା ଦୋକାନର ବନ୍ଦୋବସ୍ତ କରାଯାଇଥିଲା । ଛାତ୍ରଛାତ୍ରୀମାନେ ମୁଖ୍ୟତଃ ମିଷ୍ଟାନ୍ନ, ପିଠା, ଚାହା, ବହିପତ୍ର, ଖେଳଣା, ମାଟି ତିଆରି ବସ୍ତୁ, ପନିପରିବା, ଖାଦ୍ୟପଦାର୍ଥ, ଷ୍ଟିଲ ବସ୍ତୁ ଆଦି ବିଭିନ୍ନ ପ୍ରକାରର ଜିନିଷ ଆଣିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ/ ଅଭିଭାବିକାମାନେ ଆସି ସାମଗ୍ରୀ କିଣିଥିଲେ । ଗୁରୁଜୀ ଗୁରୁମା ମାନେ ଏଥିରେ ଛାତ୍ରଛାତ୍ରୀଙ୍କୁ କିଣାବିକାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମଟି ସକାଳ ୭ଟା ୩୦ମି.ରୁ ଆରମ୍ଭ ହୋଇ ଦିନ ୧୦ଟା ୩୦ ମିନିଟ ଯାଏଁ ଚାଲିଥିଲା । ମୁଖ୍ୟ ଅତିଥି କହିଲେ ଯେ, ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଗ୍ରାମ୍ୟହାଟର ଅନୁଭବ ସହ ଗାଣିତିକ ଜ୍ଞାନ ପ୍ରତି ରଚି ବଢାଇବ । ମଂଚାସିନ ଅନ୍ୟ ଅତିଥିଙ୍କ ମଧ୍ୟରେ ଉପ ସଭାପତି ରବୀନ୍ଦ୍ର ପଣ୍ଡା, ସଂପାଦକ ତରଣୀସେନ ପଟେଲ, କୋଷାଧକ୍ଷ ପ୍ରକାଶ ଚନ୍ଦ୍ର ତରିଆ ଉପସ୍ଥିତ ଥିଲେ । ଗୁରୁଜୀ ପ୍ରଦୀପ ମେର୍ଲ୍ଲୀଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

## ଆସ ଆମେ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୧୨/୧୧ (ନି.ପ୍ର): ଜାତୀୟ ଶିକ୍ଷା ଦିବସ ଅବସରରେ ୟୁ.କେ.ପି ହାଇସ୍କୁଲ, ଜୟପୁର ରେ "ଆସ ଆମେ ସ୍କୁଲ ଯିବା" କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ବିଦ୍ୟାଳୟରେ ପ୍ରଶିକ୍ଷଣ ନେଉଥିବା ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ବି.ଏଡ ଗୁରୁ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଦ୍ୟାଳୟ ରେ ଅନୁପସ୍ଥିତ ରହୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ନିୟମିତ ବିଦ୍ୟାଳୟ କୁ ଆଣିବ ପାଇଁ ସେହି କାର୍ଯକ୍ରମ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ର ବି.ଏଡ ବିଭାଗ ର ବିଭାଗୀୟ ମୁଖ୍ୟ ଡ଼କ୍ଟର ମନୋରଞ୍ଜନ ପ୍ରଧାନ ଓ ପ୍ରଧ୍ୟାପକ ଶ୍ରୀ ଲୋକେଶ ପ୍ରଧାନ, ପ୍ରଧ୍ୟାପକ ଡ଼କ୍ଟର ନରେନ୍ଦ୍ର ମହାରଣା ଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ନିଜର ସମ୍ପୂର୍ଣ୍ଣ ସହଯୋଗ ଦେଇଥିଲେ :ୟୁ.କେ.ପି ହାଇସ୍କୁଲ ଜୟପୁର ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଧରିତ୍ରୀ ମହାରଣା, ଶ୍ରୀମତୀ ମୂର୍ଚ୍ଛନା ଚିନ୍ନପା, ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ , ଶ୍ରୀମତୀ ସୀମା ଜୟଧର , ଶ୍ରୀଯୁକ୍ତ ତାପସ ବିଶୋଇ, ଶ୍ରୀମତୀ ସସ୍ମିତରେଖା ଜେନା , ଶ୍ରୀମତୀ ମେଘାରାଣୀ ପଲ୍ ଆଦି ସହଯୋଗ କରିଥିଲେ । ବିଶେଷ ଭାବରେ ଗୁରୁ ଛାତ୍ର ଛାତ୍ରୀ ଅମିତ୍ ମହାନ୍ତ , କ୍ରିଷ୍ଣାରାଣୀ ସାହୁ,ଅମିତ୍ ତ୍ରିପାଠୀ ,ଅଭିଷେକ ରାଜ ପାଙ୍ଗି,ସସ୍ମିତା ମାଝୀ, ସୁଶ୍ରୀ ବେହେରା, ନିହରିକା ମହାପାତ୍ର,ସାଇଶ୍ମିକା,ସୁମିତ୍ରା ସାହୁ, ଚାନ୍ଦିନୀ ବିଶ୍ୱାସ,ଦିବାକର ଗଣ୍ଡ , ଘର ଘର ବୁଲି ସଭି ଅନୁପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କ ସର୍ଭେ କରିଥିଲେ ।ଏହି ସର୍ଭେ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସେହି ଛାତ୍ରଛାତ୍ରୀମାନଙ୍କ ପାଖରେ ପହଂଚିବା ଯେଉଁମାନେ ବିଦ୍ୟାଳୟକୁ ନିୟମିତ ଭାବେ ଆସୁନଥିଲେ ।

## ଅନଲାଇନ ଠକେଇ ରୋକିବା ଓ ସୁରକ୍ଷିତ ରହିବା ପାଇଁ ମାଲକାନଗିରି ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ

ମାଲକାନଗିରି,୧୨/୧୧ (ନି.ପ୍ର): ଅନଲାଇନ ଓ ସାଇବର ଠକେଇ ରୋକିବା ଓ ସୁରକ୍ଷିତ ରହିବା ପାଇଁ ମାଲକାନଗିରି ଆଦର୍ଶ ଥାନା ପକ୍ଷରୁ ପଦ୍ମଗିରି ପଂଚାୟତ ରେ ସାଇବର ସୁରକ୍ଷା ଅଭିଯାନ ଆଜି ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲା ପୋଲିସ ବିଭାଗ ମାଲକାନଗିରି ଆଦର୍ଶ ଥାନା ମିଳିତ ଉଦ୍ୟମ ରେ ମାଲକାନଗିରି ବ୍ଲକସ୍ଥ ଛତିଶଗଡ଼ ସୀମାନ୍ତ ପଦ୍ମଗିରି ପଂଚାୟତ ତଳସାହି ଖେଳ ପଡିଆ ଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା ! ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଏସ୍ଡିପିଓ ଦିବ୍ୟରଞ୍ଜନ ଦଳେଇ ଯୋଗଦେଇ ପ୍ରଥମେ ପଦ୍ମଗିରି ଉଚ୍ଚ ବିଦ୍ୟାଳୟ ନିକଟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ର ଶୁଭାଆରମ୍ଭ କରିଥିଲେ । ବିରାଟ ସଚେତନତା ଶୋଭାଯାତ୍ରା ବାହାରି ପଦ୍ମଗିରି ବଜାର ଗାଁ ପରୀକ୍ରମା କରି ତଳସାହି ଖେଳ ପଡିଆ ଠାରେ ଏକ ବିରାଟ ସଚେତନତା ସଭାର ଆୟୋଜନ କରା ଯାଇଥିଲା । ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ମୂଖ୍ୟଅତିଥି ଭାବେ ଏସ୍ଡିପିଓ ଦିବ୍ୟ ରଞ୍ଜନ ଦଳେଇ, ମୂଖ୍ୟବକ୍ତା ଭାବେ ସମାଜସେବୀ ରତ୍ନାକର ଦାଶ, ସମ୍ମାନୀତ ଅତିଥିଭାବେ ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡିଆମୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ୍ ଦଶରଥ ପଡିଆମୀ, ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ ନାୟକ, ଆଦିବାସୀ ନେତା କୃଷ୍ଣ ଚନ୍ଦ୍ର ମାଡକାମୀ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିୟା, ବିଧାୟକ ପ୍ରତିନିଧି ଅଶୋକ ବୈଦ୍ୟ, ନାଏବ ସରପଂଚ ରମିଳା ନାୟକ ପ୍ରମୁଖ ଉପସ୍ଥିତ ରହି ସାଇବର ଠକେଇରୁ ଜନସାଧାରଣ କିପରି ସୁରକ୍ଷା ପାଇପାରିବେ ସଚେତନ କରିଥିଲେ । ସାଇବର ଅପରାଧୀମାନେ ଡିଜିଟାଲ ପ୍ଲାଟଫର୍ମ, ହ୍ୱାଟ୍ସଆପ୍, ଇନ୍ଷ୍ଟାଗ୍ରାମ, ଇ ମେଲ ଓ ମୋବାଇଲ ଫୋନ୍, ଇଣ୍ଟେରନେଟ ମାଧ୍ୟମ ରେ ବ୍ୟାଙ୍କ ଜମା ଖାତା ରୁ ଟଙ୍କା ଗାଏବ କରିଥାନ୍ତି, ସେମାନେ ନାନା ପ୍ରକାର ଲୋଭ ଦେଖାଇ ଥାନ୍ତି ,ତୁମ ଆକାଉଣ୍ଟରେ ବନ୍ଦ ରହିଛି, ଏଟିଏମ୍ ଖରାପ ହୋଇଯାଇଛି, ଫୋନ ନମ୍ବର ରେ ଲକି ଡ୍ର ପୁରସ୍କାର ମିଳି ମିଳିଛି ବିଭିନ୍ନ ପ୍ରଲୋଭନ ଦେଖାଇ ଠକିଥାନ୍ତି, ବହୁ ପ୍ରକାର ପ୍ରଲୋଭନ ଦେଖାଇ ଉକ୍ତ କଲ୍ ନମ୍ବରରୁ କଲ୍ ଆସିଲେ ନମ୍ବରକୁ ମନେରଖି ସଙ୍ଗେସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଲେ ପୋଲିସ ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ହଟାତ ମେସେଜ କିମ୍ବା ଓଟିପି ପଠାଇବେ ନାହିଁ ବୋଲି ସଚେତନତା କରା ଯାଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଆଓମା ଗୁରୁକୁଳ କଳାକାର ମାନଙ୍କ ଦ୍ୱାରା ସାଇବର ଠକେଇ ସମ୍ପର୍କ ରେ ନାଟକ ମଂଚସ୍ଥ ହୋଇଥିଲା । ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରା ଯାଇଥିଲା । ସଚେତନତା ଶୋଭାଯାତ୍ରା ଓ କାର୍ଯ୍ୟକ୍ରମ ରେ ଶତାଧିକ ସ୍ଥାନୀୟ ବୁଦ୍ଧିଜୀବୀ, ଜନସାଧାରଣ ଓ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ ।

## ଉଲ୍ଲାସ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା କାରାଗାରରେ ଶୁଭାରମ୍ଭ ହେଲା ସାମାଜିକ ଚେତନା କେନ୍ଦ୍ର

ମାଲକାନଗିରି,୧୨/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଜେଲ ପରିସରରେ ଏକ ସାମାଜିକ ଚେତନା କେନ୍ଦ୍ର ଶୁଭାରମ୍ଭ କରାଯାଇଛି । ଜାତୀୟ ଶିକ୍ଷା ଦିବସ ୨୦୨୫ ଅବସରରେ ଜିଲ୍ଲପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି । ଜିଲ୍ଲା କାରାଗାରରେ ଥିବା ନିରକ୍ଷର ଅନ୍ତେବାସୀ ମାନଙ୍କୁ ଏହି କେନ୍ଦ୍ର ମାଧ୍ୟମରେ ସାକ୍ଷର କରାଯିବ । ପୁନଶ୍ଚ ଯେଉଁ ବ୍ୟକ୍ତି ମାନେ ସାକ୍ଷର ଓ ଶିକ୍ଷିତ ଥିବେ ସେମାନଙ୍କୁ କୌଶଳ ବିକାଶର ତାଲିମ ମଧ ପ୍ରଦାନ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯକ୍ରମରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ମୁଖ୍ୟ ବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗିରଥି ବେହେରା ଓ କାରାଗାର ଅଧିକ୍ଷକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତା ସୋଏ ଓ ସହକାରି ଗୋଷ୍ଠୀ ଶିକ୍ଷା ଅଧିକାରି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆସନ୍ତା ଦିନ ଗୁଡିକରେ ଏହି କେନ୍ଦ୍ର ମାଧ୍ୟମରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନରେ ନିରକ୍ଷର ଅନ୍ତେବାସୀ ମାନଙ୍କୁ ସାକ୍ଷର କରାଯିବ । ଏହି ଅବସରରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତରଫରୁ ସମସ୍ତ ଯୋଗ୍ୟ ଅନ୍ତେବାସୀ ମାନଙ୍କୁ ଉଲ୍ଲାସ ପୁସ୍ତକ ଓ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଇଥିଲା ।

## ବିଦ୍ୟାଳୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

କେନ୍ଦୁଝର,୧୨/୧୧ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଦ୍ୟାଳୟ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ପାଟଣା ଗୋଷ୍ଠୀ ଶିକ୍ଷାଧୂକାରୀ ପୂର୍ଣ୍ଣଚନ୍ଦ୍ର ଅମାତ ଏବଂ ସି ଆର୍ ସି ସି ଜ୍ୟୋତିର୍ମୟ ତ୍ରିପାଠୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଅନ୍ୟ ଶିକ୍ଷକ/ ଶିକ୍ଷୟତ୍ରୀ ଙ୍କ ଉପସ୍ଥିତିରେ ସ୍ୱାଟନ କରିଥିଲେ । ବିଦ୍ୟାଳୟର ୨୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା ପ୍ରକଳ୍ପ ଗୁଡ଼ିକ ଦେଖି ଶିକ୍ଷାଧୂକାରୀ ଖୁସି ବ୍ୟକ୍ତ କରି ରିବା ସହ ଏହି ଭଳି କାର୍ଯକ୍ରମ ବିଦ୍ୟାଳୟରେ କଲେ ଛାତ୍ରଛାତ୍ରୀ ମାନେ ଆଗକୁ ବଢ଼ିବାରେ ସହଯୋଗ କରିବ – ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳା କାନୁ ପତି ପ୍ରକାଶ କୁମାର ମିଶ୍ର ସସ୍ମିତା ନାୟକ ସୋଭଗିନି ମହାନ୍ତ ମାଧବାନନ୍ଦ ମହାନ୍ତ ସୁଶାନ୍ତି କୁମାର ମହାନ୍ତ, ଯୁଗଜ୍ୟୋତୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବାଜା ନୃତ୍ୟ ଶୋଭାଯାତ୍ରାରେ କମ୍ପୁଛି ଇଚ୍ଛାପୁର କାର୍ତ୍ତିକେଶ୍ୱର ଭସାଣି ଉତ୍ସବ

କେନ୍ଦ୍ରାପଡା,୧୨/୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର ଇଚ୍ଛାପୁର ଅଂଚଳ ବାଜା ନୃତ୍ୟ ଶୋଭାଯାତ୍ରା ରେ ଦୁଇ ଦିନ ହେଲା ଗଣ ମହୋତ୍ସବର ପରିବେଶ ସୃଷ୍ଟି କରି ପିଲା ଠାରୁ ବୁଢା ଓ ଛୋଟରୁ ବଡ ସମସ୍ତଙ୍କୁ ଏହି ମହୋତ୍ସବ ରେ ସାମିଲ କରି ଆନନ୍ଦମୟ ପରିବେଶ ସୃଷ୍ଟି କରିଛି । କାର୍ତିକ ଦଶମୀ ତିଥି ଠାରୁ ସ୍ଥାନୀୟ ଅଂଚଳରେ ପୂଜା ପାଇ ଆସୁଥିବା କାର୍ତ୍ତିକେଶ୍ୱରଙ୍କ ମେଢ ଚଳିତ ବର୍ଷ ୫୭ ବର୍ଷରେ ପଦାର୍ପଣ କରିଛି । ଅଂଚଳରେ ପ୍ରାୟ ୨୪ଟି ମେଢ ଚଳିତ ବର୍ଷ ପୂର୍ବ ବର୍ଷର ସମସ୍ତ ରେକର୍ଡକୁ ଭଙ୍ଗ କରି ସୁସଜ୍ଜିତ ତୋରଣ, ଉଜ୍ଜଳ ଆଲୋକ ସଜ୍ଜା, ରାଜ୍ୟ ଓ ରାଜ୍ୟ ବାହାରର କଳାକାର ମାନଙ୍କୁ ଆମନ୍ତ୍ରଣ କରି ମନୋରଂଜନ କାର୍ଯ୍ୟକ୍ରମ ପରିବେଷଣ କରିବା ଦ୍ୱାରା ଚଳିତ ବର୍ଷ ବହୁ ଜନ ସମାଗମ ଅଂଚଳରେ ହୋଇଥିଲା । ସମସ୍ତଙ୍କ ଆଗରେ ରହିଛି ଥାନପତି ମେଢର କାର୍ଯ୍ୟକ୍ରମ । ପୂଜା ପାଇ ଆସୁଥିବା କାର୍ତିକେଶ୍ୱର ମୂର୍ତି ମାନଙ୍କର ବିସର୍ଜନ ପୂଜା ହେବା ସହ ଗତକାଲି ଠାରୁ ମେଲଣ ଓ ଭସାଣୀ ଶୋଭାଯାତ୍ରା ଆରମ୍ଭ ହୋଇଯାଇଛି । ଏଥିରେ ପ୍ରାୟ ୧୪ଟି ମେଢ ଅଂଶ ଗ୍ରହଣ କରିଥିବା ବେଳେ ଏହି ମେଲଣ ଓ ଭସାଣୀ ଉତ୍ସବରେ ରାଜ୍ୟର ନାମୀଦାମୀ କଳାକାର, ଲୋକପ୍ରିୟ ବ୍ୟାଣ୍ଡ ପାର୍ଟି ମାନ ଅଂଶ ଗ୍ରହଣ କରି ଶୋଭାଯାତ୍ରା କୁ ଅଧିକ ରଙ୍ଗୀନ ଓ ଆକର୍ଷଣୀୟ କରିଛନ୍ତି । ମୁମ୍ବାଇର ଗାୟିକା ପାମିଲା ଜୈନଙ୍କ ଠାରୁ ଆରମ୍ଭ କରି କଳାହାଣ୍ଡିର କଙ୍କପା, ସମ୍ବଲପୁର ର ରୁକ୍ ସୁନାଙ୍କ ଭଳି କଳାକାରଙ୍କ ସମେତ ସମ୍ବଲପୁର ର ଘଣ୍ଟ ବାଦ୍ୟ, ବ୍ରହ୍ମପୁର ର ବ୍ୟାଣ୍ଡ ପାର୍ଟି ମାନ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ କୁ ଅଧିକ ଲୋକପ୍ରିୟ କରି ପାରିଛନ୍ତି । ଆଜି ରାତି ୧୦ଟା ସୁଦ୍ଧା ସମସ୍ତ ମେଢ ସ୍ଥାନୀୟ ଅଂଚଳ ପରିକ୍ରମା କରି ବିସର୍ଜନ ଘାଟରେ ଜଳ ବିସର୍ଜନ ଲାଭ ରିବେ ବୋଲି ଜଣାପଡିଛି । ତେବେ ଥାନପତି ମେଢର କାର୍ଯ୍ୟକ୍ରମ ଅତ୍ୟନ୍ତ ଲୋକପ୍ରିୟ ହୋଇଥିବା ବେଳେ ଏହାର ପରିଚାଳନା ରେ ଉପଦେଷ୍ଟା ଅରବିନ୍ଦ ସାହୁ, ସଭାପତି ଅକ୍ଷୟ କୁମାର ମେକାପଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ଜଣାପଡିଛି । ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ଟାଉନ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ସଂଚୟ ପକ୍ଷ ଉପଲକ୍ଷେ ବରିଷ୍ଠ ନାଗରିକ ଓ ପେନସନ ଭୋଗୀଙ୍କ ନିମନ୍ତେ ଆର୍ଥିକ ସଚେତନତା ଶିବିର

ଭବାନୀପାଟଣା ,୧୨/୧୧ (ନି.ପ୍ର): ସଂଚୟ ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଆଜି ବରିଷ୍ଠ ନାଗରିକ ଓ ପେନସନ ଭୋଗୀ ଙ୍କ ନିମନ୍ତେ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଆର୍ଥିକ ସେବା ବିବେକାନନ୍ଦ ମହାନନ୍ଦଙ୍କ ଅଧକ୍ଷତାରେ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ପ୍ରଦୀପ କୁମାର ମଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ଜିଲ୍ଲା ଯୁବ ଅଧିକାରୀ ନେହେରୁ ଯୁବ କେନ୍ଦ୍ର ପ୍ରସନ୍ନ ମେହେର,ଆଇ ଆଇ ସି, ସାଇବର କ୍ରାଇମ, ସର୍ବେଶ୍ୱର ମହାନ୍ତି,ଡି ଓ,ପି ଏଲ୍ ଆଇ,ଅଭିଷେକ ପଣ୍ଡା ଯୋଗଦେଇ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ସମ୍ପର୍କରେ ଆଲୋକପାତ କରିଥିଲେ । କୌଣସି ଅର୍ଥ ଲଗାଣ ସଂସ୍ଥା, ଚିଟଫଣ୍ଡ ଠକେଇ ରେ ନ ପଡି ନିଜର ସଂଚୟ ଅର୍ଥ କୁ କିପରି ସୁରକ୍ଷିତ ଭାବରେ ଜାତୀୟ ବ୍ୟାଙ୍କ, ପୋଷ୍ଟାଲ ଅଫିସ ମାଧ୍ୟମରେ ସଂଚୟ କରିରଖି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଡାକଘର ମାଧ୍ୟମରେ ଉପଲବ୍ଧ ହେଉଥିବା ବିଭିନ୍ନ ସ୍କିମ ର ସଂଚୟ ଖାତା ଖୋଲି ତାର ଲାଭ କିପରି ଉଠାଇ ପାରିବେ ସେ ସମ୍ପର୍କରେ ପୋଷ୍ଟାଲ ବିଭାଗୀୟ ଅଧିକାରୀମାନେ ଅବଗତ କରାଇଥିଲେ । ବର୍ତ୍ତମାନ ସାଇବର୍ ଅପରାଧ ଘଟୁଥିବାରୁ ଏଥିପ୍ରତି କିପରି ସଚେତନ ହୋଇ ନିଜର ସ୍ମାର୍ଟ ଫୋନ ବ୍ୟବହାର ସମୟରେ ଅଧିକ ସଚେତନତା ଅବଲମ୍ବନ କରିବା ପାଇଁ ମଧ ଅତିଥିମାନେ ପରାମର୍ଶ ଦେଇଥିଲେ । ଏଥିରେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଜିଲ୍ଲା ସଭାପତି ଶରତ ଚନ୍ଦ୍ର ନାୟକ, ଅବସର ପ୍ରାପ୍ତ ଜେଲ ସୁପରିଟଣ୍ଡେଣ୍ଟ ପ୍ରେମାନନ୍ଦ ବାଗ ଙ୍କ ସମେତ ଅବସର ପ୍ରାପ୍ତ ସରକାରୀ ଅଧିକାରୀ,ପେନସନ୍ ଭୋଗୀ, ବରିଷ୍ଟ ନାଗରିକ ପ୍ରମୁଖ ଯୋଗଦେଇଥିଲେ ।କାର୍ଯ୍ୟକ୍ରମ କୁ ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ଶ୍ରୀ ମହାନନ୍ଦ ପରିଚାଳନା କରିଥିଲାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାରାବାହିକ: ସଂକ୍ଷିପ୍ତ ଭାଗବତ କଥାମୃତ

ଭାଗ-୨୧

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ତାଙ୍କର ସୁନ୍ଦର ରୂପ, ହସ, ବାଣୀ ଆମକୁ ଆବୋରି ରହିଛି, ସେ କେବଳ ଲକ୍ଷ୍ମୀକାନ୍ତ ନୁହଁନ୍ତି, ସେ ଗୋପୀନାଥ ଓ ବ୍ରଜନାଥ ମଧ୍ୟ । ବାଳକାଳରୁ କେତେ କେତେ ଅଲୌକିକ ଲୀଳା କରିବା ସହିତ ଆମକୁ ମଧ୍ୟ ସେଥିରେ ଭାଗୀଦାର କରିଛନ୍ତି । କେତେ ସଙ୍କଟରୁ ଆମକୁ ଉଦ୍ଧାର କରିଛନ୍ତି, ସେ ଆମର ଓ ଆମେ ତାଙ୍କର । ଏପରି କହୁ କହୁ ଗୋପୀଗଣ ଅଶ୍ରୁମୁଞ୍ଚନ କରୁଥିଲେ । ଏକ ଅନିର୍ବଚନୀୟ ସାତ୍ତ୍ୱିକ ପ୍ରେମାନୁଭୂତିରେ ସେମାନେ ଉଦବେଳିତ ହେଉଥିଲେ । ଗୋପୀମାନେ ଉଦ୍ଧବଙ୍କଠାରୁ ଭଗବାନଙ୍କ ସନ୍ଦେଶ ପ୍ରାପ୍ତ ହୋଇ ନିଜ ନିଜର ମନୋବେଦନା ତାଙ୍କ ନିକଟରେ ପ୍ରକାଶ କରିସାରି ଆଶ୍ୱସ୍ତ ହେଲେ ଓ କିଛି ପରିମାଣରେ ବିରହ ଜ୍ୱାଳାକୁ ପ୍ରଶମିତ କଲେ । ଉଦ୍ଧବ ମଧ୍ୟ ସେମାନଙ୍କ ଆଦର ଯତ୍ନ ପାଇ କିଛିକାଳ ସେଠାରେ ରହି ଗୋପାଙ୍ଗନାଙ୍କ ସହ ଭଗବାନ ସଂକୀର୍ତ୍ତନରେ ସମୟ ଅତିବାହିତ କଲେ । ଉଦ୍ଧବ ଏକଦା କହିଲେ, ହେ ଗୋପଲଳନାବୃନ୍ଦ, ତୁମମାନଙ୍କର ପ୍ରେମଭକ୍ତିର ପଟାନ୍ତର ନାହିଁ । ଯୋଗସାଧନାରେ ସମୟ ଅତିବାହିତ କରିଥିବା କି ଦେବତାମାନେ ମଧ୍ୟ ତମପରି ଭକ୍ତ ହୋଇନପାରନ୍ତି । ଯିଏ ଏ ସାରା ସଂସାରକୁ ବାନ୍ଧିରଖିଛି ତୁମେ ତାକୁ ପ୍ରେମରେ ବାନ୍ଧି ରଖିଛ । ତା ସହିତ ଏକାକାର ହୋଇଗଲ । ହେ ପରମଭକ୍ତଗଣ ତୁମ ପାଦପଦ୍ମରେ ମୋର ନମସ୍କାର । ମୋର ଇଚ୍ଛା ହେଉଛି ଆଉ ମଥୁରା ନଫେରି ଏଠାରେ ତୁମ ପାଦ ଦର୍ଶନରେ ସମୟ କାଟିଦିଅନ୍ତି । ବୃନ୍ଦାବନରେ ଧୂଳି କିମ୍ବା ତୃଣଟିଏ ହୋଇ ତୁମ ପଦଧୂଳି ପ୍ରାପ୍ତ ହେଉଥାନ୍ତି । କେତେ ଜନ୍ମର ତପସ୍ୟା ଫଳରେ ଭଗବାନଙ୍କ ପଦରଜ ତୁମ ବକ୍ଷରେ ଧାରଣ କରିପାରିଲ, ତୁମ ମୁଖରେ ଭଗବାନଙ୍କ ଲୀଳା କେବଳ ମର୍ତ୍ତ୍ୟଲୋକ ନୁହେଁ ତ୍ରିଲୋକକୁ ପବିତ୍ର କରୁଛି । ଏହାପରେ ଉଦ୍ଧବ ନନ୍ଦ,ଯଶୋଦା ଓ ଗୋପୀମାନଙ୍କଠାରୁ ବିଦାୟ ନେଇ ମଥୁରା ପ୍ରତ୍ୟାବର୍ତ୍ତନ କଲେ ଏବଂ ସେମାନେ ଦେଇଥିବା ଉପହାରମାନ ରାମକୃଷ୍ଣଙ୍କୁ ପ୍ରଦାନ କଲେ । ଭଗବାନଙ୍କୁ ଅଭିବାଦନ ଜଣାଇ ନନ୍ଦ, ଯଶୋଦା ଓ କୃଷ୍ଣପ୍ରେମ-ବାୟାଣୀ ବ୍ରଜବାସିନୀମାନଙ୍କର ବିରହ ଦୁଃଖ ଘଟଣାବଳୀକୁ ସାଶ୍ରୁ ନୟନରେ ସବିଶେଷ ପ୍ରକାଶ କଲେ ।

### ୪୮ଶ ଅଧ୍ୟାୟ ( ଭକ୍ତିମତୀ କୁବ୍‌ଜାର କୃଷ୍ଣପ୍ରାପ୍ତି ଓ ଅକ୍ରୂରଙ୍କ ଘରକୁ ଗମନ)

ହେ ରାଜା ପରୀକ୍ଷିତ, ସର୍ବ ଆତ୍ମା, ସର୍ବଜ୍ଞାତା, ସର୍ବଦ୍ରଷ୍ଟା, ଭକ୍ତବତ୍ସଳ, ଭାବଗ୍ରାହୀ ପ୍ରଭୁ ଶ୍ରୀକୃଷ୍ଣ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଉଦ୍ଧବଙ୍କ ସହ କୁବ୍‌ଜାର ଗୃହକୁ ଗମନ କଲେ । ଭଗବାନଙ୍କୁ ସ୍ୱାଗତ କରିବାକୁ କୁବ୍‌ଜା ତାର ଗୃହକୁ ଅତ୍ୟନ୍ତ ସୁନ୍ଦର ଭାବେ ସଜାଇ ଉତ୍କଣ୍ଠିତ ଭାବରେ ଆଗମନକୁ ଚାହିଁ ରହିଥିଲା । ତାର କେତେ ଯୁଗର ତପସ୍ୟାର ଫଳ ସ୍ୱରୂପ ଭଗବାନଙ୍କୁ ନିଜ ଗୃହରେ ପ୍ରାପ୍ତହେଲା । ତା ଆଖିରୁ ଆନନ୍ଦାଶ୍ରୁ ବିଗଳିତ ହେବା ସହ ସେ ଆଦରରେ ପ୍ରଭୁଙ୍କୁ ସ୍ୱାଗତ କରି ଚରଣ ପଖାଳି ପାଦଦୋକ ପାନ କଲା । ଧୂପ, ଦୀପ, ଚନ୍ଦନ, ସୁବାସ କୁସୁମମାଳା ପ୍ରଦାନ ପୂର୍ବକ ଶ୍ରୀକୃଷ୍ଣ ଓ ଉଦ୍ଧବଙ୍କର ପୂଜାକଲା । ପ୍ରଭୁଙ୍କ ପାଦତଳେ ବସି ମୁଖାରବିନ୍ଦ ପାନକରିବାକୁ ଲାଗିଲା ଏବଂ ଶ୍ରୀକର ଧରି ଗୃହ୍ୟାଭନ୍ତର ସ୍ଥିତ ସୁସଜ୍ଜିତ ପଲଙ୍କରେ ବିଜେ କରାଇଲା । ଭଗବାନ ମଧ୍ୟ କୁବ୍‌ଜାର ମନକଥା ଜାଣି ପଲଙ୍କରେ ବିଜେ ହେଲେ ଓ ମୃଦୁ ମୃଦୁ ହାସ ପ୍ରକାଶ କଲେ । ମାୟାମାନବର ଲୋକାଚାର ଅନୁସରଣ କରି ଭକ୍ତର ମନୋବାଞ୍ଛା ପୂରଣ କରିବାର ସଙ୍କେତ ପ୍ରଦାନ କରିବାରୁ କୁବ୍‌ଜା କୁଙ୍କୁମ ରାଗରଞ୍ଜିତ, ନାନା ଦିବ୍ୟଭୂଷଣ ଓ ଝୀନ ବସ୍ତ୍ର ପରିହିତ ନିଜର ଶୁଦ୍ଧପୂତ ଶରୀରରେ ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ ଆଦି ଅଷ୍ଟ ସାତ୍ତ୍ୱିକଭାବ ଅନୁଭବ କଲା ଏବଂ ପ୍ରଭୁଙ୍କ ପ୍ରତି ମୃଦୁହାସ ଓ କଟାକ୍ଷପାତ କରୁକରୁ ତାଙ୍କ ନିକଟରେ ଉପବେଶନ କଲା । କୁବ୍‌ଜା ନବସଙ୍ଗମ କାରଣରୁ ପ୍ରଥମେ ସଂକୋଚ ବଶତଃ ଚଳିନପାରିବାରୁ ପ୍ରଭୁ ନିଜର ବଳିଷ୍ଠ ବାହୁରେ ତାକୁ ଆଲିଙ୍ଗନ କଲେ । ପ୍ରଭୁଙ୍କ ସହ ଏକାକାର ହୋଇ କୁବ୍‌ଜା ସେହି ଅପୂର୍ବ ମିଳନକୁ ଉପଭୋଗ କଲା । ଭଗବାନଙ୍କ ସ୍ପର୍ଶରେ ତା ଅଙ୍ଗରୁ ଜନ୍ମଜନ୍ମାନ୍ତରର ପାପ ଦୂରିଭୂତ ହେଲା । ଯାହାକୁ ପାଇବାକୁ ବ୍ରହ୍ମା, ରୁଦ୍ରାଦି ଦେବଗଣ ତପସ୍ୟା କରି ମଧ୍ୟ ପାଉନାହାନ୍ତି ମାତ୍ର ଚନ୍ଦନ ଟିପାରେ କୁବ୍‌ଜା ତାଙ୍କୁ ପତି ରୂପରେ ପ୍ରାପ୍ତହେଲା । କୁବ୍‌ଜା ପ୍ରଭୁଙ୍କୁ ନିଜ କୋଳରେ ବସାଇ କହିଲା, ପ୍ରଭୁ ତୁମକୁ ଛାଡିବାକୁ ଏ ଦାସୀର ମନ ବଳୁନାହିଁ, ତୁମ କ୍ରୀଡାରେ ମୋର ମନ ତୃପ୍ତ ହେଉନାହିଁ, ଦୟାକରି ଏ ଦାସୀ ପାଖରେ କିଛି ଦିନ ରହି ସେବାର ସୌଭାଗ୍ୟ ପ୍ରଦାନ କର । ପ୍ରଭୁ ନିଜ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କଲେ । ଏହାପରେ ଶ୍ରୀକୃଷ୍ଣ ନିଜ ଅଗ୍ରଜ ଓ ଉଦ୍ଧବଙ୍କ ସହ ଅକ୍ରୂର ପୁରକୁ ଗଲେ । ଅକ୍ରୂର ପ୍ରଭୁଙ୍କର ଆଗମନର ସମ୍ବାଦ ପାଇ ଖଣ୍ଡେ ଦୂରରୁ ଆସି ସ୍ୱାଗତ ଜଣାଇ ପାଛୋଟି ନେଇ ଶ୍ରୀଚରଣ ବନ୍ଦନା କଲେ । ଶ୍ରୀକୃଷ୍ଣ କହିଲେ, ହେ ତାତ ତୁମେ ତ ଆମର ଗୁରୁଜନ, ଆମର ଅଭିବାଦନ ଗ୍ରହଣ କର । ତୁମେ ପରମ ହିତୈଷୀ, ଅତ୍ୟନ୍ତ ସାଧୁ ସ୍ୱଭାବର, ଦେବତାଙ୍କଠାରୁ ମଧ୍ୟ ପୂଜନୀୟ । କାରଣ ଦେବତାଙ୍କର କାମନା ଅଛି କିନ୍ତୁ ସାଧୁଙ୍କର ନାହିଁ । ଯେ ଭଳି କୌଣସି ଜଳାଶୟ କି କାଷ୍ଠ, ପ୍ରତିମା ହଠାତ ତୀର୍ଥ ହୋଇନପାରେ ଏବଂ ମନୁଷ୍ୟର ବହୁକାଳ ଅର୍ଚ୍ଚନା ପରେ ତାହା ତୀର୍ଥ ହୋଇଥାଏ କି ଦେବତା ହୋଇଥାଏ । ମାତ୍ର ସାଧୁସନ୍ଥ ନିଜର ଦର୍ଶନ ପ୍ରଦାନ ମାତ୍ରେ ଦର୍ଶକଙ୍କୁ ପବିତ୍ର କରିପାରନ୍ତି । ହେ ପିତୃବ୍ୟ, ଆପଣ ଜଣେ ସାଧୁ ହୋଇଥିବାରୁ କେବଳ ଆମର ନୁହେଁ ସମସ୍ତଙ୍କର ପୂଜନୀୟ । ଭଗବାନଙ୍କ ମୁହଁରୁ ଏଭଳି କଥା ଶୁଣି ଅକ୍ରୂରଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଗଡିବାକୁ ଲାଗିଲା । ଭଗବାନ କହିଲେ, ହେ ପିତୃବ୍ୟ, ମହାରାଜ ପଣ୍ଡୁଙ୍କର ନିଧନ ପରେ ତାଙ୍କର ଅରକ୍ଷ ପାଞ୍ଚପୁତ୍ର ଓ ସେମାନଙ୍କର ବିଧବା ମାତା କୁନ୍ତୀ ଅତ୍ୟନ୍ତ ଦୁଃଖରେ କାଳାତିପାତ କରୁଛନ୍ତି । ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନ ସେମାନଙ୍କୁ ଦୁର୍ବ୍ୟବହାର କରୁଥିବେ । ତୁମେ ହସ୍ତିନାପୁର ଯାଇ ସେମାନଙ୍କର ଶୁଭାଶୁଭ ବୁଝି ଆସିବ, ତାହା ଜାଣି ମୁଁ ତାହାର ପ୍ରତିବିଧାନ କରିବି । ଏହାପରେ ଶ୍ରୀକୃଷ୍ଣ ମଥୁରାକୁ ଫେରିଗଲେ ।

### ୪୯ ଶ ଅଧ୍ୟାୟ, ଅକ୍ରୂରଙ୍କ ହସ୍ତିନାପୁର ଯାତ୍ରା

ଭଗବାନଙ୍କର ଆଜ୍ଞାରେ ଅକ୍ରୂର ହସ୍ତିନାପୁରକୁ ଯାତ୍ରାକରି ସମସ୍ତ ବନ୍ଧୁବାନ୍ଧବଙ୍କୁ ସାକ୍ଷାତ କଲେ । ପଣ୍ଡୁଙ୍କର ପତ୍ନୀ ଓ ପୁତ୍ରଙ୍କୁ ଦେଖି ଦୁଃଖାଭିଭୂତ ହେବା ସହ କିଛିକାଳ ସେଠାରେ ରହି ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନଙ୍କର ସେମାନଙ୍କ ପ୍ରତି ବ୍ୟବହାର ଲକ୍ଷ୍ୟକଲେ ଏବଂ ପାଣ୍ଡବଙ୍କ ପରାକ୍ରମରେ ଈର୍ଷାନ୍ୱିତ କୌରବ ସେମାନଙ୍କର ଅନିଷ୍ଟ କରିବାକୁ ସର୍ବଦା ଚାହୁଁଥିବା ଜାଣି ବ୍ୟଥିତ ହେଲେ । କୁନ୍ତୀ ଅକ୍ରୂରଙ୍କୁ ଦେଖି ପିତ୍ରାଳୟର ସମସ୍ତ କୁଶଳ ଜିଜ୍ଞାସା କରିବା ସହ ଏଠାରେ ସେ ବନ୍ଦିନୀ ପରି ନିଜ ପୁତ୍ରମାନଙ୍କ ସହ ଅଛନ୍ତି ବୋଲି କହିଲେ । ମୋର ଅନାଥ ପିଲାମାନଙ୍କ ସମ୍ପର୍କରେ ଶ୍ରୀକୃଷ୍ଣ ସମ୍ବାଦ କରନ୍ତି କି ବୋଲି ପଚାରିବା ସହ ତାଙ୍କୁ ତାଙ୍କ ଶ୍ରୀଚରଣରେ ଅର୍ପଣ କରୁଛି ବୋଲି କହିଲେ । ଅକ୍ରୂର କହିଲେ, ମାତେ ତୁମର ପାଞ୍ଚପୁତ୍ର ଭଗବାନଙ୍କୁ ସହାୟତା ଦେବାକୁ ଭିନ୍ନ ଭିନ୍ନ ଦେବ ଔରସରୁ ଜାତ ହୋଇଛନ୍ତି । ଶ୍ରୀକୃଷ୍ଣ ସେମାନଙ୍କର ରକ୍ଷକ ହୋଇଥିବାରୁ ତୁମେ ଚିନ୍ତା ଛାଡ । ଏହାପରେ ଅକ୍ରୂର ଧୃତରାଷ୍ଟ୍ରଙ୍କୁ ସତପରାମର୍ଶ ଦେଇ କହିଲେ, ହେ କୁରୁଶ୍ରେଷ୍ଠ ତୁମଠାରୁ ଜଗତ ନ୍ୟାୟ ଆଶାକରେ । ତୁମେ ବଂଶର ମର୍ଯ୍ୟଦା ଅକ୍ଷୁଣ୍ଣ ରଖିବ । ପଣ୍ଡୁରାଜା ସ୍ୱୟଂ ତୁମକୁ ସିଂହାସନ ପ୍ରଦାନ କରି ବନବାସୀ ହୋଇଥିଲେ ଏ କଥା ସ୍ମରଣ ରଖି ତାଙ୍କ ପୁତ୍ରମାନଙ୍କୁ ପୁତ୍ରବତ ପାଳନ କରିବ ଏବଂ ନିରପେକ୍ଷତା ଅବଲମ୍ବନ କରିବ । ନଚେତ ସଂସାରରେ ଦୁର୍ନାମ ହେବ । ଅଧର୍ମ ପନ୍ଥାରେ ଅର୍ଜିତ ଧନ ପରିବାର ଭୋଗକରେ ମାତ୍ର ପାପର ଭାଗୀ ପରିବାର ହୁଏନାହିଁ କେବଳ କର୍ତ୍ତାର ଇହ ଓ ପରକାଳ ନର୍କଭୋଗକରେ ସେହିପରି ଅପରକୁ ନାର୍ଯ୍ୟ ଦେବାରେ ମଧ୍ୟ ଘଟେ । ଅକ୍ରୂରଙ୍କ ପରାମର୍ଶ ଶ୍ରବଣ କରିସାରି ଧୃତରାଷ୍ଟ୍ର କହିଲେ, ତୁମର ପରାମର୍ଶ ମୋତେ ଅମୃତ ତୁଲ୍ୟ ମନେ ହେଉଛି, ତୁମେ ନିଶ୍ଚୟ ମୋର ମଙ୍ଗଳ ନିମନ୍ତେ କହୁଛ ମାତ୍ର ମୁମୂର୍ଷ ବ୍ୟକ୍ତି ଯେପରି ଅମୃତପ୍ରାପ୍ତ ହୋଇ ମଧ୍ୟ ତୃପ୍ତ ହୋଇପାରେନା ମୋର ଅବସ୍ଥା ଠିକ ସେହିପରି । ମେଘର ବିଦ୍ୟୁତ ପରି ମୋର ଚିତ୍ତକୁ ଚମକାଇ କ୍ଷଣିକ ଆଲୋକ ପ୍ରଦାନ କରି ଅନ୍ତର୍ଦ୍ଧାନ ହୋଇଯାଉଛି । କଥାଗୁଡିକ ମୋ ଗୋଟାଏ କାନରେ ଭର୍ତ୍ତି ହୋଇ ଆରକାନରେ ବାହାରି ଯାଉଛି ଫଳରେ ହୃଦୟ ତାକୁ ବାନ୍ଧି ରଖିବାକୁ ସମର୍ଥ ହେଉନାହିଁ । ମୋର ଚିତ୍ତ ମୋ ପୁତ୍ରର ଆସକ୍ତିରେ ଏପରି ହୋଇଯାଇଛି ଯେ ମୁଁ ଚେଷ୍ଟାକରି ମଧ୍ୟ ସେଥିରୁ ନିବୃତ୍ତି ପାଉନାହିଁ । ଏହାର କାରଣ ହୁଏତଃ ଭୟାବହ ହୋଇପାରେ ମାତ୍ର ମୁଁ ନିଜକୁ ଆୟତ୍ତରେ ରଖିପାରୁନାହିଁ । ପୃଥିବୀର ଭାରା ନିବାରଣ ପାଇଁ ଶ୍ରୀକୃଷ୍ଣଙ୍କ ଅବତାର, ତେଣୁ ତାଙ୍କ ଇଚ୍ଛା ହିଁ ପୂର୍ଣ୍ଣ ହେବ । ଅକ୍ରୂର ତାଙ୍କୁ ମୋର ପ୍ରଣାମ ଜଣାଇ ଏହି କଥା କହିବ । ଏହାପରେ ଅକ୍ରୂର ଦ୍ୱାରିକା ଫେରିଯାଇ ଶାନ୍ତ ଓ ଅବିଚଳିତ ଚିତ୍ତରେ ଭଗବାନ ଶ୍ରୀକୃଷ୍ଣଙ୍କୁ ସମସ୍ତ ବିଷୟ ଜଣାଇଲେ ।

### ଦ୍ୱାରିକା ଲୀଳା

### ୫୦ଶ ଅଧ୍ୟାୟ (ଜରାସନ୍ଧ ସହିତ ଯୁଦ୍ଧ ଓ ଦ୍ୱାରକାପୁର ନିର୍ମାଣ)

ଶ୍ରୀ ଶୁକଦେବ କହିଲେ, କଂସର ମୃତ୍ୟୁପରେ ତାର ଦୁଇପତ୍ନୀ ହେତୀ ଓ ପ୍ରହେତୀ ପିତ୍ରାଳୟକୁ ଯାଇ ପିତା ମଗଧରାଜ ମହା ପରାକ୍ରମଶାଳୀ ଜରାସନ୍ଧଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇଲେ । ପିତା ନିଜର ଦୁଇ କନ୍ୟାଙ୍କ ବୈଧବ୍ୟ ଦୁଃଖ ଦେଖି ଜରାସନ୍ଧ ରାମକୃଷ୍ଣଙ୍କ ସମେତ ସମସ୍ତ ଯାଦବଙ୍କୁ ବଧ କରିବାର ପ୍ରତିଜ୍ଞା କରି ତାର ତେଇଶ ଅକ୍ଷୌହଣି ସୈନ୍ୟ ସହ ମଥୁରା ଅବରୋଧ କଲା । ସେମାନଙ୍କର ଅବରୋଧରେ ସତେ ଯେପରି ମଥୁରାର ବାୟୁ ପ୍ରବାହ ବି ବନ୍ଦ ହୋଇଗଲା । ନଗରବାସୀ ମାନେ ଆକୁଳରେ ରାମକୃଷ୍ଣ ରକ୍ଷାକର ବୋଲି ଡାକ ପକାଇଲେ । ଶ୍ରୀକୃଷ୍ଣ ଜରାସନ୍ଧର ବିରାଟ ସୈନ୍ୟ ବାହିନୀ ଦେଖି ଚିନ୍ତା କଲେ କଂସ ପରି ଜରାସନ୍ଧ ମଧ୍ୟ ସଂସାରର ଶତ୍ରୁ,ଏହା ସହିତ ମୋର ଅଷ୍ଟାଦଶ ଥର ରଣକ୍ରୀଡା ହେବ ତେଣୁ ଏହାର ସୈନ୍ୟବାହିନୀ ନାଶକରି ଏହାକୁ ଜୀବିତ ଛାଡିଦେବି । ପ୍ରଭୁଙ୍କ ଇଚ୍ଛାରେ ଦୁଇଟି ଦେବ ବିମାନ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ସେଠାରେ ଉପସ୍ଥିତ ହେବାରୁ ଦୁଇଭାଇ ସେଥିରେ ଆରୋହଣ ପୂର୍ବକ ଯୁଦ୍ଧଲାଗି ଅଗ୍ରସର ହେଲେ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗଣ୍ଠି

# ପାପ ଓ ମୋକ୍ଷ



ଶ୍ୱେତା ରାଉତ୍

ମନ୍ଦିରରେ ପ୍ରବଳ ଭିଡ଼ ଦେଖିବା ପରେ ମନକୁ ସ୍ୱତଃ ପ୍ରଶ୍ନ ଆସେ, ବାସ୍ତବରେ କଣ ଲୋକମାନେ ଈଶ୍ୱରଙ୍କୁ ଏତେ ମାତ୍ରାରେ ବିଶ୍ୱାସ କରନ୍ତି ! ଈଶ୍ୱରଙ୍କ ଦର୍ଶନ କରି ନିଜକୁ ଈଶ୍ୱରଙ୍କୁ ସମର୍ପିତ କରିଦେବାର ଇଚ୍ଛା ଥାଏ ନା ପାପ କ୍ଷୟ କରିବାର ଲୋଭ ଥାଏ ବୁଝି ହୁଏନା। ହୁଏତ ଅନେକଙ୍କ ମନରେ ଗୋଟେ ଅଜଣା ଭୟ ଥାଏ ନିଜ କର୍ମକୁ ନେଇ, ତେଣୁ ଈଶ୍ୱରଙ୍କ ଦର୍ଶନ କରି ଭୟମୁକ୍ତ ହୋଇଯାଆନ୍ତି। ମନ୍ଦିରରୁ ଫେରିବା ପରେ ପୁଣି ସେଇ ମୋହଗ୍ରସ୍ତ ଜୀବନ,ସେଇ ଦୁର୍ବୁଦ୍ଧି, ପାପ, କାମନା ବାସନା ଭିତରେ ମଣିଷ ଛନ୍ଦି ହୋଇଯାଏ।ବର୍ଷ ସାରା କୁକର୍ମ, ନିନ୍ଦା, ବ୍ୟଭିଚାର କରି ଥରେ ଅଧେ ମନ୍ଦିର ଯାଇ ଦର୍ଶନ କରିଦେଲେ ଯଦି ପାପ କ୍ଷୟ ହୋଇଯାଆନ୍ତା ତେବେ ପାପ କରିବାକୁ ମଣିଷ ଡରନ୍ତା କାହିଁକି ? କର୍ମଫଳ ତ ଈଶ୍ୱର ବି ଭୋଗ କରନ୍ତି, ଆମେ ତ ମଣିଷ।

ଗୋଟେ ଲୋକକଥା ଏମିତି ରହିଛି - ଜଣେ ଧନୀକ ବ୍ୟକ୍ତି ସବୁବେଳେ ସୌଖିନ ଜୀବନ କାଟନ୍ତି, ମଦ, ଜୁଆ, ବ୍ୟଭିଚାରରେ ଲିପ୍ତ ରହି ଜୀବନକୁ ଖୁବ୍ ଉପଭୋଗ କରନ୍ତି ଏବଂ ବର୍ଷରେ ଥରେ ଗଙ୍ଗା ସ୍ନାନ କରି ଖୁସି ହୁଅନ୍ତି 'ଯାହା ହେଉ ଗଙ୍ଗାରେ ବୁଡ ଦେଇ ମୋର ସବୁ ପାପ କ୍ଷୟ ହୋଇଗଲା'। ଘରକୁ ଫେରିବା ପରେ ପୁଣି ନିଜର ଅନୈତିକ ପାପାଚରଣରେ ଲିପ୍ତ ରୁହନ୍ତି। ଗଙ୍ଗା ମାତା ବ୍ୟକ୍ତିର ଏଭଳି ମାନସିକତା ଦେଖି ଖୁବ୍ ଦୁଃଖିତ ହେଲେ ଓ ତାକୁ ତାର ପାପ ଜଣାଇବାକୁ ଗୋଟେ ଛୋଟ ଝିଅ ବେଶରେ ଗଙ୍ଗା କୂଳରେ ବସି ରହିଲେ। ବ୍ୟକ୍ତି ଜଣକ ଯେତେବେଳେ ଗଙ୍ଗାକୁ ବୁଡ ପକାଇବାକୁ ଆସିଲେ, ସେ ଦେଖିଲେ ଛୋଟ ଝିଅଟିଏ ସଫା ଧଳା କପଡାଟିଏ ମାଟିରେ ଲଟପଟ କରି ମଇଳା କରୁଛି, ପୁଣି ପାଣିରେ ବୁଡାଇ ଧୋଇ ସଫା କରୁଛି। ପୁଣି କପଡାଟିକୁ ମାଟିରେ ଗୋଳାଇ ମଇଳା କରୁଛି, ପୁଣି ପାଣିରେ ଧୋଇ ସଫା କରୁଛି। ଏମିତି ବାରମ୍ବାର କରୁଥିବାର ଦେଖି ବ୍ୟକ୍ତି ଜଣକ ବିରକ୍ତ ଭାବ ପ୍ରକାଶ କରି କହିଲେ 'ଏ ଝିଅ, ତୁ କେତେ ମୂର୍ଖଟା, ଯଦି ତୋତେ ଏ କପଡ଼ା ସଫା ରଖିବାର ଅଛି, ତୁ ପୁଣି କାହିଁକି ମଇଳା କରୁଛୁ ? ଯଦି ମଇଳା ରଖିବାର ଅଛି ତେବେ କପଡ଼ାକୁ ଧୋଇ ସଫା କାହିଁକି କରୁଛୁ ? ଝିଅଟି ନିଜ ସ୍ୱରୂପ (ଗଙ୍ଗାମାତା)କୁ ଆସି ବ୍ୟକ୍ତିଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ 'ମୂର୍ଖ ମୁଁ ନୁହେଁ, ତୁ ସବୁଠୁ ବଡ ମୂର୍ଖ,ପାପୀ' ତୋତେ ତୋର କର୍ତ୍ତୁତ୍ୱ ମନେ ପକାଇବାକୁ ମୁଁ ଏଭଳି କରୁଛି। ଯଦି ତୋତେ ପାପ, ବ୍ୟଭିଚାର କରିବାର ଅଛି ତେବେ ମୋ ପବିତ୍ର ଜଳରେ ସ୍ନାନ କରି ପାପ ଧୋଇବାକୁ କାହିଁକି ଆସୁଛୁ ? ତୁ ମୋକ୍ଷ ଆଶାରେ ବୁଡ଼ ପକାଇ ଭାବୁଛୁ ପାପ ସବୁ ଧୋଇଗଲା, ପୁଣି ବାରମ୍ବାର ପାପ କରି ଚାଲିଛୁ। କିନ୍ତୁ ମନେରଖ ମୁଁ କେବଳ ତାହାର ପାପ ଧୋଇଦିଏ ଯିଏ ଭକ୍ତି ଭାବରେ ମୋ ପବିତ୍ର ଜଳରେ ସ୍ନାନ କରି କ୍ଷମା ପ୍ରାର୍ଥନା କରେ ଓ ପୁନଃ ଆଉ କେବେ ସେ ପାପ କରିନଥାଏ। ହେଲେ ତୁ ଜାଣିଶୁଣି ପାପ କରୁଛୁ, ମୋର ପବିତ୍ର ଜଳର ଅପମାନ କରୁଛୁ, ତେଣୁ ମୁଁ ତୋତେ ଶତ ସହସ୍ର ପାପ ଭୋଗିବାକୁ ନର୍କକୁ ପଠାଇ ଦେଉଛି, ତୋତେ କେବେ ବି ମୋକ୍ଷ ନମିଳୁ। ଜୀବନରେ ସବୁଠୁ ବଡ ପୂଜା ହେଲା ଆମର କର୍ମ। ନିଜର କର୍ମ ଯଦି ସଠିକ୍ କରି ଚାଲିବା, ଆମକୁ ମନ୍ଦିର ଯିବାକୁ ପଡିବ ନାହିଁ, ବରଂ ସ୍ୱୟଂ ଭଗବାନ ନିଜେ କାହା ନା କାହା ରୂପରେ ଆସି ଆମର ଦୁଃଖ ହରିନେବେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦




ଷ୍ଟ୍ରୋକ୍ ଏକ ଗମ୍ଭୀର ଅବସ୍ଥା ଯାହା ମସ୍ତିଷ୍କକୁ ରକ୍ତ ଯୋଗାଣ ହଠାତ୍ ବନ୍ଦ ହୋଇଗଲେ କିମ୍ବା ରକ୍ତବାହୀ ନାଳୀ ଫାଟିଗଲେ ଘଟିଥାଏ। ଏହା ଦ୍ୱାରା ମସ୍ତିଷ୍କ କୋଷଗୁଡ଼ିକୁ ମରିଯାଏ ଏବଂ ଶରୀରର ବିଭିନ୍ନ ଅଂଶ ଉପରେ ନିୟନ୍ତ୍ରଣ ହରାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୧୫ ମିଲିୟନ ଲୋକ ଷ୍ଟ୍ରୋକ୍‌ରେ ପୀଡ଼ିତ ହୁଅନ୍ତି, ଯାହା ମଧ୍ୟରୁ ପ୍ରାୟ ୫ ମିଲିୟନ ଲୋକ ମୃତ୍ୟୁବରଣ କରନ୍ତି। ଷ୍ଟ୍ରୋକ୍‌ର ମୁଖ୍ୟ କାରଣ ହେଉଛି ରକ୍ତ ଜମାଟ ବାନ୍ଧିବା, ହାଇ ବ୍ଲଡ୍ ପ୍ରେସର(ଉଚ୍ଚ ରକ୍ତଚାପ), ହାଇ କୋଲେଷ୍ଟରଲ ଏବଂ ଅସନ୍ତୁଳିତ ଜୀବନଶୈଳୀ। ଧୂମପାନ, ମୋଟାପଣ ଏବଂ ଡାଇବେଟିସ୍ ମଧ୍ୟ ବିପଦକୁ ବୃଦ୍ଧି କରେ।

ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁହଁ, ବାହୁ କିମ୍ବା ଗୋଡରେ ହଠାତ୍ ଦୁର୍ବଳତା, କଥା କହିବା କିମ୍ବା ବୁଝିବାରେ ଅସୁବିଧା, ଝାପ୍ସା ଦେଖାଯିବା, ମୁଣ୍ଡ ବୁଲାଇବା କିମ୍ବା ସନ୍ତୁଳନ ହରାଇବା ଆଦି ପ୍ରମୁଖ ଲକ୍ଷଣ। କେତେକ ସମୟରେ ରୋଗୀ ମଧ୍ୟ ଗୁରୁତର ମୁଣ୍ଡ ବିନ୍ଧା ଅନୁଭବ କରନ୍ତି। ଏହି ଅବସ୍ଥା ୪୦ରୁ ଅଧିକ ବୟସ୍କ ଲୋକଙ୍କଠାରେ ଅଧିକ ସାଧାରଣ, ବିଶେଷକରି ବ୍ଲଡ୍ ପ୍ରେସର, ଡାଇବେଟିସ୍ ଏବଂ କୋଲେଷ୍ଟ୍ରରଲ ସମସ୍ୟା ଥିବା ଲୋକଙ୍କଠାରେ ଦେଖିବାକୁ ମିଳିଥାଏ। ଯଦି ପରିବାରରେ କାହାର ଷ୍ଟ୍ରୋକ୍ ଥାଏ ତେବେ ଏହା ମଧ୍ୟ ବିପଦ ହୋଇଥାଏ।

ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, ମସ୍ତିଷ୍କର କୌଣସି ଅଂଶରେ ରକ୍ତ ପ୍ରବାହ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଏ କିମ୍ବା ଅତ୍ୟଧିକ ରକ୍ତସ୍ରାବ ହୁଏ, ସେତେବେଳେ ମସ୍ତିଷ୍କ ଷ୍ଟ୍ରୋକ୍ ବିପଦଜନକ ହୋଇଯାଏ। ଏପରି ପରିସ୍ଥିତିରେ, ମସ୍ତିଷ୍କ କୋଷଗୁଡ଼ିକ କିଛି ମିନିଟ ମଧ୍ୟରେ ମରିଯିବା ଆରମ୍ଭ କରେ, ଯାହା ଫଳରେ ସ୍ଥାୟୀ ପକ୍ଷାଘାତ, ବାକ୍ ସମସ୍ୟା, ସ୍ମୃତିଶକ୍ତି ହ୍ରାସ କିମ୍ବା ମୃତ୍ୟୁ ମଧ୍ୟ ହୁଏ।

ଯଦି ୩ରୁ ୪ ଘଣ୍ଟା ମଧ୍ୟରେ ଚିକିତ୍ସା ଆରମ୍ଭ ନ କରାଯାଏ, ତେବେ ରୋଗୀଙ୍କ ବଞ୍ଚିବାର ସମ୍ଭାବନା ବହୁତ ହ୍ରାସ ପାଏ। ହେମୋରେଜିକ ଷ୍ଟ୍ରୋକ୍ ଅର୍ଥାତ୍ ମସ୍ତିଷ୍କରେ ରକ୍ତସ୍ରାବକୁ ସବୁଠାରୁ ଗମ୍ଭୀର ବୋଲି ବିବେଚନା କରାଯାଏ। ଏହା ବ୍ୟତୀତ ଯଦି ଷ୍ଟ୍ରୋକ୍ ବାରମ୍ବାର ହୁଏ କିମ୍ବା ରୋଗୀଙ୍କର ହାର୍ଟ ଆଟାକ୍ ମଧ୍ୟ ହୁଏ। ତେବେ ବିପଦ ଆହୁରି ବଢ଼ିଯାଏ। ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅଣଦେଖା କରନ୍ତୁ ନାହିଁ।

- ଧୂମପାନ ଏବଂ ମଦ୍ୟପାନରୁ ଦୂରରେ ରୁହନ୍ତୁ।
- ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ଏବଂ ଓଜନ ନିୟନ୍ତ୍ରଣ ବଜାୟ ରଖନ୍ତୁ।
- ପ୍ରତିଦିନ ଅତି କମ୍‌ରେ ୩୦ ମିନିଟ୍ ବ୍ୟାୟାମ କରନ୍ତୁ।
- ଚାପ ହ୍ରାସ କରନ୍ତୁ ଏବଂ ପର୍ଯ୍ୟାପ୍ତ ନିଦରେ ଶୁଅନ୍ତୁ।

# ଟିକେ ଏମିତି କରି ଦେଲେ ଘରେ ବଢ଼ିବ ସୁଖ ସମୃଦ୍ଧି

ଏମିତି କିଛି ବିଶେଷ କଥା ରହିଛି, ଯାହା ଉପରେ ଟିକେ ନଜର ଦେଲେ ଘରର ସୁଖ, ସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଯେମିତିକି: ଶୋଇକି ଉଠିବା ପରେ ଅସଜଡ଼ା ଶେଯକୁ ଟିକେ ସଜାଡ଼ିଦେବା, ନ ହେଲେ ଶନି ଦେବତାଙ୍କର କୁଦୃଷ୍ଟି ସୁଖଶାନ୍ତି ଉପରେ ପଡ଼ିଥାଏ ବୋଲି ବିଶ୍ୱାସ କରାଯାଏ। ଖାଇଲାବେଳେ ଖାଦ୍ୟ ଥାଳିରେ ଯେଉଁ ଲୁଣ ଦିଆଯାଇଥାଏ, ତାହାକୁ କେବେ ବି ତଳେ ନ ପକାଇ କିମ୍ବା ହାତରେ ଲାଗିଥିବା ଲୁଣକୁ ଲୁଗାରେ ନ ପୋଛି ବରଂ ତାହାକୁ ପାଣିରେ ଧୋଇଦେବେ। ଲୁଣକୁ ତଳେ ପକାଇଲେ କିମ୍ବା ଲୁଗାରେ ପୋଛିଲେ କୁଆଡ଼େ କରଜ ବଢ଼ିଥାଏ ବୋଲି କୁହାଯାଏ। ଠାକୁରଙ୍କୁ ପୂଜାକରିବା ସମୟରେ ସକାଳେ ହେଉ ଅବା ସନ୍ଧ୍ୟାରେ ଥରୁଟିଏ ହେଉ ନା କାହିଁକି ଝୁଣାଧୂପ କିମ୍ବା କର୍ପୂର ଆଳତି କଲେ ପ୍ରଭୁକୃପା ମିଳିଥାଏ। ଟଙ୍କା ପଇସା ରଖୁଥିବା ଆଲମାରୀର ମୁହଁ କେବେ ବି ଦକ୍ଷିଣ ଦିଗକୁ କରିବେ ନାହିଁ। ଏହାଦ୍ୱାରା ପରିବାରରେ କାହାରି ନା କାହାରି ଦେହ ଖରାପ ହୋଇଥାଏ ଆଉ ସେହିଥିରେ ହିଁ ଅର୍ଥ ସବୁ ଖର୍ଚ୍ଚ ହୋଇଯାଏ ବୋଲି ବିଶ୍ୱାସ ରହିଛି। ଝଁଶ୍ରୀଯନ୍ତ୍ର କିମ୍ବା ନାଲି କପଡ଼ାରେ ଗୁଡ଼ା ହୋଇଥିବା ନଡ଼ିଆ ଠାକୁରଘରେ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ପାଖରେ ରଖିଲେ ମାତା ଖୁସି ହୋଇଥାନ୍ତି। ଫଳରେ ଘରର ମଙ୍ଗଳ ହୋଇଥାଏ। ଘରେ ବ୍ୟବହାର ହେଉଥିବା ଯେକୌଣସି ପାଣି ଟ୍ୟାପ୍‌କୁ ବନ୍ଦ କରିବା ସତ୍ତ୍ୱେ ବି ଯଦି ସେଥିରୁ ପାଣି ଝରୁଥାଏ, ତା'ହେଲେ ଘରେ ଅଭାବ ଅନଟନ ଦେଖାଯିବା ସହ ଅମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କୋପ୍ ୩୦: ଆମାଜନର ଆହ୍ୱାନ

ଆସନ୍ତା ୨୦୨୫ ମସିହା ନଭେମ୍ବର ୧୦ରୁ ୨୧ ତାରିଖ ପର୍ଯ୍ୟନ୍ତ ବ୍ରାଜିଲର ବେଲେମ୍ ସହରରେ ଅନୁଷ୍ଠିତ ହେବାକୁ ଯାଉଛି ମିଳିତ ଜାତିସଂଘର ୩୦ତମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ, ଯାହାକୁ ଆମେ କୋପ୍ ୩୦ (COP 30) ଭାବରେ ଜାଣୁ । ଏହି ସମ୍ମିଳନୀ କେବଳ ଏକ ବାର୍ଷିକ ଆୟୋଜନ ନୁହେଁ, ବରଂ ଏହା ପ୍ୟାରିସ୍ ଚୁକ୍ତିର ଦଶମ ବର୍ଷପୂର୍ତ୍ତି ଅବସରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ଉଭା ହୋଇଛି । ଆମାଜନର ହୃଦୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ, ବିଶ୍ୱ ସମୁଦାୟ ପାଇଁ କେବଳ ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ପୁଣିଥରେ ସ୍ମରଣ କରାଇବ ନାହିଁ, ବରଂ ଏକ ନୂତନ ଏବଂ ଅଧିକ ପ୍ରତିବଦ୍ଧତାପୂର୍ଣ୍ଣ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ଏକ ସୁଯୋଗ ମଧ୍ୟ ସୃଷ୍ଟି କରିବ ।

ବ୍ରାଜିଲର ବେଲେମ୍‌ରେ ଏହି ସମ୍ମିଳନୀର ଆୟୋଜନ ନିଜେ ଏକ ଶକ୍ତିଶାଳୀ ସାଙ୍କେତିକ ବାର୍ତ୍ତା ବହନ କରୁଛି । ଆମାଜନ ଜଙ୍ଗଲ, ଯାହାକୁ ପୃଥିବୀର ଫୁସଫୁସ୍ କୁହାଯାଏ, ତାହା ଜଳବାୟୁ ପରିବର୍ତ୍ତନର ମୁକାବିଲାରେ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଏହି ସ୍ଥାନ ଚୟନରୁ ସ୍ପଷ୍ଟ ହୁଏ । ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲଭାଙ୍କ ନେତୃତ୍ୱରେ ପରିବେଶ ସୁରକ୍ଷାକୁ ପୁଣିଥରେ ପ୍ରାଥମିକତା ଦିଆଯାଇଛି। ତାଙ୍କ ଶାସନ କାଳରେ ଆମାଜନରେ ଜଙ୍ଗଲକ୍ଷୟ ହାରରେ ଏକ ବଡ଼ ଧରଣର ହ୍ରାସ ପରିଲକ୍ଷିତ ହୋଇଛି। ୨୦୨୪ ମସିହା ଜୁଲାଇ ସୁଦ୍ଧା, ପୂର୍ବ ବର୍ଷ ତୁଳନାରେ ଜଙ୍ଗଲକ୍ଷୟ ହାର ୩୦.୬% କମି ୬,୨୮୮ ବର୍ଗ କିଲୋମିଟରରେ ପହଞ୍ଚିଛି, ଯାହାକି ଗତ ୯ ବର୍ଷ ମଧ୍ୟରେ ସର୍ବନିମ୍ନ। ଏହି ପରିସଂଖ୍ୟାନ ବ୍ରାଜିଲର ପ୍ରତିବଦ୍ଧତାକୁ ଦର୍ଶାଉଥିବା ବେଳେ, ଏହା ମଧ୍ୟ ସୂଚାଉଛି ଯେ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ପରିବେଶ ସୁରକ୍ଷା ସମ୍ଭବ । ଏହା ସହିତ, ବ୍ରାଜିଲ ନବୀକରଣୀୟ ଶକ୍ତି କ୍ଷେତ୍ରରେ ମଧ୍ୟ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ୨୦୨୩ ମସିହାରେ ଦେଶର ୯୩.୧% ବିଦ୍ୟୁତ୍ ଉତ୍ପାଦନ ନବୀକରଣୀୟ ଉତ୍ସରୁ ହୋଇଥିଲା, ଯାହା ବିଶ୍ୱ ପାଇଁ ଏକ ଅନୁକରଣୀୟ ଉଦାହରଣ । ଏହି ପୃଷ୍ଠଭୂମିରେ, କପ୍ ୩୦ ଏକ 'କାର୍ଯ୍ୟାନ୍ୱୟନ କୋପ୍' (Implementation COP) ହେବ ବୋଲି ଆଶା କରାଯାଉଛି, ଯେଉଁଠାରେ ପୂର୍ବର ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯିବ ।

କୋପ୍ ୩୦ର ଏଜେଣ୍ଡା ମୁଖ୍ୟତଃ ଛଅଟି ସ୍ତମ୍ଭ ଉପରେ ଆଧାରିତ ହେବ: ଶକ୍ତି, ଶିଳ୍ପ ଓ ପରିବହନ; ଜଙ୍ଗଲ, ମହାସାଗର ଓ ଜୈବ ବିବିଧତା; କୃଷି ଓ ଖାଦ୍ୟ ପ୍ରଣାଳୀ; ସହର, ଭିତ୍ତିଭୂମି ଓ ଜଳ; ମାନବିକ ଓ ସାମାଜିକ ବିକାଶ; ଏବଂ ଏସବୁକୁ ସକ୍ଷମ କରିବା ପାଇଁ ଆର୍ଥିକ, ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବୃଦ୍ଧି । ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ହେଉଛି ପ୍ୟାରିସ୍ ଚୁକ୍ତି ଅନୁଯାୟୀ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ଦେଶମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ରାଷ୍ଟ୍ରୀୟ ସ୍ତରରେ ନିର୍ଦ୍ଧାରିତ ଯୋଗଦାନ (Nationally Determined Contributions - NDCs)ର ସମୀକ୍ଷା କରିବା ଏବଂ ଏହାକୁ ଅଧିକ ମହତ୍ତ୍ୱାକାଂକ୍ଷୀ କରିବା ।

ତେବେ, ଏହି ରାସ୍ତା ଆଦୌ ସହଜ ନୁହେଁ । ପୂର୍ବ କପ୍ ସମ୍ମିଳନୀଗୁଡ଼ିକର ଇତିହାସ ଦେଖିଲେ, ଆମେ ଅନେକ ସଫଳତା ସହିତ ବିଫଳତାର ଚିତ୍ର ମଧ୍ୟ ପାଇଥାଉ । ଗତ ବର୍ଷ ବାକୁ, ଆଜେରବାଇଜାନରେ ଅନୁଷ୍ଠିତ କୋପ୍ ୨୯ରେ ଜଳବାୟୁ ଅର୍ଥନୀତି (Climate Finance) ଏକ କେନ୍ଦ୍ରୀୟ ପ୍ରସଙ୍ଗ ଥିଲା। ଏଥିରେ ଏକ ନୂତନ ସାମୂହିକ ପରିମାଣାତ୍ମକ ଲକ୍ଷ୍ୟ (New Collective Quantified Goal - NCQG) ସ୍ଥିର କରାଯାଇଥିଲା, ଯାହା ଅନୁଯାୟୀ ବିକଶିତ ଦେଶମାନେ ୨୦୩୫ ସୁଦ୍ଧା ବିକାଶଶୀଳ ଦେଶମାନଙ୍କୁ ବାର୍ଷିକ ଅତି କମରେ ୩୦୦ ବିଲିୟନ ଡଲାରର ଜଳବାୟୁ ଅର୍ଥ ସହାୟତା ଯୋଗାଇବେ। ଏହା ସହିତ 'ବାକୁ ଟୁ ବେଲେମ୍ ରୋଡମ୍ୟାପ୍' ମାଧ୍ୟମରେ ୧.୩ ଟ୍ରିଲିୟନ ଡଲାର ପର୍ଯ୍ୟନ୍ତ ଅର୍ଥ ସଂଗ୍ରହ କରିବାର ଏକ ବୃହତର ଲକ୍ଷ୍ୟ ମଧ୍ୟ ରଖାଯାଇଛି। କିନ୍ତୁ, ଏହି ପ୍ରତିଶ୍ରୁତିଗୁଡ଼ିକର ପୂରଣ ଏକ ବଡ଼ ଆହ୍ୱାନ । ୨୦୦୯ରେ ପ୍ରତିଶ୍ରୁତି ଦିଆଯାଇଥିବା ବାର୍ଷିକ ୧୦୦ ବିଲିୟନ ଡଲାରର ଲକ୍ଷ୍ୟ ୨୦୨୨ରେ ଯାଇ ପୂରଣ ହୋଇଥିଲା, ତାହା ମଧ୍ୟ ମୁଖ୍ୟତଃ ଋଣ ଆକାରରେ, ଅନୁଦାନ ଆକାରରେ ନୁହେଁ । ଏହି ଆର୍ଥିକ ବ୍ୟବଧାନ (Finance Gap) ଜଳବାୟୁ କାର୍ଯ୍ୟାନୁଷ୍ଠାନରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମସ୍ତଙ୍କ ଉପରେ ସମାନ ଭାବରେ ପଡ଼ୁନାହିଁ। ଗରିବ, ଆଦିବାସୀ, ମହିଳା, ଶିଶୁ ଏବଂ ବୟସ୍କ ବ୍ୟକ୍ତିଙ୍କ ପରି ଅସୁରକ୍ଷିତ ସମୁଦାୟ ଏହାର ସବୁଠାରୁ ଅଧିକ ଶିକାର ହେଉଛନ୍ତି । ସେମାନଙ୍କର ଜୀବିକା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସବୁଠାରୁ ଅଧିକ ବିପଦରେ। ଏହି ପ୍ରସଙ୍ଗରେ, ବ୍ରାଜିଲରେ ଆଦିବାସୀ ସମୁଦାୟମାନେ ପିଢ଼ି ପିଢ଼ି ଧରି ଆମାଜନ ଜଙ୍ଗଲର ସୁରକ୍ଷା କରିଆସୁଛନ୍ତି। ସେମାନଙ୍କର ପାରମ୍ପରିକ ଜ୍ଞାନ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଅତ୍ୟନ୍ତ ମୂଲ୍ୟବାନ । ଏହା ଏକ ସକାରାତ୍ମକ ଦିଗ ଯେ ବ୍ରାଜିଲ ସରକାର ଆଦିବାସୀମାନଙ୍କୁ କୋପ୍ ୩୦ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବରେ ସାମିଲ କରିଛନ୍ତି। କିନ୍ତୁ କେବଳ ସାମିଲ କରିବା ଯଥେଷ୍ଟ ନୁହେଁ, ସେମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କୁ ପ୍ରକୃତ କ୍ଷମତା ପ୍ରଦାନ କରିବା ଆବଶ୍ୟକ ।

ଯଦି ଆମେ ଓଡ଼ିଶା ପରିପ୍ରେକ୍ଷୀରେ ଦେଖିବା, ତେବେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅତ୍ୟନ୍ତ ସ୍ପଷ୍ଟ। ଓଡ଼ିଶାର ୪୮୦ କିଲୋମିଟର ଲମ୍ବ ଉପକୂଳ ବାରମ୍ବାର ବାତ୍ୟା, ସାମୁଦ୍ରିକ ଜୁଆର ଏବଂ ସମୁଦ୍ର ସ୍ତର ବୃଦ୍ଧିର ସମ୍ମୁଖୀନ ହେଉଛି । ଫନି ଏବଂ ୟାସ୍ ପରି ଭୟଙ୍କର ବାତ୍ୟା ରାଜ୍ୟର ଅର୍ଥନୀତି ଏବଂ ଜନଜୀବନ ଉପରେ ଗଭୀର ପ୍ରଭାବ ପକାଇଛି। ଅନିୟମିତ ବର୍ଷା, ବନ୍ୟା, ମରୁଡ଼ି ଏବଂ ଗ୍ରୀଷ୍ମ ପ୍ରବାହ ରାଜ୍ୟର କୃଷିକୁ ବ୍ୟାପକ ଭାବରେ ପ୍ରଭାବିତ କରୁଛି, ଯେଉଁଠାରେ ଜନସଂଖ୍ୟାର ଏକ ବଡ଼ ଅଂଶ କୃଷି ଉପରେ ନିର୍ଭରଶୀଳ। ସମୁଦ୍ର ପତ୍ତନ ବୃଦ୍ଧି ଯୋଗୁଁ ଉପକୂଳବର୍ତ୍ତୀ ଅଞ୍ଚଳରେ ଲୁଣା ପାଣି ମାଡ଼ିଯିବା ଫଳରେ ଚାଷଜମି ନଷ୍ଟ ହେଉଛି ଏବଂ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଉଛି । ଏହି ପରିସ୍ଥିତିରେ, କପ୍ ୩୦ରେ ନିଆଯିବାକୁ ଥିବା ନିଷ୍ପତ୍ତିଗୁଡ଼ିକ ଓଡ଼ିଶା ପରି ଉପକୂଳବର୍ତ୍ତୀ ରାଜ୍ୟମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବିଶ୍ୱ ଅର୍ଥନୀତି ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ। ଏକ ଅଧ୍ୟୟନ ଅନୁଯାୟୀ, ଯଦି ବିଶ୍ୱ ତାପମାତ୍ରା ୨ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଏ, ତେବେ ବିଶ୍ୱର ମୁଣ୍ଡପିଛା ଜିଡିପି ୧୦%ରୁ ଅଧିକ ହ୍ରାସ ପାଇପାରେ । ଏହା ଏକ ସ୍ଥାୟୀ ମହାମନ୍ଦା ସଦୃଶ ପରିସ୍ଥିତି ସୃଷ୍ଟି କରିପାରେ । ଅପରପକ୍ଷେ, ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ କରାଯାଉଥିବା ବିନିଯୋଗ କେବଳ ଏକ ଖର୍ଚ୍ଚ ନୁହେଁ, ବରଂ ଏହା ଏକ ନୂତନ ସବୁଜ ଅର୍ଥନୀତିର ସୁଯୋଗ ମଧ୍ୟ ସୃଷ୍ଟି କରୁଛି । ନବୀକରଣୀୟ ଶକ୍ତି, ଇଲେକ୍ଟ୍ରିକ୍ ଯାନ ଏବଂ ସ୍ଥାୟୀ କୃଷି ପରି କ୍ଷେତ୍ରରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ।

କୋପ୍ ୩୦ର ସଫଳତା କେତେକ ଗୁରୁତ୍ୱପୂର୍ଣ୍ଣ କାରକ ଉପରେ ନିର୍ଭର କରିବ। ପ୍ରଥମତଃ, ବିକଶିତ ଦେଶମାନଙ୍କୁ ସେମାନଙ୍କର ଐତିହାସିକ ଦାୟିତ୍ୱ ସ୍ୱୀକାର କରି ଜଳବାୟୁ ଅର୍ଥନୀତି ଯୋଗାଇବାରେ ନେତୃତ୍ୱ ନେବାକୁ ପଡ଼ିବ । ଦ୍ୱିତୀୟତଃ, ସମସ୍ତ ଦେଶମାନଙ୍କୁ, ବିଶେଷକରି ପ୍ରମୁଖ ଅଙ୍ଗାରକାମ୍ଳ ନିର୍ଗମନକାରୀ ଦେଶମାନଙ୍କୁ, ସେମାନଙ୍କର NDCsକୁ ଅଧିକ ମହତ୍ତ୍ୱାକାଂକ୍ଷୀ କରିବାକୁ ହେବ ଏବଂ ଏହାର କାର୍ଯ୍ୟାନ୍ୱୟନ ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ପଡ଼ିବ। ତୃତୀୟତଃ, କ୍ଷତି ଏବଂ କ୍ଷୟ (Loss and Damage) ପାଣ୍ଠିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଏବଂ ପ୍ରଭାବିତ ଦେଶମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ଜରୁରୀ । ଏବଂ ଚତୁର୍ଥତଃ, ଆଦିବାସୀ ସମୁଦାୟ, ସ୍ଥାନୀୟ ସମ୍ପ୍ରଦାୟ ଏବଂ ନାଗରିକ ସମାଜକୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅର୍ଥପୂର୍ଣ୍ଣ ଭାବରେ ସାମିଲ କରିବାକୁ ହେବ ।

ପରିଶେଷରେ, କୋପ୍ ୩୦ କେବଳ ଏକ ସମ୍ମିଳନୀ ନୁହେଁ, ଏହା ମାନବ ସଭ୍ୟତାର ଭବିଷ୍ୟତ ପାଇଁ ଏକ ପରୀକ୍ଷାର ସମୟ । ଆମାଜନର ଗହନ ବନାନୀରୁ ଉଠୁଥିବା ଆହ୍ୱାନକୁ ବିଶ୍ୱ ସମୁଦାୟ କିପରି ଗ୍ରହଣ କରୁଛି, ତାହା ଉପରେ ଆମ ଗ୍ରହର ଭାଗ୍ୟ ନିର୍ଭର କରେ । କଥାବାର୍ତ୍ତା, ବୁଝାମଣା ଏବଂ ପ୍ରତିଶ୍ରୁତିର ପର୍ଯ୍ୟାୟ ଅତିକ୍ରମ କରି ଏବେ କଠୋର ଏବଂ ନିର୍ଣ୍ଣାୟକ ପଦକ୍ଷେପ ନେବାର ସମୟ ଆସିଛି । ଯଦି ଆମେ ଏହି ସୁଯୋଗକୁ ହାତଛଡ଼ା କରୁ, ତେବେ ଭବିଷ୍ୟତ ପିଢ଼ି ଆମକୁ କେବେହେଲେ କ୍ଷମା ଦେବ ନାହିଁ । ବେଲେମ୍‌ରେ ପୃଥିବୀର ନେତୃବୃନ୍ଦ ଏକାଠି ହେବା ବେଳେ, ସେମାନଙ୍କୁ ମନେ ରଖିବାକୁ ହେବ ଯେ ସେମାନଙ୍କ ନିଷ୍ପତ୍ତି କେବଳ କାଗଜପତ୍ରରେ ସୀମିତ ନରହି, ବାସ୍ତବରେ ପୃଥିବୀର ଜଳ, ବାୟୁ ଏବଂ ଜୀବନକୁ ସୁରକ୍ଷା ଦେବାରେ ସକ୍ଷମ ହେବା ଉଚିତ ।

# ବୌଦ୍ଧ ଧର୍ମରେ ଓଡ଼ିଆ ଆଗ



## ଉତ୍କଳାନନ୍ଦ ଅଜୟ କୁମାର ବେହେରା



କେନ୍ଦ୍ରାପଡ଼ା ସନ୍ନିକଟ ମାତ୍ର ଜିଲ୍ଲା, ଯାଜପୁର, ଏହା ଦିନେ ଅଭଙ୍ଗ କଟକ ଜିଲ୍ଲା ଥିଲା। କେତେ ସାଧୁ ମହାତ୍ମା, ସନ୍ଥ ଦିବ୍ୟଗୁରୁ ଯଜ୍ଞକାରୀ ଅଗ୍ନିହୋତ୍ରୀ, ତତ୍କାଳ ଚଣ୍ଡମୁଣ୍ଡ ଶକ୍ତି ଧର ରାଜା ଜମିଦାର, ଏମାଟିର ଆସିଥିଲେ, ଚାଲିବି ଗଲେ, କ୍ଷେତ୍ର ତାର ସାକ୍ଷୀ, ଯଜ୍ଞପୁର ବୋଲି ଲୋକେ ଏ ଭୂମିକୁ ଅତୀବ ସମ୍ମାନ ଦେଖାଇ ଆସୁଛନ୍ତି। କାହିଁ ନେପାଳ ଦେଶ ସର୍ନ୍ନିକଟ କପିଳବାସ୍ତୁ ରାଜାମହଲ ସେଠାରେ ଜନ୍ମିତ ରାଜକୁମାର ଗୌତମ। ସେ ହେଲେ ସନ୍ନ୍ୟାସୀ। ତତ୍କାଳ ମଗଧ ଅଙ୍ଗ ରାଜ୍ୟ ବର୍ତ୍ତମାନର ବିହାର ତା'ମଧ୍ୟରେ ଗୟା, ସେଠାରେ ଜଙ୍ଗଲ ପାଖରେ ନିରଞ୍ଜନା ନଦୀ, ତତ୍କାଳ ଲୋକଙ୍କୁ ଶିକାର ନିଶାକୁ ଏଇ ନଦୀ ତଟରର ଗୁଳ୍ମଲତା ବୃକ୍ଷ ନାନା ପ୍ରକାର ତୃଣ ବହୁଳ ବଣରେ ବହୁତ ମୃଗ ସମ୍ବର, କୁଟ୍ରା ବାସ କରୁଥିଲେ। ସେଠାରେ ଥିବା ଲୋକେ ଅତ୍ୟନ୍ତ ଜୀବ ହତ୍ୟା ନିତ୍ୟ କରୁଥିଲେ। ଏପରିକି ଶ୍ରଦ୍ଧରେ ମୃଗ ମାଂସ ଆବଶ୍ୟକ ଏହା ଜୋର କରି ପ୍ରଚାର ଚଳାଇ ମୃଗ ମାଂସର ଏକ ବଜାର ଖୋଲାଇ ଥିଲେ। ପୂର୍ବେ ରାଜା ମହାରାଜା ଜମିଦାର ସବାରୀ ପାନିକି ଦୋଳା, ଶଗଡ଼ରେ ଗୟା ଶ୍ରଦ୍ଧ ପାଇଁ ଯାଉଥିଲେ। ସେମାନଙ୍କ ମନରେ ପୁରାଇ ଦିଆଯାଇଥିଲା 'ଅରଣ୍ୟେ ମୃଗ ଶୁକର ରଣେ ଶତ୍ରୁମାରି, କ୍ଷାତ୍ରଧର୍ମେ ଏହାକୁ ଦୋଷ ନବିଚାରି, ମାଂସ ଭୁକ ମାନଙ୍କ ଏ ପ୍ରଚାର ଦୀପ ତେଜିଲେ ହାତ ଚିକ୍କଣ ପରି ହେଉଥଲା। ରାମାୟଣରେ ରାମ ଦଶରଥଙ୍କ ଶ୍ରାଦ୍ଧରେ ଗୟାଧାମ ଶ୍ରାଦ୍ଧକୁ ଆସି ମୃଗୟା ପାଇଁ ପୁରୋହିତ ପ୍ରେରଣାରେ ଏହି ଜଙ୍ଗଲକୁ ଯାଇ ବହୁ ବିଳମ୍ବ ହେବା ସହିତ ଶ୍ରାଦ୍ଧର ସମୟ ଅତିବାହିତ ହେବା କାଳ ଅତିବାହିତ ସମୟ ଆଗତ ବେଳେ ଦଶରଥଙ୍କ ସୂକ୍ଷ୍ମ ଆତ୍ମା ମା'ସୀତାଙ୍କୁ ପ୍ରଭାବିତ କରିବାରୁ ମା'ପରମା ବିଦୂଷି, ସେ ପିତୃ ଜନକପୁରୀ, ପଣ୍ଡିତ ଗଣଙ୍କ ଆଲୋଚନାରେ ଶୁଣିଥିଲେ, ପିତୃ ହୁଅନ୍ତୁ ଦେବତା ହୁଅନ୍ତୁ ତାଙ୍କର ମାନସପୂଜା ଉପଚାର ହୋଇପାରେ। ଶ୍ରାଦ୍ଧରେ ଯେଉଁ ଦ୍ରବ୍ୟ କଳ୍ପନାରେ ଅର୍ପଣ କରାଯିବ ସେ ନିଶ୍ଚୟ ଗ୍ରହଣ କରିବେ। ଏଇ ମାସରେ ସେ ପାଖ ଫଲଗୁ ନଦୀର ଘାଟରେ ବାଲି ପିଣ୍ଡ ଅମୃତ କଳ୍ପନା କରି ଦେଇଥିଲେ ଯାହା ଦଶରଥ ପାଇଁ ତୃପ୍ତିଦାୟୀ ହୋଇଥିଲା।

ପରେ ରାମଲକ୍ଷ୍ମଣ ଆଉ ଆଡ଼ମ୍ବର ଶ୍ରାଦ୍ଧ ଦେବା ସମୟ ନଥିଲା। ଗୟରେ ଗୌତମ ବୁଦ୍ଧ, ନିରୀହ ଜୀବଙ୍କ ହତ୍ୟା, ରକ୍ତପାତ, ଲୋକଙ୍କ ନିଷ୍ଠୁରପଣ, ଆଉ ଜିହ୍ୱା ଲାଳସା ପାଇଁ ଦେବ ଉପଚାର, ପିତୃ ଉପଚାରରେ ଜୀବ ବଳି ସଂଯୋଗକୁ କୁସଂସ୍କାର ଅନ୍ଧ ବିଶ୍ୱାସ ଭାବି ଅନୁନୟ ବିନୟ ହୋଇ କିଛି ଫଳ ପାଇଲେ ନାହିଁ। ଏପରିକି ସମ୍ରାଟ ବିମ୍ବିସାରଙ୍କୁ ଜଣାଇ ଏ ପ୍ରଥା ବନ୍ଦ କରିପାରିନଥିଲେ। ଗୟାଧାମରେ ଅକ୍ଷୟବଟ ଅଛି। ଶ୍ରାଦ୍ଧ ତାର ମୂଳରେ ଦିଆଯାଏ। ଲୋକମାନ୍ୟତା ବଟ ବୃକ୍ଷ ମାନଙ୍କର ସର୍ବତ୍ର ଅଶ୍ୱସ୍ତ ଗଛକୁ ଗୀତାରେ ବିଷ୍ଣୁ ବୃକ୍ଷ କୁହାଗଲେ ବି ଲୋକଙ୍କୁ କିଛି ନାକଟେକା ଥିଲା। ତା ମୂଳରେ କେହି ରାତ୍ରି ବାସ କରନ୍ତି ନାହିଁ ବିଶ୍ୱାସ କରାଯାଏ କୁଆଡ଼େ ସେ ଗଛରେ ହତଲକ୍ଷ୍ମୀ ବାସ କରନ୍ତି। ଏମିତି ଏକ ଗଛକୁ ଗୌତମ ବାଛି ତାହାରି ମୂଳରେ ନଖାଇ ନପିଇ ଘୋର ତପ ଆଚରଣ କଲେ। ବହୁତ ଦିନର ସାଧନା ତପ ତାଙ୍କର ସିଦ୍ଧ ହେଲା। ସୁଜାତାର ଖିରି ଖାଇ ତାଙ୍କର ଉପବାସ ଭାଙ୍ଗିଥିଲେ। ଗୌତମ ଆତ୍ମଜ୍ଞାନ ପାଇ ବୁଦ୍ଧଂ ହେଲେ। ଆମ ଓଡ଼ିଆ ଭୂୟାଁ ବଂଶୋଦ୍ଭବ ଦୁଇଜଣ ତପସୁ, ଭଲ୍ଲୁକ ସେହି ଜଙ୍ଗଲ ପଥରେ ପଣ୍ୟ ବାହୀ ଶଗଡ଼ରେ ଯିବାବେଳେ ଗୌତମ ବୁଦ୍ଧଙ୍କ ସହଚର୍ଯ୍ୟ ପାଇଥିଲେ। ତାଙ୍କର ସେବାରେ କିଛି ସମୟ କଟାଇ ଥିଲେ, ଆମ ରାଜ୍ୟର ପାନ୍ଥମାନେ ବାଟକୁ ସାଥିରେ କିଛି ଶୁଖିଲା ଖାଦ୍ୟ ନେଇକି ଯାଇଥାନ୍ତି। ଏଥିରେ ଅରିଶା ପିଠା ଅନ୍ୟତମ ବୁଦ୍ଧଙ୍କୁ ବଣିକ ଦ୍ୱୟ ସେହି ଅରିଶା ପିଠା ଖୁଆଇଥିଲେ। ବୁଦ୍ଧ ପ୍ରଥମେ ଏଇ ଦୁଇ ବଣିକ ଭୂୟାଁଙ୍କୁ ଦୀକ୍ଷିତ କରିଥିଲେ। ସେ ଅଶ୍ୱସ୍ତ ଗଛର ନାମହେଲା ବୋଧି ଦ୍ରୁମ, ତପ ଭୂମି ହେଲା, ବୁଦ୍ଧଗୟା, ପର ସମୟ ବୁଦ୍ଧଙ୍କ ଧର୍ମରେ ରାଜା ବିମ୍ବିସାର ପ୍ରଭାବିତ ହେଲେ, ଗୟାରୁ ଶ୍ରାଦ୍ଧ ଉଦ୍ଦେଶ୍ୟରୁ ଜୀବ ମାଂସ ରାଜଜ୍ଞାରେ ବନ୍ଦ ହେଲା। ଗୟାରେ ପୂର୍ବପରି ଶ୍ରଦ୍ଧକର୍ମ ଚାଲିଛି ହେଲେ ଯବ ଗହମ ଚୂର୍ଣ୍ଣ ଛତୁଆରେ ହିଁ ହେଉଛି। ପରବର୍ତ୍ତୀ କାଳରେ ସମ୍ରାଟ ଅଶୋକ ବୌଦ୍ଧ ଧର୍ମର ପ୍ରସାରଣ କରିଥିଲେ। ସେ ଭୂୟାଁ ବଣିକ ବର୍ତ୍ତମାନର କେନ୍ଦୁଝରର ଲୋକ ଥିଲେ। ଏ ରାଜ୍ୟରେ ଭୂୟାଁ ବଂଶ କିଛି ବଡ଼ ଅଞ୍ଚଳରେ ରାଜୁତି କରୁଥିଲେ। କଳିଙ୍ଗ ଯୁଦ୍ଧ ଏଇ ରାଜ୍ୟରେ ହୋଇଥିଲା ଯହିଁରେ ଅଶୋକ ଥିଲେ ଆକ୍ରମଣକାରୀ, ଦୟା ନଦୀର କୂଳରେ ଏ ଯୁଦ୍ଧ ହେଲେ ବି ବଧ ଭୂମି ଭୁବନେଶ୍ୱରର ବଧ ନଦୀ ଅଞ୍ଚଳରେ ହୋଇଥିଲା। ପର୍ବତରେ ତତ୍କାଳୀନ ରାଜାମାନେ ଦୁର୍ଗ ବାନ୍ଧୁଥିଲେ ଧଉଳି ସେପରି ଏକ ଦୁର୍ଗ ଥିଲା। ଏହା ପାଟଳିପୁତ୍ରରୁ ଏ ଦୁର୍ଗକୁ ଅଶୋକ ସେନାନେଇ କେମିତି ଆସିଲେ କେହି ବି ବାଧା ଦେଇନଥିଲେ ଏହା ଭାବିଲେ ଏବେ ଆଶ୍ଚର୍ଯ୍ୟ ଲାଗୁଛି, ଧଉଳି ଶାନ୍ତିସ୍ତୂପ ସେ ଯୁଦ୍ଧର ସ୍ମୃତି ବାହାନ କରୁଛି। ଆଉ ନଦୀର ନାମ ଦୟା ହୁଏତ ବୌଦ୍ଧ ଧର୍ମର ଗୁରୁମାନେ କରି ଥାଇପାରନ୍ତି। ଶିଶୁପାଳ ଗଡ଼ରୁ କଳିଙ୍ଗ ସେନା ଚାଳଣ ହୋଇଥାଇପାରେ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

# ହେତୁବାଦ: ଏକ ଅନୁଶୀଳନ



## ଅଧ୍ୟାପକ ଗୋପବନ୍ଧୁ

ହେତୁ କହିଲେ ବୁଦ୍ଧିକୁ ବୁଝାଏ। ତେଣୁ ହେତୁବାଦକୁ ବୁଦ୍ଧିବାଦ ବୋଲି ମଧ୍ୟ କୁହାଯାଇ ପାରିବ। ମନୁଷ୍ୟର ବୁଦ୍ଧି-ବିବେକରୁ ନିସୃତ ହେଉଥିବା ସିଦ୍ଧାନ୍ତ ଓ ଏହି ପ୍ରକ୍ରିୟା ହେଉଛି ହେତୁବାଦ। ଯେଉଁମାନେ ଏହାକୁ ବିଶ୍ୱାସ କରନ୍ତି ସେମାନେ ହେଉଛନ୍ତି ହେତୁବାଦୀ। ହେତୁବାଦ ହେଉଛି ସମସ୍ତ ବିଷୟ ଉପରେ ଶୁଦ୍ଧ ବିଚାରର ସାମଗ୍ରିକ ଚେତନା। ସ୍ଥୁଳ ଭେଦରେ ଏହାକୁ ତର୍କବାଦ, ବୌଦ୍ଧିକବାଦ ଓ କାରଣବାଦ ବୋଲି ମଧ କୁହାଯାଏ। କାରଣବାଦ ବା କରଣିକତା ହେତୁବାଦର ଏକ ପ୍ରମୁଖ ବିଷୟ। ଏହା ବିନା ହେତୁବାଦ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। କାରଣବାଦ କହିଲେ କାର୍ଯ୍ୟ-କାରଣ ନିୟମକୁ ବୁଝାଏ। ଏହା ଏକ ସର୍ବବ୍ୟାପୀ ନିୟମ ଅଟେ। ଏହି ନିୟମ ଉପରେ ବିଜ୍ଞାନ ପର୍ଯ୍ୟବେଶିତ। ବିଶ୍ୱବ୍ରହ୍ମାଣ୍ଡ ଏହି ନିୟମ ଦ୍ୱାରା ପରିଚାଳିତ ହୋଇ ଆସିଛି। ଏଥିରେ କୌଣସି ବ୍ୟତିକ୍ରମ ନାହିଁ।

ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଓ ଏହାପରେ କାର୍ଯ୍ୟ ବା ଘଟଣା ସଂଗଠିତ ହୁଏ। କୌଣସି କ୍ଷେତ୍ରରେ କାରଣ ବିନା କାର୍ଯ୍ୟ ସୃଷ୍ଟି ହେବା ସମ୍ଭବପର ନୁହେଁ। ଏହି କାର୍ଯ୍ୟ-କାରଣ ସମ୍ବନ୍ଧୀୟ ଜ୍ଞାନ ହେତୁବାଦର ମାର୍ଗଦର୍ଶକ। ବୁଦ୍ଧିର ପ୍ରମୁଖ ଆଧାର ହେଉଛି କାରଣିକତା। ସେହିମାନେ ହିଁ ବୁଦ୍ଧିମାନ ଯେଉଁମାନେ କାରଣିକତାର ସଠିକ ନିର୍ଣ୍ଣୟ କରିପାରନ୍ତି। ଏହା ଜ୍ଞାନର ସେହି ଉଚ୍ଚତର ସୋପାନ ଯାହା ପ୍ରକୃତ ସତ୍ୟ ନିକଟରେ ଉପନୀତ ହେବାରେ ସହାୟକ ହୁଏ। ଆଜିର ମନୁଷ୍ୟ ବହୁ ବିବର୍ତ୍ତନ ପ୍ରକ୍ରୀୟା ଦେଇ ବର୍ତ୍ତମାନର ସ୍ଥିତିକୁ ଆସିଛି। କ୍ରମେ ତାର ବୁଦ୍ଧିମତ୍ତାର ବିକାଶ ଘଟିଛି। ଏହି ବିକାଶ ପଛରେ ରହିଛି କରଣିକତା ସମ୍ବନ୍ଧୀୟ ସଚେତନତା। ସେ ପ୍ରତ୍ୟେକ ଘଟଣାକୁ ଏକ ଆକସ୍ମିକ ବିଷୟଭାବେ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଛି। ଘଟଣା ସଂଗଠିତ ହେବା ପଛର କାରଣ ଖୋଜିବାକୁ ଚେଷ୍ଟା କରିଛି। ଅନୁଭୂତି ତାକୁ ପ୍ରେରୀତ କରିଛି ଗ୍ରହଣ କରିବାକୁ ଯେ ପ୍ରତ୍ୟେକ କାର୍ଯ୍ୟ ବା ଘଟଣାର ଯାଥାଯଥ କାରଣ ରହିଛି। ବିନା କାରଣରେ କିଛି ଘଟେ ନାହିଁ। ଏହି ଅବଧାରଣା ମନୁଷ୍ୟର ମନରେ ହେତୁ ରୂପରେ ରୋପିତ ହୋଇଛି।

ମାନବ ସଭ୍ୟତାର ବିକାଶ ଦିଗରେ ହେତୁବାଦର ଭୂମିକା ଅତୁଳନୀୟ। ବିଜ୍ଞାନ ବିନା ଆଧୁନିକ ସଭ୍ୟତାର ପରିକଳ୍ପନା କରାଯାଇ ପାରିବ ନାହିଁ। ପୁଣି ହେତୁବାଦ ବିନା ବିଜ୍ଞାନର ପରିକଳ୍ପନା କରାଯାଇ ପାରିବ ନାହିଁ। ଯେହେତୁ କାରଣିକତା ବିଜ୍ଞାନର କେନ୍ଦ୍ରୀୟ ବିଷୟ, ତେଣୁ ବିଜ୍ଞାନ ନିର୍ଣ୍ଣୟକରେ କାହାକୁ କାରଣ କୁହାଯିବ। କାରଣ ତାହା ଯାହା ନିକଟରେ କାର୍ଯ୍ୟ ସୃଷ୍ଟି କରିବାର କ୍ଷମତା ଥିବ। ଯେ କୌଣସି ବିଷୟକୁ କାରଣ ରୂପରେ ଗ୍ରହଣ କରାଯାଇ ପାରିବ ନାହିଁ। ନଦୀର ଉପର ମୁଣ୍ଡରେ ଜୋରରେ ବର୍ଷାହେବା ବା ଅନ୍ୟ କୌଣସି କାରଣରୁ ପ୍ରବଳ ଜଳ ପ୍ରବାହ ନଇ ବଢ଼ିର କାରଣ ହୋଇପାରିବ। କିନ୍ତୁ ଭୂମିକମ୍ପ, ଯୁଦ୍ଧ, କଳହ ପରି ଅସଂପୃକ୍ତ ଘଟଣା ନଇ ବଢ଼ିର କାରଣ ହୋଇପାରିବ ନାହିଁ। ବିଶ୍ୱର ପ୍ରତ୍ୟେକ ଘଟଣା କାର୍ଯ୍ୟ-କାରଣ ସମ୍ବନ୍ଧରେ ଆବଦ୍ଧ। କ୍ରମରେ ପ୍ରଥମେ କାରଣ ଆସେ ଓ ପରେ କାର୍ଯ୍ୟ ଆସେ। ଏହାହିଁ କାରଣବାଦ।

ଅନ୍ୟ ପକ୍ଷରେ ଅନ୍ଧବିଶ୍ୱାସ ହେତୁବାଦର ସମ୍ପୂର୍ଣ୍ଣ ପରିପନ୍ଥୀ। ବିଶ୍ୱାସ ବିଜ୍ଞାନସିଦ୍ଧ ନୁହେଁ। ଏହା ସଠିକ ଜ୍ଞାନ ମଧ୍ୟ ନୁହେଁ। ଅନେକ ସମୟରେ ବିଶ୍ୱାସ ମିଥ୍ୟା ହୋଇଥାଏ। ଅତୀତରେ ଲୋକମାନେ ବିଶ୍ୱାସ କରୁଥିଲେ ପୃଥିବୀ ସ୍ଲେଟ୍ ଭଳିଆ ସମତଳ, କିନ୍ତୁ ପରେ ଏହା ଭୁଲ ବୋଲି ପ୍ରମାଣିତ ହେଲା। ଏହିପରି ଅନେକ ବିଶ୍ୱାସ ସମାଜରେ ଥିଲା ଯାହା ପରେ ମିଥ୍ୟା ବୋଲି ପ୍ରମାଣିତ ହୋଇଛି ଓ ପ୍ରତ୍ୟାଖ୍ୟାତ ହୋଇଛି। ବିଶ୍ୱାସ ଓ ଜ୍ଞାନ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ବିଶ୍ୱାସ ବ୍ୟକ୍ତି ସାପେକ୍ଷ। କୌଣସି ବିଷୟ ଉପରେ ଭିନ୍ନ ଭିନ୍ନ ବ୍ୟକ୍ତିର ବିଶ୍ୱାସ ଅଲଗା ଅଲଗା ହୋଇପାରେ। କିନ୍ତୁ ଜ୍ଞାନ ହେଉଛି ଗୋଟିଏ। ବିଷୟ ଭେଦରେ ଜ୍ଞାନ ଅନେକ ପ୍ରକାରର ହୋଇପାରେ। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଜ୍ଞାନରେ ବିବିଧତା ନାହିଁ। ଜ୍ଞାନ ଗୋଟିଏ, ବିଶ୍ୱାସ ଅନେକ। ତେଣୁ ବିଶ୍ୱାସକୁ ଜ୍ଞାନ ବୋଲି କୁହାଯାଇ ପାରିବ ନାହିଁ। ଜ୍ଞାନରୁ ବିଜ୍ଞାନ। ବିଜ୍ଞାନ ହେଉଛି ଶୋଧିତ ଜ୍ଞାନ। ଏହା ନିର୍ଭୁଲ। ବିଶ୍ୱାସ ଓ ଅବିଶ୍ୱାସ ଉପରେ ବିଜ୍ଞାନ ନିର୍ଭର କରେନାହିଁ। ଏହା ପ୍ରମାଣ ଉପରେ ନିର୍ଭର କରେ। ତେଣୁ ପ୍ରମାଣ ରହିତ ବିଶ୍ୱାସ ହେଉଛି ଅନ୍ଧବିଶ୍ୱାସ। ସାଧାରଣ ଭାବେ ଯେଉଁ ଜ୍ଞାନ ବିଜ୍ଞାନସମ୍ମତ ନୁହେଁ, ଅର୍ଥାତ୍ କାର୍ଯ୍ୟ-କାରଣ ସମ୍ବନ୍ଧ ଦ୍ୱାରା ସ୍ୱୀକୃତ ନୁହେଁ ତାହାହିଁ ଅନ୍ଧବିଶ୍ୱାସ।

ଆଦିମାନବ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିଲା। ତା ମନରେ କ୍ରମେ ଜିଜ୍ଞାସାଭାବ ଜାଗ୍ରତ ହୋଇଛି। ନିଜସ୍ୱ ବିଶ୍ୱାସ ଉପରେ ସନ୍ଦେହ ଜାତ ହୋଇଛି। ପ୍ରତ୍ୟେକ ଜାଗତିକ ଘଟଣା ଯାହାକୁ ସେ ଦିନେ କୌଣସି ଅଦୃଶ୍ୟ ଶକ୍ତିର ଇଚ୍ଛା ବୋଲି ବିଶ୍ୱାସ କରୁଥିଲା, ତା ଉପରେ ପ୍ରଶ୍ନ କରିବା ଆରମ୍ଭ କଲା। ଘଟଣା ପଛର କାରଣକୁ ସେ ଖୋଜିବାକୁ ଲଗିଲା। କ୍ରମେ ତାର ବୌଦ୍ଧିକତାର ବିକାଶ ହେଲା। ଅଭିଜ୍ଞତା ତାକୁ କାରଣିକତା ସମ୍ବନ୍ଧରେ ଅବଗତ କରାଇଲା। ସେ ଲକ୍ଷ୍ୟ କଲା ଗୋଟିଏ ଘଟଣା ଘଟିବା ପରେ ଅନ୍ୟ ଏକ ଘଟଣା ଘଟୁଛି। ପୂର୍ବ ଘଟଣା ଘଟିଲେ ପର ଘଟଣା ଘଟିବ ବୋଲି ତାର ଧାରଣା ଜାତ ହେଲା। ତେଣୁ ସେ ପ୍ରତ୍ୟେକ ଘଟଣା ପୂର୍ବର ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଚେଷ୍ଟା କଲା। ତାର ଏହି କରଣିକତା ସମ୍ବନ୍ଧୀୟ ଅନୁଧ୍ୟାନରୁ ଓ ଏଥିରୁ ମିଳୁଥିବା ଜ୍ଞାନରୁ ଜନ୍ମନେଲା ବିଜ୍ଞାନ। କାରଣବାଦର ଉଚ୍ଚତର ସୋପାନ ହେତୁବାଦ ଓ ହେତୁବାଦର ଉଚ୍ଚତର ସୋପାନ ବିଜ୍ଞାନ। ବିଜ୍ଞାନ କୌଣସି ଘଟଣାକୁ କାରଣ ରହିତ ବୋଲି ଗ୍ରହଣ କରେ ନାହିଁ। ଏହି ଅବଧାରଣା ଉପରେ ବିଜ୍ଞାନ ପର୍ଯ୍ୟବେଶିତ। କାରଣ ନଥାଇ କାର୍ଯ୍ୟ ସଂଗଠିତ ହେବାକୁ ଗ୍ରହଣ କରିନେଲେ ଏହା ଆଉ ବିଜ୍ଞାନ ହୋଇରହିବ ନାହିଁ। ରୋଗୀକୁ ଡାକ୍ତରଙ୍କ ପାଖକୁ ନେଲେ ପ୍ରଥମେ ସେ ଏହାର କାରଣ ଖୋଜୁଛି। ବିନା କାରଣରେ ରୋଗ ହୋଇଛି ବୋଲି ସେ ଗ୍ରହଣ କରୁନାହିଁ। କୌଣସିଠାରେ ବିମାନ ଦୁର୍ଘଟଣା ହେଲେ ବୈମାନିକମାନେ ଏହାର କାରଣ ଖୋଜୁଛନ୍ତି। ଏହା କୌଣସି ଅଦୃଶ୍ୟଶକ୍ତି ଯୋଗୁଁ ହୋଇଛି ବୋଲି ଗ୍ରହଣୀୟ ହେଉ ନାହିଁ। ପୋଲ ଧସିପଡିଲେ ଇଞ୍ଜିନିୟମାନେ କାରଣ ଖୋଜୁଛନ୍ତି। କୌଣସି କ୍ଷେତ୍ରରେ ଏହା କାରଣରହିତ ବୋଲି ମନ ଗ୍ରହଣ କରୁନାହିଁ। ହେତୁବାଦ କେବଳ ଏକ ବିଚାର ନୁହେଁ। ଏହା ବିକାଶର ବାହକ ମଧ୍ୟ। ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ପ୍ରଗତି ହେତୁବାଦୀ ଚେତନାର ବିକାଶ ଯୋଗୁଁ ସମ୍ଭବପର ହୋଇଛି। ସେମାନେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି। ଦୈନ୍ୟନ୍ଦିନ ଜୀବନରେ ଏହାକୁ ପ୍ରୟୋଗ କରିଛନ୍ତି। ବିଜ୍ଞାନକୁ ପାଠ୍ୟକ୍ରମ କିମ୍ବା ପୁସ୍ତକ ମଧ୍ୟରେ ସୀମିତ ରଖି ନାହାଁନ୍ତି। ବିଜ୍ଞାନରୁ ମିଳୁଥିବା ହେତୁବାଦୀ ଚେତନା ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱର ବିକାଶ ଦିଗରେ ସହାୟକ ହୋଇଛି। ହେତୁବାଦୀ ସାମାଜିକ ଦୃଷ୍ଟିଭଙ୍ଗୀ ଅନେକଗୁଡ଼ିଏ ଅନାବଶ୍ୟକ କାର୍ଯ୍ୟକ୍ରମରୁ ତାଙ୍କୁ ନିବୃତ ରଖିଛି। ଅନ୍ଧବିଶ୍ୱାସରୁ ମୁକୁଳିବାରେ ସହାୟକ ହୋଇଛି। ଅନ୍ୟପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କରେ ଶିକ୍ଷାର ବିକାଶ ଠିକ୍ ଭାବରେ ହୋଇନାହିଁ ଓ ବିଜ୍ଞାନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ ସେହି ରାଷ୍ଟ୍ରମାନଙ୍କରେ ଅନ୍ଧବିଶ୍ୱାସର ପ୍ରଭାବ ଅଧିକ ଓ ବିକାଶର ଦୌଡରେ ସେମାନେ ପଛରେ ପଡିଯାଇଛନ୍ତି।

ସଭ୍ୟତା ବୌଦ୍ଧିକତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଉନ୍ନତ ସମାଜ ବ୍ୟବସ୍ଥାକୁ ବୁଝାଏ। ହେତୁବାଦୀ ଚେତନାର ବିକାଶ ବିନା ଏହା ସମ୍ଭବ ନୁହେଁ। ଗୋଟିଏ ହେତୁବାଦୀ ସମାଜର ପ୍ରତିଷ୍ଠା ଦୀର୍ଘ ଶତାବ୍ଦୀର ବୌଦ୍ଧିକ ସଂଘର୍ଷର ପରିଣାମ ସୂତ୍ରରେ ମିଳେ। ପାଶ୍ଚାତ୍ୟ ବିକଶିତ ରାଷ୍ଟ୍ରମାନଙ୍କରେ ହେତୁବାଦର ଭିତ୍ତିଭୂମି ଆପେ ତିଆରି ହୋଇନାହିଁ। ଏଥିପାଇଁ ତାଙ୍କୁ ଦୀର୍ଘ ସଂଘର୍ଷ କରିବାକୁ ପଡିଛି। ବିଶେଷକରି ଇଉରୋପରେ ଏ ସଂଘର୍ଷ ରେନାଁସା ନାମରେ ସୁପ୍ରସିଦ୍ଧ। ଏହା ଏକ ବୌଦ୍ଧିକ ସଂଘର୍ଷ ଥିଲା। ହେତୁବାଦ ଓ ପରମ୍ପରାବାଦ ମଧ୍ୟରେ ସଂଘର୍ଷ, ବିଜ୍ଞାନ ଓ ଅନ୍ଧବିଶ୍ୱାସ ମଧ୍ୟରେ ସଂଘର୍ଷ, ମାନବବାଦ ଓ ଧାର୍ମିକ ମୌଳବାଦ ମଧ୍ୟରେ ସଂଘର୍ଷ, ସଂସ୍କାର ଓ କୁସଂସ୍କାର ମଧ୍ୟରେ ସଂଘର୍ଷ ତଥା ନୀରବତା ଓ ପ୍ରତିକ୍ରିୟାଶୀଳତା ମଧ୍ୟରେ ଏ ସଂଘର୍ଷ ଥିଲା। ଏ ସଂଘର୍ଷ ଥିଲା ଶାନ୍ତିପୂର୍ଣ୍ଣ ବିଚାରମନ୍ଥନ। ସଂର୍ଘଷ ଭିତରେବି ସହନଶୀଳତା ଥିଲା। କେବଳ ଭଲ ପିନ୍ଧିବା, ଭଲ ଖାଇବା, ଭଲ ଘରେ ରହିବା ସଭ୍ୟତା ନୁହେଁ। ଏହା ସହିତ ଆମ ଭିତରେ କେତେ ବୈଜ୍ଞାନିକ ଚେତନାର ବିକାଶ ଘଟିଛି, ଆମେ କେତେ ଅନ୍ଧବିଶ୍ୱାସକୁ ଛାଡ଼ି ହେତୁବାଦକୁ ସ୍ୱୀକାର କରିଛୁ ତାହା ମଧ୍ୟ ସଭ୍ୟତାର ମାନଦଣ୍ଡ ଅଟେ। ସଭ୍ୟତା ସେହି ମାନସିକ ସୃଜନା ଯାହା ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ବିକଶିତ ମାନସିକତା ତାକୁ ଶ୍ରେଷ୍ଠତା ପାଇଁ ପ୍ରେରୀତ କରେ। ଜଣେ ସଭ୍ୟ ମନୁଷ୍ୟ ହେତୁବାଦୀ ହେବାକୁ ବାଧ୍ୟ। ବିଜ୍ଞାନ ଉପରେ ଆସ୍ଥା ବିନା ସେ ଏହି ମାନ୍ୟତା ପାଇ ପାରିବ ନାହିଁ।

ସଭ୍ୟତା ଏକ ପ୍ରବାହମାନ ପ୍ରକ୍ରୀୟା। ଏହା ଶ୍ରେଷ୍ଠରୁ ଶ୍ରେଷ୍ଠତମକୁ ଖୋଜେ। ଯାହା ଅନ୍ଧବିଶ୍ୱାସ, ଯାହା ଅହେତୁକ, ଯାହା କୁସଂସ୍କାର ତାକୁ ମନୁଷ୍ୟର ବୁଦ୍ଧିମତ୍ତା କିପରି ଶ୍ରେଷ୍ଠ ବୋଲି ମାନିନେବ। ମନୁଷ୍ୟର ବୌଦ୍ଧିକତାର ବିକାଶ ଯେତେ ହେବ ଏଗୁଡ଼ିକ ଉପରୁ ଆସ୍ଥା ସେତେ କମି କମି ଯିବ। ପରିବର୍ତ୍ତନ ଅବସମ୍ଭାବୀ। ରେନାଁସା ଆସିବହିଁ ଆସିବ। ତେବେ ସମାଜରେ ହେତୁବାଦୀ ଧାରଣା ଯେତେ ପ୍ରଖର ହେବ ପରିବର୍ତ୍ତନର କ୍ଷୀପ୍ରତା ସେତେ ଅଧିକ ହେବ। ତେଣୁ ହେତୁବାଦ ହେଉଛି ଏକ ଉନ୍ନତ ସମାଜ ପ୍ରତିଷ୍ଠାର ଆବଶ୍ୟକତା। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ ହେତୁବାଦୀଙ୍କ ବିରିୟାନୀ ଖିଆକୁ ନେଇ ଏହାକୁ ଅଯଥା ବଦନାମ କରାନଯାଉ।

ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

## କବିତା କୋଣାର୍କ

### ମଗୁଶୁର ଗୁରୁବାର

**ନିରଞ୍ଜନ ସାହୁ**



ମାର୍ଗଶିର ମାସେ ପଡିଥାଏ ଯେଉଁ
ଗୁରୁବାରମାନ ଜାଣ
ମହାଲକ୍ଷ୍ମୀଙ୍କର ଅତି ପ୍ରିୟ ତାହା
ଏକଥା ମନକୁ ଆଣ ।

ଘରଦ୍ୱାର ସବୁ ପରିଷ୍କାର କରି
ପକାଯାଇଥାଏ ଝୋଟି
ପଦ୍ମଫୁଲମାନ ଅଙ୍କା ଯାଇଥାଏ
ଚଟାଣରେ ଗୋଟିଗୋଟି
ତହିଁ ପରେ ଲକ୍ଷ୍ମୀ ପାଦ ଅଙ୍କାଯାଏ
ଯେହେତୁ ବସିବ ମାଣ ।

ଧାନ କାଟି ଆଣି ଗଦା ମାଡ଼େ ଚାଷୀ
ବିଲ ହୋଇଯାଏ ପଦା
ଧାନର ଖଳାରେ ଝୋଟି ପକାଯାଇ
ପୂଜା ହୁଏ ଧାନ ଗଦା
ଓଡ଼ିଆଣୀ ହାତ କଳା ଚାତୁରୀକୁ
ଟିକିଏ ନଜର ହାଣ ।

ଓଡ଼ିଆଣୀମାନେ ଶୁକ୍ଳ ବସ୍ତ୍ର ପିନ୍ଧି
ମାଣବସା ଓଷା କରି
ଲକ୍ଷ୍ମୀପୁରାଣକୁ ଭକ୍ତିରେ ପଢ଼ନ୍ତି
ହୃଦୟରେ ଶ୍ରଦ୍ଧା ଭରି
ପୂଜାରେ ସାମାନ୍ୟ ତ୍ରୁଟି ହୋଇଗଲେ
ଲକ୍ଷ୍ମୀ ଭାଙ୍ଗିଦେବେ ଟାଣ ।

ଓଡ଼ିଆ ଜାତିର ଜନଜୀବନରେ
ଏହାର ମହତ୍ୱ ଏତେ
ପ୍ରତି ଘରେଘରେ ପାଳନ ହୁଅଇ
କେ' ବର୍ଣ୍ଣେ ପାରିବ କେତେ
ଲାଗୁଥାଏ ସତେ ପଡିଯାଇଛି କି
ମହାଲକ୍ଷ୍ମୀଙ୍କର ରାଣ ।
ଔଔଔଔ

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-- ୭୫୯୦୧୬
ମୋ : ୯୯୩୮୭୪୧୫୮୩

### ଶୀତ

**ନୀଳମଣି ଚାନ୍ଦ**



ଉତ୍ତରା ପବନ ସାଥେ
ଆସିଥାଏ ଶୀତ
ସୋରିଷକ୍ଷେତରେ ଫୁଲ
ଫୁଟାଏରେ ଶୀତ ।

ଶୀତ ଦେଖି ଖିଲି ଖିଲି
ହସେ ସୂର୍ଯ୍ୟମୁଖୀ
ଶୀତବସ୍ତ୍ର ନାହିଁ ଯା'ର
ହୁଏ ଭାରି ଦୁଃଖୀ।

ଦିନ ସାନ, ରାତି ବଡ଼
କରିଦିଏ ଶୀତ
କୁହୁଡ଼ିର ଜାଲ ବୁଣି
ଜାଣେ ଏକା ଶୀତ ।

ଶୀତ ପାଇଁ 'କାକର'ଟି
ମୁକ୍ତା ବେଶ ଧରେ
ଶୀତ ପାଇଁ ଉଲ୍ ଆସି
ବଡ଼ ହାଟ କରେ।

ଧାନ୍ୟ କ୍ଷେତ ଶୋଭାବନ
କରେ ଆସି ଶୀତ
ଲକ୍ଷ୍ମୀ ଆଗମନ ହେଲା
ବାର୍ତ୍ତା ଦିଏ ଶୀତ ।

ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭





ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୮୬



ଡ. ସିନ୍ଧୁ ସେନ୍

କାହିଁକି ନୁହେଁ, ତୁମେ ତ ଜାଣିଛ କୁମ୍ଭକର୍ଣ୍ଣ ମଧ୍ୟ କମ୍ ବୀର ନୁହେଁ । ତାକୁ ଜାଗ୍ରତ କରିବାର ବ୍ୟବସ୍ଥା କର । ଶତ୍ରୁପକ୍ଷ ସହ ଲଢ଼ିବା ପାଇଁ ତାଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଅ ।

କିଛି କ୍ଷଣ ପାଇଁ ମୋ ମନରେ ଆନନ୍ଦର ଲହରୀ ଖେଳିଗଲା । କୁମ୍ଭକର୍ଣ୍ଣ ମୋର ପ୍ରିୟ ସାନଭାଇ । ତାକୁ ନିଦ୍ରାରୁ ଉଠାଇବାକୁ ସୈନ୍ୟମାନଙ୍କୁ ଆଦେଶ ଦେଲି । କୁମ୍ଭକର୍ଣ୍ଣ ବିଶାଳ ବପୁ ଅମାପ ବଳ । ଆମେ ତିନିଭାଇ ଯେବେ ବ୍ରହ୍ମାଙ୍କ ଠାରୁ ବରପ୍ରାପ୍ତି ନିମନ୍ତେ ଘୋର ତପସ୍ୟା କରୁଥିଲୁ । ଆମେ ଦୁଇଭାଇ ବର ମାଗିବା ପରେ କୁମ୍ଭକର୍ଣ୍ଣ ଇନ୍ଦ୍ରାସନ ବର ମାଗିବାକୁ ଚହୁଁଥିଲା ହେଲେ .... ନିଦ୍ରାସନ ପ୍ରାପ୍ତିର ବର ମାଗି ନେଇଥିଲା ।

ତାହାହିଁ ଥିଲା ତା ପାଇଁ ଦୁର୍ଭାଗ୍ୟ । ତଥାପି କୁମ୍ଭକର୍ଣ୍ଣ ଶୌର୍ଯ୍ୟ ବୀର୍ଯ୍ୟରେ କିଛି କମ୍ ନଥିଲା । ଛଅମାସ ସେ ଶୋଇରହେ । ଆଉ ଯେଉଁ ଦିନ ଜାଗ୍ରତ ହୁଏ ସେଦିନ ସେ ପ୍ରଚୁର ଭୋଜନ କରେ । ଭାବିଲି କୁମ୍ଭକର୍ଣ୍ଣକୁ ନିଦ୍ରାରୁ ଉଠାଇ ଥରେ ଚେଷ୍ଟା କରାଯାଉ । ଦେଖାଯାଉ ଆଗକୁ କ'ଣ ହେଉଛି ।

କୁମ୍ଭକର୍ଣ୍ଣକୁ ନିଦ୍ରାରୁ ଉଠାଇବାପାଇଁ ଆମ ସୈନ୍ୟମାନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା । କେତେ ବାଦ୍ୟ, ବାଜା ବଜାଇ ତାକୁ ଜାଗ୍ରତ କରିବାକୁ ଚେଷ୍ଟା କରାଗଲା । ଶେଷରେ ଅବଶ୍ୟ କୁମ୍ଭକର୍ଣ୍ଣ ନିଦ୍ରା ତେଜି ଉଠିଲେ । ପ୍ରଚୁର ଆହାର କରି ମୋରି ପାଖକୁ ଆସିଥିଲା । କହିଲା ମହାରାଜ ମୋତେ ଅସମୟରେ ନିଦରୁ ଉଠାଇଲେ କାହିଁକି ? ମୋ ପାଖରେ କିଛି ଜରୁରି କାମ ଅଛି । ଅତି ଆଦରରେ ତାକୁ ସବୁକଥା କହିଲି । ଲଙ୍କା ପ୍ରତି ଘୋର ବିପତ୍ତି କାଳରେ ତାକୁ ସହଯୋଗ କରିବାକୁ ଅନୁରୋଧ କଲି । ମୋ ଠାରୁ ସବୁକଥା ଶୁଣି ସେ ମଧ୍ୟ ଅନ୍ୟମାନଙ୍କ ପରି ଉପଦେଶ ଦେଲା । ଲଙ୍କାରେ ଯାହାକିଛି ହୋଇଯାଇଛି ସେସବୁ ପାଇଁ ମୋତେ ହିଁ ଦାୟୀ କରି ଅନେକକଥା କହିଲା । ମୁଁ କିନ୍ତୁ ତାର କୌଣସି ନୀତିବାଣୀ ଶୁଣିବାକୁ ପ୍ରସ୍ତୁତ ନଥିଲି । ଶେଷରେ ରାଜ୍ୟର ସ୍ୱାର୍ଥ ଲାଗ ସେ ଯୁଦ୍ଧକୁ ଯିବାକୁ ରାଜି ହେଲା । ମୋତେ ଚିନ୍ତାରୁ କିଛିଟା ଆଶ୍ୱସ୍ତ ମିଳିଲା ।

ତହିଁ ପରଦିନ ଯୁଦ୍ଧରେ କୁମ୍ଭକର୍ଣ୍ଣ କିଛି ସୈନ୍ୟମାନଙ୍କ ସହ ଯୁଦ୍ଧଯାତ୍ରାରେ ବାହାରିଲେ । ଯିବା ପୂର୍ବରୁ ନିଜର ପରାକ୍ରମ ଦେଖାଇ ଅନେକ କଥା ମୋତେ ଶୁଣାଇଥିଲା । ମାତ୍ର ଗୁପ୍ତଚର ମୁହଁରୁ ମୁଁ ଯାହା ଶୁଣିଲି ସେଥିରେ ଆଶ୍ଚର୍ଯ୍ୟ ହୋଇଗଲି । କୁମ୍ଭକର୍ଣ୍ଣ ମୋର ଭାଇ, ପିଲାଟି ଦିନରୁ ମୁଁ ତାକୁ ଜାଣେ । ବଡ଼ଭଇ ବୋଲି ମୋ ପ୍ରତି ତାର ପ୍ରଗାଢ଼ ଭକ୍ତି ଭାବ ମଧ୍ୟ ଥିଲା । ତାର ବୀରତ୍ୱ ଓ ସାହସ ପ୍ରତି ମୋ ମନରେ ମଧ୍ୟ କୌଣସି ସନ୍ଦେହ ନଥିଲା । ମାୟାବୀ ବିଦ୍ୟାରେ ସେ ମଧ୍ୟ ଥିଲା ଧୁରନ୍ଧର । ଶୁଣିବାକୁ ପାଇଲି । କୁମ୍ଭକର୍ଣ୍ଣଙ୍କୁ ବୁଝାଇବା ପାଇଁ ବିଭୀଷଣ ଅନେକ ଚେଷ୍ଟା କରିଥିଲେ । ହେଲେ କୁମ୍ଭକର୍ଣ୍ଣ କିନ୍ତୁ ବିଭୀଷଣଙ୍କ କଥାକୁ ଖାତିର ନକରି ରାମଙ୍କ ସହ ଯୁଦ୍ଧ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲା । ନିଜ ବୀରତ୍ୱ ଦେଖାଇ ସେ ଯୁଦ୍ଧଭୂମିରେ ଲଢ଼ିଥିଲା । ତାଙ୍କ ସମ୍ମୁଖକୁ ଆସିଥିବା ଅନେକ ବାନର ବୀରଙ୍କୁ ପରାସ୍ତ ମଧ୍ୟ କରିଥିଲା । ଶେଷରେ ସ୍ୱୟଂ ରାମ ଯେବେ କୁମ୍ଭକର୍ଣ୍ଣ ଉପରକୁ ଶର ନିକ୍ଷେପ କରିଥିଲେ । କୁମ୍ଭକର୍ଣ୍ଣର କୌଣସି ବଳ, ପରାକ୍ରମ କାମରେ ଆସିନଥିଲା । ଶେଷରେ ରାମବାଣରେ କୁମ୍ଭକର୍ଣ୍ଣର ଶରୀର ଖଣ୍ଡବିଖଣ୍ଡ ହୋଇ ଭୂମିରେ ଲୋଟି ପଡ଼ିଲା । କୁମ୍ଭକର୍ଣ୍ଣର ମୃତ୍ୟୁ ମୋତେ ଗଭୀର ଆଘାତ ଦେଇଥିଲା । ମୁଁ ସହଜରେ ଗ୍ରହଣ ମଧ୍ୟ କରିପାରୁ ନଥିଲି ତାର ମୃତ୍ୟୁକୁ । କାରଣ ମୁଁ ଜାଣେ ମୋ ଭାଇ କ'ଣ ? ତାର ବଳ, ପରାକ୍ରମ ବିଷୟରେ ମୋତେ କିଛି ଅଛପା ନଥିଲା । ଯେଉଁ ଭାଇ ମୋ ମୁହଁ ଉପରେ କିଛି ଜବାବ ଦିଏନି, ସେ ମଧ୍ୟ ଯୁଦ୍ଧକୁ ଯିବା ପୂର୍ବରୁ ତା ମନର କଥା ଖୋଲି ପ୍ରକାଶ କରିଥିଲା । ସେ ଯାହା ସବୁ ମୋତେ ପ୍ରଶ୍ନ କରିଥିଲା, ସେସବୁର ଉତ୍ତର ମୋ ପାଖରେ ନଥିଲା । ଅନ୍ୟମାନଙ୍କ ଭଳି କୁମ୍ଭକର୍ଣ୍ଣ ମଧ୍ୟ ସୀତା ଅପହରଣ ଜନିତ ପାପ ପାଇଁ ମୋତେ ହିଁ ଦାୟୀ କରି ସମାଲୋଚନା କରିଥିଲା । ତାର ମୃତ୍ୟୁ ପରେ ମୁଁ ବେଶ୍ ବୁଝିପାରୁଥିଲି କୁମ୍ଭକର୍ଣ୍ଣ ମୋର କେତେଦୂର ଶୁଭଚିନ୍ତକ ଥିଲେ । ମୋର ପାଇଁ ଯେ ସ୍ୱର୍ଣ୍ଣିମ ଲଙ୍କା ରାଜ୍ୟ ଛାରଖାର ହେବାରେ ଲାଗିଛି ଏହା ଜାଣି ମଧ୍ୟ ଅଜଣା ଥିଲି । ସବୁ ବୁଝି ମଧ୍ୟ ଅବୁଝା ଥିଲି । କୁମ୍ଭକର୍ଣ୍ଣଙ୍କ କୌଣସି କଥାରେ ଯୁକ୍ତି ନକରି ବରଂ ଏସବୁ ଘଟଣାବଳୀକୁ ଭାଗ୍ୟର ବିଡ଼ମ୍ବନା କହି ଏଡ଼ାଇ ଦେଇଥିଲି । କୁମ୍ଭକର୍ଣ୍ଣ କିନ୍ତୁ ମୋତେ ଅନେକ ଶାସ୍ତ୍ରବାଣୀ ଶୁଣାଇ ବୁଝାଇବାକୁ ଚେଷ୍ଟା କରିଥିଲେ । ମୋ ମନର ପରିବର୍ତ୍ତନ ପାଇଁ ପ୍ରୟାସ କରିଥିଲେ । ଏମିତି ବି ମୋତେ ସତର୍କ ବାଣୀ ଶୁଣାଇ କହିଥିଲେ, ରାଜନ, ଆପଣ ହିଁ ରାଜ୍ୟର ରାଜା । ରାଜା ହୋଇ ଯଦି ପାପକାମ କରନ୍ତି, ତେବେ ସେହି ପାପ ନିରୀହ ପ୍ରଜାମାନଙ୍କୁ ମଧ୍ୟ ଭୋଗିବାକୁ ପଡ଼େ । ଏତେପରେ ବି ଅଗ୍ରଜଙ୍କ ପ୍ରତି ଭକ୍ତିଭାବରେ ସେ ଯୁଦ୍ଧକ୍ଷେତ୍ରକୁ ବୀରଦର୍ପରେ ଆଗେଇ ଯାଇଥିଲା । ମୋର ମଧ୍ୟ ଆଶା ଥିଲା, କୁମ୍ଭକର୍ଣ୍ଣଙ୍କ ପରି ବୀରଙ୍କ ଏତେଶୀଘ୍ର କେବେ ମୃତ୍ୟୁ ହୋଇପାରେନା ।

କୁମ୍ଭକର୍ଣ୍ଣଙ୍କର ବୀରତ୍ୱର ଗାଥା ଶୁଣିବାକୁ ମୋ ମନରେ ତଥାପି ଉତ୍ସୁକତା ବଢ଼ୁଥିଲା । ଦୂତ ନିକଟରୁ ଭାଇର ବୀରତ୍ୱ କାହାଣୀ ଶୁଣି ମୁଁ ନିଜେ ସ୍ତମ୍ଭୀଭୂତ ହୋଇ ପଡ଼ିଥିଲି । ଗୋଟିଏ ପରେ ଗୋଟିଏ ବାନରବୀର ତା ସହ ଯୁଦ୍ଧ କରିବାକୁ ଆଗେଇ ଆସିଥିଲେ ମଧ୍ୟ ପରାସ୍ତ ହୋଇ ଫେରି ଯାଇଥିଲେ । ଏମିତିକି ମହାବୀର ହନୁମାନ ମଧ୍ୟ ତାଙ୍କ ସହ ଲଢ଼ିଥିଲେ ଆଉ ରାମାନୁଜ ଲକ୍ଷ୍ମଣ ମଧ୍ୟ । ଦୀର୍ଘସମୟ ଧରି ଲକ୍ଷ୍ମଣ ଓ କୁମ୍ଭକର୍ଣ୍ଣଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିଲେ ମଧ୍ୟ କୁମ୍ଭକର୍ଣ୍ଣ ଥିଲେ ଅପରାଜେୟ । ଶେଷରେ ରାମ ନିଜେ ଆସି କୁମ୍ଭକର୍ଣ୍ଣଙ୍କ ସାମ୍ନାରେ ଛିଡ଼ା ହେଲେ । କୁମ୍ଭକର୍ଣ୍ଣ ବହୁ ଅସ୍ତ୍ରରେ ପାରଙ୍ଗମ । ପ୍ରାଣପଣେ ସେ ରାମଙ୍କ ସହ ଲଢୁଥିଲେ । ରାମ ଯେତେବେଳେ ଦେଖିଲେ ଯୁଦ୍ଧର ତୀବ୍ରତା କ୍ରମଶଃ ଅଧିକ ତୀବ୍ରତର ହୋଇ ଉଠୁଛି । ଠିକ୍ ସେତିକି ବେଳେ ବିଭୀଷଣର ପରାମର୍ଶରେ କୁମ୍ଭକର୍ଣ୍ଣ ଉପରକୁ ଦିବ୍ୟାସ୍ତ୍ର ପ୍ରୟୋଗ କଲେ । ପ୍ରଥମେ ତାଙ୍କର ଦୁଇଟି ହାତ କାଟି ଦେଲେ ରାମ । ସେହି କଟା ହାତରେ ମଧ୍ୟ କୁମ୍ଭକର୍ଣ୍ଣ ଲଢୁଥିଲେ । ହେଲେ ପରମୁହୂର୍ତ୍ତରେ ରାମଙ୍କ ଶରରେ ତାଙ୍କ ମୁଣ୍ଡ କଟିଗଲା । ପରେପରେ ଶରୀର ମଧ୍ୟ ଫାଳଫାଳ ହୋଇଗଲା । ମହାବୀର କୁମ୍ଭକର୍ଣ୍ଣ ରଣକ୍ଷେତ୍ରର ଧୂସର ବାଲି ଉପରେ ଲୋଟିପଡ଼ିଲେ ।

ମୋର ଆଉ ବୁଝିବାକୁ ବାକି ନଥିଲା । ଦୂତ ମୁହଁରୁ ସବୁ କିଛି ଶୁଣିଲା ପରେ ମୁଁ ବେଶ୍ ଭଲଭାବେ ଜାଣିପାରିଲି ବିଭୀଷଣ ହିଁ ରାମଙ୍କ କାନରେ କୁମ୍ଭକର୍ଣ୍ଣର ମୃତ୍ୟୁଭେଦ ରହସ୍ୟ ଉନ୍ମୋଚନ କରି ଦେଇଚି । ଏସବୁ ଜାଣିଲା ପରେ ବିଭୀଷଣଙ୍କ ପ୍ରତି ମୋମ ନରେ ପ୍ରବଳ ବିଦ୍ୱେଷ ଜାଗି ଉଠିଥିଲା । ଭାବିପାରୁ ନଥିଲି ରକ୍ତର ସମ୍ପର୍କ ଭାଇ ପୁଣି ଏତେ କୃତଘ୍ନ, ନିଷ୍ଠୁର ହୋଇପାରେ । କ୍ରୋଧରେ ମୁଁ ଉନ୍ମତ୍ତ ହୋଇ ଉଠୁଥିଲି । ସମଗ୍ର ଶରୀର ମୋର ଉତ୍ତେଜନାରେ କମ୍ପି ଉଠୁଥିଲା । ମୋ ମନରେ ରାମଙ୍କ ପ୍ରତି ଯେତେ କ୍ରୋଧ ନଥିଲା, ତାହାଠାରୁ ବେଶି ଥିଲା ଅନୁଜ ବିଭୀଷଣଙ୍କ ପ୍ରତି । ଇଚ୍ଛା ହେଉଥିଲା ଏଇ ମୁହୂର୍ତ୍ତରେ ଯଦି ବିଭୀରେକୁ ମୋ ସମ୍ମୁଖରେ ପାଇଥାନ୍ତି ତେବେ, ତାଙ୍କୁ ହିଁ ପ୍ରଥମେ ଖଡ୍ଗ ପ୍ରହାରକରି ପ୍ରତିଶୋଧ ନେଇଥାନ୍ତି । କିନ୍ତୁ କାହାକୁ କହିବି ମୋ ଦୁଃଖ । ନିଜେ ତ ନିଜ ଗୋଡ଼ରେ ଚେଟ ମାରିଛି । ସବୁ ବୁଝି ବିଭୀଷଣକୁ ଶତ୍ରୁ ଶିବିରରେ ଆଶ୍ରୟ ନେବାପାଇଁ ସୁଯୋଗ ଦେଇଛି । ମନେମନେ ମୁଁ ମୋ ଅନୁଜ ଦୁଇଭାଇଙ୍କ କଥା ଚିନ୍ତା କରୁଥିଲି । ବିଭୀଷଣ ଯେଉଁଠି ମୋ ସହ କୃତଘ୍ନତା କରିପାରିଲା, କୁମ୍ଭକର୍ଣ୍ଣ ସେଠି ଜ୍ୟେଷ୍ଠଭାଇର ଆଦେଶ ପାଳନ କରି ଦୃଷ୍ଟାନ୍ତ ପାଲଟି ଯାଇଛି । କୁମ୍ଭକର୍ଣ୍ଣ ଆଗରେ ତେଣୁ ମୋ ଶିର ନଇଁ ଯାଉଥିଲା । ମୋ ନାସାରୁ ଘନଘନ ଦୀର୍ଘଶ୍ୱାସ ବାହାରୁଥିଲା । ଅତ୍ୟନ୍ତ ଭାବାବେଗରେ ଚିତ୍କାର କରୁଥିଲି, କୁମ୍ଭକର୍ଣ୍ଣ ପ୍ରିୟ ଭାଇ ମୋର ତୁମେ ହିଁ ଆମ ରାକ୍ଷସବଂଶର ଉଜ୍ଜ୍ୱଳ ପ୍ରଦୀପଟିଏ ତୁମେ କେବେ ମରିପାରନା । ମରି ବି ଅମର ହୋଇ ଚିରଦିନ ରହିଗଲ । ରାକ୍ଷସ ସମାଜ ପାଇଁ ତୁମର କୀର୍ତ୍ତି ଚିରକାଳ ଅକ୍ଷୁଣ୍ଣ ହୋଇ ରହିଯିବ । ପାଗଳ ପ୍ରାୟ ମୁଁ ସେମିତି ପ୍ରଳାପ କରୁଥିଲି । କୁମ୍ଭକର୍ଣ୍ଣଙ୍କ ସହ ଅନେକ ବୀରଙ୍କୁ ହରାଇ ଲଙ୍କାର ରଣକ୍ଷେତ୍ର ରକ୍ତରଞ୍ଜିତ ହୋଇ ଉଠିଥିଲା । ପୁରନାରୀରେ କ୍ରନ୍ଦନର ବିଳାପ ରହିରହି ଭାସି ଆସୁଥିଲା । ଲଙ୍କାନଗରୀର ଚରିଆଡ଼େ ହାହାକାର । କିଏ କାହାକୁ ସାନ୍ତ୍ୱନା ଦେବ । ଲଙ୍କାର ରଣକ୍ଷେତ୍ରରେ କୁଢ଼କୁଢ଼ ଶବର ସ୍ତୁବ, ଛିନ୍ନଭିନ୍ନ ରଥ, ଖଣ୍ଡା, ଗଦା ପୁଣି ନାନାଦି ଭଗ୍ନ ଅସ୍ତ୍ରଶସ୍ତ୍ର । ସବୁଠି କେବଳ ଶୂନ୍ୟ । ନିରବତା । ଦିନକୁ ଦିନ ଭୟଙ୍କର ହୋଇ ଉଠୁଥିଲା ଯୁଦ୍ଧର ପରିସ୍ଥିତି । ଭିତରେ ପୁରନାରୀ ମାନଙ୍କର କ୍ରନ୍ଦନରୋଳ । ସ୍ୱର୍ଣ୍ଣମୟ ଲଙ୍କା ଶ୍ମଶାନର ଭ୍ରମ ସୃଷ୍ଟି କରୁଥିଲା । କାହାକୁ କହିବି ମୋ ମର୍ମବେଦନା । ଏସବୁ ପରିସ୍ଥିତି ପାଇଁ ମୁଁ ନିଜେ ହିଁ ତ ଦାୟୀ । ମୋତେ ଆକ୍ଷେପ କରି ପତିହରା ପତ୍ନୀମାନେ ଅନେକ କଥା ଶୁଣାଉଥିଲେ । କିନ୍ତୁ ମୋ ମନରେ ଆନ୍ଦୋଳିତ ହେଉଥିବା ଦ୍ୱନ୍ଦ୍ୱକୁ କେହି ବି ବୁଝିବାକୁ ଚେଷ୍ଟା କରୁନଥିଲେ । ବଡ଼ ଭାଇ ହୋଇ ମଧ୍ୟ ଅନୁଜକୁ ବଞ୍ଚାଇ ପାରିଲିନି, ଯୁଦ୍ଧକ୍ଷେତ୍ରକୁ ପଠାଇ ଶତ୍ରୁ ହାତରେ ନିଧନ କରାଇଲି । କୁମ୍ଭକର୍ଣ୍ଣକୁ ଯୁଦ୍ଧକ୍ଷେତ୍ରକୁ ନ ପଠାଇ ମୋର ନିଜର ଯିବା ଉଚିତ ଥିଲା ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୧୧୩ ॥

ଏହି ଚିକିତ୍ସାରେ ମୂତ୍ର, ମାଟି, ଗୋବର,ଜଳ, ସୂର୍ଯ୍ୟ କିରଣ, ଚନ୍ଦ୍ର କିରଣ, ବେତାର ତରଙ୍ଗ, ଆତ୍ମ ଶକ୍ତି,ଆଧ୍ୟାତ୍ମିକ ଶକ୍ତି, ଆତ୍ୟାଧୁନିକ ବିଜ୍ଞାନ (ଟେକ୍ନୋଲୋଜି) ମଧ୍ୟ ବ୍ୟବହାର କରାଯାଏ । ସଙ୍ଗୀତ, ବାଦ୍ୟ ଆଦି କଳା, ସ୍ପର୍ଶ, ପ୍ରେମ, ଯୋଗ, କୁହୁକ ମଧ୍ୟ ପ୍ରୟୋଗ କରାଯାଏ । ( ଗ୍ରାମରେ ସାଧାରଣ ଲୋକ ମାନେ ଦୁଇ ପର୍ଯ୍ୟନ୍ତ ମୂତ୍ରାଶୟ ପଥରକୁ କେବଳ ମୂଳା ରସ ଓ କୋଳଥ ପାଣି ରେ ଭଲ କରୁଛନ୍ତି । ) । ଏପରି ଆୟୁର୍ବେଦ ବିଶେଷଜ୍ଞ ମାନେ ଅଳ୍ପ ଖର୍ଚ୍ଚ ରେ ଦୀର୍ଘ ସ୍ଥାୟୀ ଆରୋଗ୍ୟ ପ୍ରଦାନ କରିଥାନ୍ତି । ଚିକିତ୍ସା ବଳରେ ଅନୁଗତ କୁ ସୁନିଦ୍ରା ଦିଆଯାଏ, ଚିନ୍ତା ମୁକ୍ତ କରାଯାଏ, ମାନସିକ ଶାନ୍ତି ଦିଆଯାଏ, ଅନ୍ୟ ଜଗତର ଶକ୍ତି ବଳରେ ବିପଦ ମୁକ୍ତ କରାଯାଏ । ତାର ଶରୀର, ମନ ଓ ଆତ୍ମାର ପର୍ଯ୍ୟବେକ୍ଷଣ ଉପରେ ଗୁରୁତ୍ୱ ଦିଆଯାଏ । ଯେ କୌଣସି ପ୍ରକାର ବୈଦ୍ୟ ରୋଗୀର ଅତ୍ୟନ୍ତ ବିଶ୍ୱସ୍ତ, ପ୍ରିୟ, ପରିଚିତ, ସାଧୁ , ଶାନ୍ତ, ଧୀର, ସତ୍ ଓ ଉତ୍ତମ ଚରିତ୍ରବାନ, ସମ୍ବେଦନ ଶୀଳ, ଜ୍ଞାନୀ, ଆଧ୍ୟାତ୍ମିକ ଗୁରୁ କିମ୍ବା ନିଜ ବିଦ୍ୟାରେ ଅଭିଜ୍ଞ ହୋଇଥିବା ଉଚିତ୍ । ସେ ରୋଗୀର ମାନସିକତାକୁ ଉତ୍ତମ ରୂପେ ବୁଝି ଚିକିତ୍ସା କରିବା ଉଚିତ୍ । ଚିକିତ୍ସା ବିଜ୍ଞାନରେ ବୈଦ୍ୟ ମାନବକୁ ଆୟୁଷ୍ମାନ କରନ୍ତି ଓ ସେ ମାନବର ମିତ୍ର । ରୋଗୀର ଜୀବନ, ମନ ଓ ସମ୍ମାନ ବୈଦ୍ୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଉତ୍ତମ ବୈଦ୍ୟ ମାନଂକ ଚିକିତ୍ସା କ୍ଷଣିକ ନହୋଇ ଦୀର୍ଘ ସ୍ଥାୟୀ ଫଳ ପ୍ରଦାନ କରିଥାଏ । ଧନ୍ୱନ୍ତରୀଙ୍କ ଶିଷ୍ୟ ସୁଶ୍ରୁତ ଓ ଭରଦ୍ୱାଜଙ୍କ ଶିଷ୍ୟ ଆତ୍ରେୟଙ୍କଠାରୁ ଅଗ୍ନିବେଶ, ଚରକ, ଜୀବକ, ବାଣଭଟ୍ଟ, ବୃଦ୍ଧତ୍ରୟ, ଭଣିଭଦ୍ର, ନିମି, ବୌଦ୍ଧ, ଜୈନ୍ୟ, ଚନ୍ଦ୍ରାତ ଦୃଢ଼ବଳ, ବାଗ୍ଭଟ୍ଟ ଆଦି ଶ୍ରେଷ୍ଠ ଚିକିତ୍ସକ ମାନଙ୍କ ମଧ୍ୟରେ ମୋର ନାମ ମଧ୍ୟ ଚିରଦିନ ଅମର ହୋଇ ରହିବ । କିନ୍ତୁ ଦୁର୍ଭାଗ୍ୟ ଯେ, ଦ୍ୱାଦଶ ଶତାବ୍ଦୀ ବେଳକୁ ବୈଦେଶିକ ଆକ୍ରମଣ ରେ ଭାରତୀୟ ଧର୍ମଓ ସଂସ୍କୃତି ର ଅଧୋଗତି ହେବ ଓ ସଂସ୍କୃତ ଭାଷାର ଅବକ୍ଷୟ ଯୋଗୁଁ ଏହି ଭାରତୀୟ ଚିକିତ୍ସାର ପ୍ରଚାର ହୋଇପାରିବ ନାହିଁ । ହିପୋକ୍ରେଟସ୍‌ଙ୍କ ଦ୍ୱାରା ଆଧୁନିକ ଚିକିତ୍ସା ବିଜ୍ଞାନର ସୃଷ୍ଟି ହେବ ଓ ଭାରତରେ ଇଂରେଜ ଶାସକଙ୍କ ଦ୍ୱାରା ପାଶ୍ଚାତ୍ୟ ବିଜ୍ଞାନର ପ୍ରସାର ହେବ । ତେଣୁ ଚିକିତ୍ସା ବିଜ୍ଞାନର ସ୍ରଷ୍ଟା ଭାବେ ଅଣ ଭାରତୀୟ ମାନଙ୍କୁ ଶ୍ରେୟ ଦିଆଯିବ । ତୁମେ ଜାଣ ଏହି ଭାରତ ରେ ହିଁ ପ୍ରଥମେ ବିଜ୍ଞାନ ବା ବିଶେଷ ଜ୍ଞାନର ଜନ୍ମ ହୋଇଥିଲା । ଏହା ଅନ୍ତର୍ବିଜ୍ଞାନ ଥିଲା । ଅନ୍ତର୍ବିଜ୍ଞାନରେ, ଦୈବୀ ଶକ୍ତି ଆଦି ଅନେକ ଆଶ୍ଚର୍ଯ୍ୟ ଥାଏ ।ଏପରିକି ବିଶ୍ୱାସକୁ ମଧ୍ୟ ଗୁରୁତ୍ୱ ଦିଆଯାଏ ବୋଲି ମୋର ବିଶ୍ୱାସ । ଉତ୍ତମ ଗୁରୁ, ଯୋଗୀ, ଋଷି, ବୈଜ୍ଞାନିକ, ଚିକିତ୍ସକ ମାନେ ଏହି ପରି ଉଚ୍ଚ ଚିନ୍ତାଧାରା ନେଇ ଚିକିତ୍ସା ବିଜ୍ଞାନ ର ପ୍ରୟୋଗ କରିଥାନ୍ତି ।'

'ସେ ଯାହାବି ହେଉ, ଆପଣ ଅତ୍ୟନ୍ତ ଶ୍ରାନ୍ତ କ୍ଳାନ୍ତ ହୋଇ ଯାଇଛନ୍ତି । ଆପଣ କିଛି ସମୟ ବିଶ୍ରାମ କରନ୍ତୁ ।' ଏହା କହି ଦିତି କଶ୍ୟପଙ୍କ ବାହୁ ଧରି ତାଙ୍କୁ ନର୍ମଦା ତୀରର ଏକ ପ୍ରଶସ୍ତ ପାଷାଣ ଚଟାଣ ଉପରେ ବସାଇ ଦେଲେ । ତାହାପରେ କଳସୀର ଜଳରେ ତାଙ୍କର ମୁଖ, ହସ୍ତଓ ପଦକୁ ନିଜ ହସ୍ତରେ ଉତ୍ତମ ରୂପେ ଧୌତକରି କିଛି ଜଳ ନିଜ ମସ୍ତକରେ ଲଗାଇ ଦେଲେ । ପୂର୍ବରୁ ସେ ଜଙ୍ଗଲରୁ କିଛି ସ୍ୱାଦିଷ୍ଟ ଫଳ ଓ କୋଳି ସଂଗ୍ରହ କରିଥିଲେ । ସେ ତାହା ପରମ ଯତ୍ନରେ ନିଜ ହସ୍ତରେ ଭୁଞ୍ଜାଇ ଦେଲେ । ତାହା ପରେ ସେହି ପ୍ରସ୍ତର ଚଟାଣ ଉପରେ ପଦ୍ମ ପତ୍ର ବିଛାଇ ତାଙ୍କୁ ଯତ୍ନରେ ଶୁଆଇ ଦେଇଥିଲେ । ତା ପରେ ? (କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# କାର୍ଯ୍ୟାଳୟରେ କଦର୍ଯ୍ୟାଳୟ ପରିସ୍ଥିତି

ଦିପ୍ତିମୟୀ ନାୟକ

ପ୍ରତ୍ୟେକ କାର୍ଯ୍ୟାଳୟରେ ଜଣେ ଜଣେ ନମୁନା ଥାଆନ୍ତି । ଯେଉଁ ନମୁନା ମାନଙ୍କ ପାଇଁ କାର୍ଯ୍ୟାଳୟରେ କଦର୍ଯ୍ୟାଳୟ ପରିସ୍ଥିତି ସୃଷ୍ଟି ହୋଇଥାଏ । ସମସ୍ତଙ୍କର ଚିନ୍ତା, କର୍ମ, ଭାବନା ସମାନ ନଥାଏ । ସମସ୍ତେ ନିଜ ନିଜ ଚିନ୍ତା, କର୍ମ, ଭାବନାରେ କାର୍ଯ୍ୟ କରିବାକୁ ଚାହିଁଥାଆନ୍ତି । ଦୁଃଖର ବିଷୟରେ କାର୍ଯ୍ୟାଳୟରେ ଏମିତି କିଛି ଲୋକ ଥାଆନ୍ତି ଯାହାଙ୍କ ପାଇଁ କାର୍ଯ୍ୟାଳୟଟା କଦର୍ଯ୍ୟାଳୟ ଭଳି ଲାଗୁଥାଏ । ନା ସେଠି ଶାନ୍ତି ଥାଏ ନା କୌଣସି କାମରେ ମନ ଲାଗୁଥାଏ । ଯେହେତୁ ସେଟା କାର୍ଯ୍ୟାଳୟ ହୋଇଥାଏ ତେଣୁ ମନମୁଖୀ ରାଜନୀତି କରୁଥିବା ଲୋକଙ୍କ କଥାରେ ଘୋଡ଼ାକୁ ଗଧ ଆଉ ଗଧକୁ ଘୋଡା ବୋଲି କହିବାକୁ ପଡିଥାଏ । ଯଦି ଏମାନଙ୍କ କଥାରେ ଗଧକୁ ଘୋଡା । ଘୋଡ଼ାକୁ ଗଧ କହିଦେଲ ତେବେ ଏମାନଙ୍କ ଆଖିରେ ଆପଣମାନେ ସବୁବେଳ ପାଇଁ ଭଲ ହୋଇରହିବେ ନଚେତ ଆପଣ ଏ ଦୁନିଆର ସବୁଠାରୁ ଖରାପ ମଣିଷ କିମ୍ବା ମୂର୍ଖ ମଣିଷ ହୋଇଯିବେ । ଗୋଟେ ସଚୋଟ କର୍ମଚାରୀ କେବେବି ଚାହିଁବନି ତା କାର୍ଯ୍ୟାଳୟ କଦର୍ଯ୍ୟାଳୟରେ ପରିଣତ ହେଉ କିନ୍ତୁ ଯାହାର କାମ ଉପରେ ଧ୍ୟାନ ନରହି ଅନ୍ୟ ମାନଙ୍କ କାମରେ ଧ୍ୟାନ ରହିଥିବ ସେଠି ନିଶ୍ଚିନ୍ତ ଭାବରେ କାର୍ଯ୍ୟାଳୟ କଦର୍ଯ୍ୟାଳୟ ପରି ଲାଗିବ ।

ଦିନକର କଥା ଥରେ ସୋମନାଥ ତା କାର୍ଯ୍ୟାଳୟରେ ନୂଆକରି ଯୋଗ ଦେଇଥାଏ । ମନରେ ଉତ୍କଣ୍ଠା ରଖିଥାଏ ଭଲରେ କାମ କରିବ । ସମସ୍ତଙ୍କ ସହ ଉତ୍ତମ ବ୍ୟବହାର ରଖିବ । ହେଲେ କଣ ହେ୍ୱ ଯେହେତୁ ସେ ନୂଆ କର୍ମଚାରୀ ଭାବରେ ସେଠାରେ ଯୋଗଦେଇଥାଏ । ତାକୁ ଜଣେ ଦୁଇଜଣ ବହୁତ ହଇରାଣ କରନ୍ତି । ନିଜ କାମକୁ ନିର୍ଭୁଲ ଭାବରେ ତୁଲାଇବା ତା ପାଇଁ ଏତେ ଯେ କଠିନ ହୋଇଯିବ ସେ କେବେ ଭାବି ହିଁ ନଥିଲା । ବାସ ସେ ଚାହିଁଥିଲା ଭଲରେ କାମ କରିବ କିନ୍ତୁ ତା କାର୍ଯ୍ୟାଳୟରେ ଥିବା ସେହି ଜଣେ ଦୁଇଜଣ କର୍ମଚାରୀ ତାକୁ ଏତେ ହଇରାଣ କଲେ ଶେଷରେ ସେ ବିରକ୍ତ ହୋଇ ତାର କିଛି ସହଯୋଗୀଙ୍କୁ କହିବାକୁ ଲାଗିଲା କି କାର୍ଯ୍ୟାଳୟରେ ଯୋଗଦେଲି ଯେ ମୋତେ କଦର୍ଯ୍ୟାଳୟ ପରି ଲାଗୁଛି । ସେଇଠୁ ତାର ଜଣେ ସହଯୋଗୀ କହିଲେ କୌଣସି କାର୍ଯ୍ୟାଳୟ କଦର୍ଯ୍ୟାଳୟ ପରି ହୋଇନଥାଏ କିନ୍ତୁ କିଛି କର୍ମଚାରୀଙ୍କ ପାଇଁ କାର୍ଯ୍ୟାଳୟ କଦର୍ଯ୍ୟାଳୟ ପରି ହୋଇଯାଇଥାଏ । ସେଇଠୁ ସୋମନାଥ କହିଲା ତାହାଲେ ଏମାନଙ୍କ କବଳରୁ କିପରି ନିଜକୁ ରକ୍ଷା କରିହେ୍ୱ । ତାର ସହଯୋଗୀ କହିଲେ ଯିଏ ଯାହା କହିବ ସରି କହିବୁ । ତାପରେ ତୁ ଯଦି କୌଣସି ବିଷୟରେ ଜାଣୁ ତଥାପି ତୁ ନଜାଣିଲା ଭଳି ରହିବୁ ।ପ୍ରତ୍ୟେକ କଥାରେ ଆଜ୍ଞା ଆପଣ ମୋତେ ଏ ବିଷୟରେ ଟିକେ ବୁଝେଇ ଦିଅନ୍ତୁ । ମୁଁ ଜାଣିପାରୁନି ଯଦି କହିବୁ । ତେବେ ତୁ ତୋ କାର୍ଯ୍ୟାଳୟରେ ବେଶି ଦିନ ତିଷ୍ଠି ରହିପାରିବୁ । ନଚେତ ତୁ ଏଇଠୁ ବିଦାୟ ନେଇ ଆଉ କେଉଁ କାର୍ଯ୍ୟାଳୟରେ ଯୋଗଦେବୁ ।ସେଇଠୁ ସୋମନାଥ ହସିବାକୁ ଲାଗିଲା । ଆଉ କହିଲା ବାପରେ ଏଠି ଏମିତିବି ହୁଏ କି । ତାର ସହଯୋଗୀ କହିଲେ କେବଳ ଏଠି ନୁହେଁ ସବୁଠି ଏମିତି ହୁଏ । ବାସ ସହିବା ଶକ୍ତି ଟିକେ ରଖିଥା । ଯଦି ତୋତେ ଅଧିକ ଖରାପ ଲାଗେ ତେବେ ତୁ ତୋର ଆଉ କେଉଁ କାର୍ଯ୍ୟାଳୟ ଦେଖିବୁ କିନ୍ତୁ ମନେ ରଖିଥା ସବୁ କାର୍ଯ୍ୟାଳୟ ଭଲଥାଏ । ଆଉ ସେହି ଭଲ କାର୍ଯ୍ୟାଳୟ ଗୁଡିକରେ କିଛି କଦର୍ଯ୍ୟ ଲୋକ ଥାଆନ୍ତି । ଯେଉଁମାନେ କାର୍ଯ୍ୟାଳୟକୁ କଦର୍ଯ୍ୟାଳୟର ଆଖ୍ୟା ଦେଇଦେଇଥାନ୍ତି । ଯାହାଙ୍କ ପାଇଁ ଲୋକ ବଦଳନ୍ତି କିନ୍ତୁ କାର୍ଯ୍ୟାଳୟ ଥାଏ । ସୋମନାଥ ତା ସହଯୋଗୀ ମାନଙ୍କ ଠାରୁ ଏତକ କଥା ଶୁଣି ଭାବିଲା ଏମାନେ ଠିକ କହୁଛନ୍ତି ଆଗରୁ ମୁଁ ଯେଉଁ କାର୍ଯ୍ୟାଳୟ ଗୁଡିକରେ କାମ କରିଥିଲି ସେଠିବି ଏମିତି ହୁଏ ।କେତେ କାର୍ଯ୍ୟାଳୟ ପରିବର୍ତ୍ତନ କରିବି ଜାଣିକି ଏଇଠି କିଛି ଦିନ ତିଷ୍ଠି ଯିବି । ହେଲେ ସମୟ ଆଉ ପରିସ୍ଥିତି ସୋମବାର ସାଥ ଦେଲାନି । ଶେଷରେ ସୋମନାଥ ସେଠାରୁ ବିଦାୟ ନେଲା । ଆଉ କହିଲା ଘୋଡ଼ାକୁ ଗଧ ଆଉ ଗଧକୁ ଘୋଡା କହିବା ଅଭ୍ୟାସ ମୋର ନାହିଁ ତେଣୁ ଆଗକୁ ମୁଁ ଯେଉଁଠିକି ଯିବି ସେଠି ଯେମିତି ମଣିଷର ଭାବନାକୁ ବୁଝିବା ସହ ତାର ଜ୍ଞାନକୁ ଯଥେଷ୍ଟ ସମ୍ମାନ ମିଳୁଥିବ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଝିଅ

ଉର୍ମିଳା ଗିରି ବିଶ୍ୱାଳ



ସକାଳ ସୂର୍ଯ୍ୟ ସହିତ,
ଧାବମାନ ଝିଅଟି,
ଉଡିବାକୁ ଚାହୁଁଥିଲା,
ହୋଇ ପ୍ରଜାପତି ।

ଫୁଲରୁ ଫୁଲକୁ ଡେଇଁ,
ଦୁନିଆକୁ ଦୋହଲାଇ ।
ମନପବନରେ ସପନ ସଜାଇ ।
ଯେବେ ସିଏ ଫ୍ରକ ଛାଡି,
ପିନ୍ଧିଲା ଶାଢ଼ୀ ।

ଇଛାର ରଙ୍ଗ ତାର ଗଲା ବଦଳି,
ପଡିଗଲା ଫିକା ତାର,
ଆଶା ଦେଲେ ସବୁ ମିଳି ମିଶି,
ତାର ପାଦ ତଳେ ଦଳି ।

ବୁଝାଇ ଦେଲା ସମାଜ,
ବୟସ ହେଲାଣି ତୋର
ଛାଡ଼ ଏଥର ଅଳି ।
ତଥାପି ଦେଲା ସେ ଉଡାଣ,
ନିଜ ଗାଁ ସବୁଜ କ୍ଷେତେ
ନାଲି ଟୁକୁ ଟୁକୁ ସାଧବ ବୋହୂ ହୋଇ ।

ଖୋଲିଲା ଅମୁହାଁ ଦେଉଳ,
ଛିଡାଇ ଶୃଙ୍ଖଳ ।
ଲାଗିଗଲା ତାର ଡେଣା,
ବୃଦ୍ଧି ହୋଇଗଲା ବଣା ।

ଚାତକ ହୋଇ ଅନାଇ ରହିଲା,
ନିଜର ତ୍ରାଣକର୍ତ୍ତା ସଂସାର ।
ପୃଥୀ କହିଲେ ବୁଝାଏ
ନିଜ ଶାଶୂ ଘର ।

ହେଲେ ଅକ୍ଟୋପାଶର ପଞ୍ଝାରେ
ସେ ହୁଏ ଅସ୍ଥିର ।
ସ୍ୱାଧୀନ ହୋଇ ବି ପରାଧୀନ
ତାକୁ କଲେ ଘୋଷଣା ।

ପ୍ରେସର କୁକୁରର ହୁଇ ସିଲ ଧୂଆଁରେ,
ସେ କଲା ସନ୍ତରଣ ।
ତା ଚତୁର୍ଦ୍ଦିଗରେ,
ଦେଖେ ଅନେକ,
ହୋଇଛନ୍ତି ନିର୍ଭର ।

ହଜିଯାଏ ନିଜ ଖୁସି,
ସେ ପଡ଼ିଯାଏ ହୋଇ ଧସି ।
ଦେଖେ ତା ସାମ୍ନାରେ,
କଳ । ନାଗୁଣୀର ଛାଇ ।

ତାରି ଭିତରେ ମାରି କ୍ଳାନ୍ତିର ହାଇ,
ଦେଖେ ସେ ସୁରୁଜ କେତେବେଳେ,
ଆସିଅଛି ଉଇଁ ।

## ଅନେକ କିଛି କହିବାର ଅଛି

ଲତିକା ମହାପାତ୍ର

କହିବି ମୁଁ
କହି ହୋଇଯିବ
କବିଟିଏ ମୁଁ
ଅଳସୀ ଝରଣା
ପକ୍ଷୀର ଡେଣା
ଫୁଲର ଅଗଣା

ମାନିନୀ ମୁଁ ମାନମୟୀ
ଛନ୍ଦମୟୀ
ଲାଳିତ୍ୟମୟୀ..

ମୁଁ ପୁଣି ବେଗମୟୀ
ଆବେଗମୟୀ
ପ୍ରୀତିମୟୀ ଗୀତିମୟୀ

ହୃଦୟର ଭାବ ତରଙ୍ଗିଣୀ ଉଚ୍ଛୁଳିବ
ମୋତେ ମୁଗ୍ଧ ବାତୁଳ କରୁଥିବ
ବଂଶୀ ସ୍ୱନ

ବ୍ୟଥା ବେଦନା ଯେତେ ଜୀବନର
ଗାଇଯିବି ଗୀତରେ ଗୀତରେ
ଉଡିଯିବି ଦୂର ଦଦିଗବଳୟେ
ଚିକମିକ ଆଲୁଅ ବୋହି
ଅନୂଢ଼ା ଅନୁଭବ ସବୁ ଛୁଇଁ ଛୁଇଁ
କହିବି ମୁଁ ଏ ବୁକୁର ଅକୁଳାଣ ଅନୁଭବ
କବିଟିଏ ମୁହିଁ
ଜୀବନ ବହିର ନୂଆ ଛବିଟିଏ ମୁହିଁ ।

+ତାଳଚେର

## ପ୍ରେମ ଶାଶ୍ୱତ

ପ୍ରତିଭା ଦାଶ



ପ୍ରେମ ହିଁ ସ୍ୱର୍ଗ ପ୍ରେମ ହିଁ ଜୀବନ
ତା' ବିନା ଲାଗେନା ମନ
ପ୍ରେମ ବିନା ଯେ ଲାଗେ ନିଛାଟିଆ
ଅଧୁରା ହୁଏ ସପନ ।
ରାଧାକୃଷ୍ଣଙ୍କର ଅମର ପ୍ରେମ
ପୁରାଣରେ ଲିପିବଦ୍ଧ
ତାକୁ ଯେ କରିବ ଅନୁସରଣ
ହୋଇବ ଜୀବନେ ସିଦ୍ଧ ।
କୃଷ୍ଣଙ୍କ ପ୍ରେମରେ ମୀରା ପାଗଳି
ନାମ ଜପି ଦିନ ଗଲା
ମନ ପ୍ରାଣରେ ଶ୍ରୀ ହରିଙ୍କ ନାମ
ପ୍ରହଲ୍ଲାଦ ତୁଣ୍ଡେ ଥିଲା ।
ରାମଙ୍କ ଦର୍ଶନ ପାଇଁ ଶବରୀ
ବନେ ଘର କରିଥିଲା
ଅଇଁଠା ବରକୋଳିକୁ ଖୁଆଇ
ସ୍ୱର୍ଗପ୍ରାପ୍ତି ତା'ର ହେଲା ।
ପରମ ଭକ୍ତ ହନୁମାନ ଅଙ୍ଗେ
ଶ୍ରୀ ରାମଙ୍କ ଥିଲା ବାସ
ତାଙ୍କ ଆଶୀର୍ବାଦେ ସମୁଦ୍ରସେତୁ
ଡେଇଁଲେ ପବନ ସୁତ ।

+ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ: ୭୮୯୪୫୨୮୪୯୩

# ତମୋ ବୈତରଣୀ ବାଲିଘାଟ ଲିଜ ବାତିଲ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୃଥୁରାଜ

କେନ୍ଦୁଝର,୧୨/୧୧ (ନି.ପ୍ର): ଘସିପୁରା ବ୍ଲକ୍ ଅନ୍ତର୍ଗତ ବାତୋର ତମୋ ବାଲିଘାଟ ପାଇଁ ସରକାରୀ ସ୍ତରରେ ନିଲାମ କରାଯାଇ ଯାହାର ଅବଧି ୨୩.୪.୨୫ ରୁ ୨୨.୪.୩୦ ପର୍ଯ୍ୟନ୍ତ ଦିଆଯାଇଥିଲା। ଯାଜପୁର ଜିଲ୍ଲାର ହୃଷୀକେଶ ଜେନା ନାମକ ବ୍ୟକ୍ତି ଲିଜଧାରୀ ଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସରକାରୀ ଲିଜର ନୀତିନିୟମ କୁ ବେଖାତିରି କରି ସଂପୃକ୍ତ ଲିଜଧାରୀ ମେସିନ୍ ଯୋଗେ ୧୨ ଚକିଆ ଓ ୧୪ ଚକିଆ ହାଇୱା କୁ ଓଭର ଲୋଲିଂ କରି ବାଲି ଚାଲାଣ କରୁଛି। ଶହ ଶହ ଗାଡ଼ିରେ ବାଲି ଚାଲାଣ କରାଯିବାରୁ ଜନଗହଳି ପୂର୍ଣ୍ଣ ଗ୍ରାମାଂଚଳରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ନସାଧାରଣ ମାନ ଭୋଗୁଛନ୍ତି। ସ୍କୁଲ ଓ କଲେଜ କୁ ସାଇକେଲ ରେ ଯିବା ପାଇଁ ପିଲାମାନେ ଭୟତ ଭୟଭୀତ ଅବସ୍ଥାରେ ଅଛନ୍ତି। ଛୋଟ ଛୋଟ ସ୍କୁଲ ପିଲାମାନେ ଭୟରେ ଅଧିକାଂ କାଂଶ ସ୍କୁଲ୍ ଯିବା ବନ୍ଦ କରିଦେଲେଣି। ଗତ ଦୁଇ ଦିନ ତଳେ ଅଧିକାଂଶ ଗଣମାଧ୍ୟମରେ ଲିଜଧାରୀ ଲୋଡ଼ିଂଗ ରେ ବ୍ୟାପକ ଅନିୟମିତତା କରାଯାଉଥିବା ବିଷୟରେ ଉଲ୍ଲେଖ କରି ପ୍ରକାଶିତ କରିଥଳେ ଥିଲେ । ଏହି ଖବର ପ୍ରକାଶିତ ହେଲାପରେ ଗତକାଲି ରାତିରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଅଚାନକ ପରିଦର୍ଶନ ଓ ଚଢ଼ାଉ କରି ୨୫ ରୁ ଉର୍ଦ୍ଧ୍ୱ ଗାଡ଼ିକୁ ଧରିଥିଲେ ଯେଉଁ ଗାଡ଼ି ମାନଙ୍କରେ ଟ୍ରାନଜିଟ୍ ପରମିଶିନ ନଥୁଲା ଓ ଅଧିକାଂଶ ଗାଡ଼ି ଓଭର୍ ଲୋଡିଂ ଚୂଲା। ଏହିଭଳି ଆଇନ ବିରୋଧୀ କାମ ପ୍ରତ୍ୟେକ ଦିନ ଲିଜଧାରୀ କରି ଆସୁଥିବାର ସ୍ଥାନୀୟ ଅଧିବାସୀ ମାନେ ଅଭିଯୋଗ କରି ଆସୁଛନ୍ତି। ଏଠାରେ ପ୍ରକାଶ ଥାଉକି ୧୯୯୯ ମହାବାତ୍ୟା ପରେ ଏହି ଅଂଚଳରେ ବ୍ୟାପକ ଭାବରେ କ୍ଷୟକ୍ଷତି ହୋଇଥିଲା ନଦୀ ବନ୍ଧକୁ ମଜଭୁତ କରିବା ପାଇଁ ସରକାରୀ ସ୍ତରରେ ଅନେକ କାମ ହୋଇଥିଲା। ଏହି ନଦୀବନ୍ଧକୁ ଘାଇ କରି ଠିକାଦାର ବାଲି ଚାଲାଣ କରୁଛନ୍ତି। ଫଳରେ ଭବିଷ୍ୟତରେ ନିକଟସ୍ଥ ବାତୋ, ଶାଳଦେ ଦେଇ ଓ ପଣ୍ଡୁଆ ପଂଚାୟତ ପ୍ରକାଶ ପାଇଛି। ଏହିଭଳି ବେଆଇନ୍ କାର୍ଯ୍ୟକୁ ବନ୍ଦ କରି ଉପରୋକ୍ତ ବାଲିଘାଟ ଲିଜକୁ ବାତିଲ କରିବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ଲିଜଧାରୀ କୁ କଳା ତାଲିକାଭୁକ୍ତ କରି ଘୋଷଣା କଲେ ସମାଜରେ ଅନିୟମିତତା କାର୍ଯ୍ୟ ବନ୍ଧ ହେବ ବୋଲି ଆଜି ବିଜେପି ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ପୃଥୁରାଜ କୁଅଁର ଓଡ଼ିଶାର ମୂଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କୁ ଜଣାଇଛନ୍ତି ।

# ଶିଶୁ ମହୋତ୍ସବ ଉପଲକ୍ଷେ ସ୍କୁଲ ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା

ଧର୍ମଶାଳା,୧୨/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଶିଶୁ ମହୋତ୍ସବ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍କୁଲ ପିଲାଙ୍କ ମଧ୍ୟରେ ଗତ ୧୦ ତାରିଖ ଠାରୁ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗତକାଲି ଏହି ନୃତ୍ୟ ପ୍ରତିଯୋଗିତାରେ ୨୮ ଗୋଟି ସ୍କୁଲର ପିଲାମାନେ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ଆଜି ସେମାନଙ୍କ ମଧ୍ୟରେ ଫାଇନାଲ ପାଇଁ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ ଗୁରୁ ନଳିନୀ ଶୈଳେଜା ଓ କୋରିଓଗ୍ରାଫର ତଥା ନିର୍ଦ୍ଦେଶକ ବି. ଗୋବିନ୍ଦ ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ସେମିଫାଇନାଲ ପ୍ରତିଯୋଗିତାରେ ସୁଭଦ୍ରାପୁର ୟୁପି ସ୍କୁଲ, ସାରୋଇ ସ୍କୁଲ, ଦେଉଳିପାଳ ସ୍କୁଲ, ଭେଙ୍କଟେଶ୍ୱର ପବ୍ଲିକ ସ୍କୁଲ, ଝାଟିଆ ୟୁପି ସ୍କୁଲ, ଗୁରୁକୁଳ ପବ୍ଲିକ ସ୍କୁଲ, ଧର୍ମଶାଳା ପବ୍ଲିକ ସ୍କୁଲ ଓ କୃଷ୍ଣପଡ଼ା ୟୁପି ସ୍କୁଲ ପ୍ରମୁଖ ୮ ଗୋଟି ସ୍କୁଲର ଛାତ୍ରଛାତ୍ରୀ ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତା ୧୪ ତାରିଖରେ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଆୟୋଜିତ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବଛାଯାଇ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷକ ଦେବରାଜ ମିଶ୍ର ଓ ଶିକ୍ଷକ ସେକ ସମସୁଦ୍ଦିନ ଯୋଗ ଦେଇଥିଲେ। ଆଜିର ଏହି ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ରାଜେଶ ପାଳ, ପ୍ରଦୀପ୍ତ କୁମାର ପରିଡ଼ା, ତୀର୍ଥରାଜ ପଣ୍ଡା, ଲୋକନାଥ ମହାନ୍ତି, ଗୌତମ ସାହୁ, ଅଂଶୁମାନ ରଥ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ପ୍ରତିଭା ଚୟନ ପ୍ରତିଯୋଗିତା ‘ମହକ’ ଅନୁଷ୍ଠିତ

ଭଦ୍ରକ,୧୨/୧୧ (ନି.ପ୍ର): ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି,ମହିଳା ଓ ଶିଶୁ ବିକାଶ ବିଭାଗ,ଓଡ଼ିଶା ସରକାର ଙ୍କ ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ ଆନ୍ତଃ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀ ଙ୍କ ମଧ୍ୟରେ ପ୍ରତିଭା ଚୟନ ପ୍ରତିଯୋଗିତା ‘ମହକ‘ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ଭଦ୍ରକ ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନ ର ଶିଶୁ ମାନେ କନିଷ୍ଠ ବିଭାଗରେ କୁଇଜ୍ ଓ ସଙ୍ଗୀତରେ ପ୍ରଥମ ହେବା ସହ ଉତ୍କର୍ଷତା ପ୍ରଦାନ କରି ଚମ୍ପିୟାନ ଟ୍ରଫି ଓ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ଭଦ୍ରକ,ଜିଲ୍ଲା ପ୍ରଶାସନ , ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ଅନୁଷ୍ଠାନ ପକ୍ଷରୁ ଶିଶୁ ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

# ଜୟନ୍ତ ଗିରି ସରପଂଚ ବିରୋଧରେ ଅନାସ୍ଥା

ଜୟପୁର,୧୨/୧୧ (ନି.ପ୍ର): ଜୟନ୍ତଗିରି ସରପଂଚ ଭଦ୍ର ପୂଜାରୀଙ୍କ ବିରୋଧରେ ଆଜି ଅନାସ୍ଥା ଭୋଟ ଗ୍ରହଣ କରାଯାଇଛି। କିନ୍ତୁ ସରପଂଚ ଭଦ୍ର ପୂଜାରୀ ହାଇକୋର୍ଟରୁ ରହିତାଦେଶ ଆଣିଥିବା ଯୋଗୁଁ ଫଳାଫଳ ଘୋଷଣା ହୋଇନଥିବା ତହସିଲଦାର ସବ୍ୟସାଚୀଜେନା ପ୍ରକାଶ କରିଛନ୍ତି। ଆଜି ସରପଂଚଙ୍କୁ ବିରୁଦ୍ଧରେ ୧୧ଜଣ ଅନାସ୍ଥା ଭୋଟ ଦେଇଛନ୍ତି। ଆସନ୍ତା ଡିସେମ୍ବର ୧୨ ପରେ ପରବର୍ତ୍ତି ଶୁଣାଣି ଲାଗି ହାଇକୋର୍ଟ ଦିନ ଧାର୍ଯ୍ୟ କରିଥିବାରୁ ଫଳାଫଳ ପରେ ଘୋଷଣା କରାଯିବ ବୋଲି ଅନୁମାନ କରାଯାଉଛି। ସରପଂଚ ଶ୍ରୀ ପୂଜାରୀ କହିଛନ୍ତି ଅନାସ୍ଥା ଅଭିଯୋଗରେ ପ୍ରକୃତ୍ୱାର୍ଡ ମେମ୍ବରଙ୍କ ବଦଳରେ କେତେକଙ୍କ ନକଲି ଦସ୍ତଖତ କରାଯାଇଛି। ଏଥିସହ ଆଉ କେତେକ ବେଆଇନ କାମ ହୋଇଛି। ଏସବୁ ପ୍ରମାଣ ଦାଖଲ କରି ଅନାସ୍ଥା ଭୋଟ ଗ୍ରହଣ ବନ୍ଦ କରିବାକୁ ସେ ହାଇକୋର୍ଟର ଦ୍ୱାରସ୍ତ ହୋଇଥିଲେ। ଏହାର ଶୁଣାଣି କରି ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ସୂଚନା ଥାଉକି ଜୟନ୍ତଗିରି ପଂଚାୟତରେ ମୋଟ ୧୩ଟି୍ୱାର୍ଡ ରହିଛି। ସେଥିରୁ ଜଣେ ୱାର୍ଡମେମ୍ବରଙ୍କ ଦେହାନ୍ତ ହୋଇଛି। ବଳକା ୧୨ ଜଣଙ୍କ ମଧ୍ୟରୁ ୧୧ ଜଣ ୱାର୍ଡ ମେମ୍ବର ସରପଂଚ ପୂଜାରୀଙ୍କ ବିରୁଦ୍ଧରେ ଅନାସ୍ଥା ଦେଇଛନ୍ତି। ପୂର୍ବରୁ ମଧ୍ୟ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇଥିଲେ। ସେଥିରେ ଦର୍ଶାଇଥିଲେ ସରପଂଚ ଶ୍ରୀ ପୂଜାରୀ ମନମୁଖୀ କର୍ଯ୍ୟ କରୁଛନ୍ତି।ୱାର୍ଡମେମ୍ବରମାନଙ୍କ ବିନା ପରାମର୍ଶରେ ନିଜ ଇଚ୍ଛାରେ କାମ କରୁଛନ୍ତି। ସରକାରଙ୍କ ଗାଇଡ ଲାଇନ ଅନୁସାରେ କାମ ହେଉନଥିବାରୁ ତାଙ୍କୁ ତୁରନ୍ତ ହଟାଯାଉ। ଅଭିଯୋଗକୁ ଗ୍ରହଣ କରି୍ୱାର୍ଡମେମ୍ବରମାନଙ୍କ ଦସ୍ତଖତ ଏବ ? ସରପଂଚ ବିରୁଦ୍ଧରେ ହୋଇଥିବା ଅଭିଯୋଗର ପ୍ରଶାସନ ଯାଂଚ କରିଥିଲେ। କିନ୍ତୁ ଏଥି ପୂର୍ବରୁ ସରପଂଚ ଶ୍ରୀ ପୂଜାରୀ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ।

# ମହାନଦୀର ରିଭର ଫ୍ରଣ୍ଟ ବିକାଶ ପ୍ରକଳ୍ପ ପାଇଁ ଆକ୍ରିଟେକ୍ ଟିମ୍‌ର ଅନୁଧ୍ୟାନ

ସମ୍ବଲପୁର,୧୨/୧୧ (ନି.ପ୍ର): ସମ୍ବଲପୁର ମହାନଦୀ ରିଭର ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ ପାଇଁ ଆଜି ଆକ୍ରିଟେକ୍ ଓ ଟିମ୍ ସରଜମିନ ଅନୁଧ୍ୟାନ କରିଛନ୍ତି । ଏହି ସମୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜଳ ସମ୍ପଦ ଏବଂ ମହାନଗର ନିଗମ ଆଦି ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏମାନେ ମହାନଦୀ ରିଂରୋଡ ବୁଲି ଦେଖିଥଲେ । ପରିବେଶ ଅନୁକୂଳ ନଦୀତଟ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହନ ଓ ମହାନଦୀର ଉଭୟ କୂଳ ମଧ୍ୟରେ ଯୋଗାଯୋଗ ସୁବିଧାର ଉନ୍ନତି ଏବଂ ସର୍ବସାଧାରଣଙ୍କ ପାଇଁ ଆମୋଦ ପ୍ରମୋଦ ବ୍ୟବସ୍ଥା ଲକ୍ଷ୍ୟରେ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଛି । ହୀରାକୁଦ ନଦୀବନ୍ଧ କାର୍ଯ୍ୟକ୍ଷମ ହେବା ପୂର୍ବରୁ ସମ୍ବଲପୁର ସହରର ମହାନଦୀ ଦେଇ ପ୍ରାକୃତିକ ସ୍ରୋତ ପ୍ରବାହିତ ହେଉଥିଲ । ସହରର ଉପର ମୁଣ୍ଡରେ ହୀରାକୁଦ ନଦୀବନ୍ଧ ନିର୍ମାଣ ପରେ ଏହି ଜଳାଧାର ଗୁରୁତର ପ୍ରଭାବିତ ହୋଇ ବିଶେଷ କରି ଗ୍ରୀଷ୍ମଋତୁରେ ସହରବାସୀ ଜଳ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏହାର ପ୍ରତିକାର ପାଇଁ ଚାଉଁରପୁର ଠାରୁ ମହାନଦୀ ଉପରେ ହାଟପଡା ପର୍ଯ୍ୟନ୍ତ ଆନିକଟ୍ ନିର୍ମାଣ କରାଯାଇ କୃତ୍ରିମ ହ୍ରଦ ନିର୍ମାଣ କରାଯାଇଥିଲା । ଏହା ଅଯୋଧ୍ୟା ସରୋବର ନାମରେ ନାମିତ ରହିଛି । ସହର ପାଶ୍ୱର୍ରେ ମହାନଦୀ କୂଳରେ କଂକ୍ରିଟ୍ ରାସ୍ତା ଓ ଘେରା କାନ୍ଥ ନିର୍ମାଣ ହୋଇଥିଲା । ଯାହାକି ଶୁଶିଳା ବିହାର ନାମରେ ପରିଚିତ । ୧୯୯୭ ବେଳକୁ ମହାନଦୀ ରିଂରୋଡ ନିର୍ମାଣ ହେବା ପରେ ଉକ୍ତ କଂକ୍ରିଟ୍ ରାସ୍ତା ଓ ବନ୍ଧ ନିଶ୍ଚିହ୍ନ ହୋଇ ସାରିଛି । ସେହିପରି ରିଂରୋଡର ଓସାର ପୂର୍ବାପେକ୍ଷା ବଢିଥିବାରୁ ମହାନଦୀର ଜଳସ୍ତର ବୃଦ୍ଧି ପାଇ ଆନିକଟକୁ ବିପଦ ସୃଷ୍ଟି କରିଛି । ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱର୍ ପୁରାତନ ଆନିକଟକୁ ଭଙ୍ଗାନଯାଇ ଏହାର ତଳ ମୁଣ୍ଡରେ ୪ମିଟର ଉଚ୍ଚର ସେତୁ ଓ ବ୍ୟାରେଜ ନିର୍ମାଣ ହେବ । ଏହାର ବୈଷୟିକ ବିଡ୍ ଆର୍ଥିକ ପ୍ରକିୟା ଜଳସମ୍ପଦ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି । ମହାନଦୀର ତଳମୁଣ୍ଡରେ ଏହି ସେତୁ ବ୍ୟାରେଜ ନିର୍ମାଣ ହେଲେ ଉପରମୁଣ୍ଡ ୭କିମି ପର୍ଯ୍ୟନ୍ତ ପାଣି ରହି ପାରିବ । ଏଠାରେ ଜଳକ୍ରୀଡା ଓ ପର୍ଯ୍ୟଟନ ସୁବିଧା ବିକଶିତ ହୋଇପାରିବ । ଗତବର୍ଷ ନଭେମ୍ବରରେ ଉଭୟ ପାଶ୍ୱର୍ରେ ମୃତ୍ତିକା ପରୀକ୍ଷଣ କରାଯାଇଥିଲା । ରିଭର ଫଣ୍ଟ୍ର ବିକାଶ ପ୍ରକଳ୍ପରେ ପାର୍କ, ପାଦଚଲା ରାସ୍ତା, ମୁକ୍ତାକାଶ ମଂଚ, ପାରାସେଲିଂ ଭଳି ଆକର୍ଷଣୀୟ ଯୋଜନା କାର୍ଯ୍ୟକାରୀ ହେବା ସହ ଆଳତୀ ମଣ୍ଡପ ନିର୍ମାଣ କରାଯିବ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ପ୍ରକଳ୍ପରେ ସମଲେଶ୍ୱରୀ ମନ୍ଦିର ନଦୀକୂଳରେ ଆଳତୀ ଘାଟ ସହ ନଦୀକୂଳକୁ ଆକର୍ଷଣୀୟ କରାଯାଇ ପାରିଛି ।

# ଅବସରପ୍ରାପ୍ତ ଶିକ୍ଷକ ବୁଧୁରାମଙ୍କ ପରଲୋକ

ସୁବର୍ଣ୍ଣପୁର,୧୨/୧୧ (ନି.ପ୍ର): ବିନିକା ବିଜ୍ଞାପିତ ଅଂଚଳ ପରିଷଦ ଅଧିନସ୍ଥ ଉରଲେ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବୁଧୁରାମ ଭୋଇ(୮୨)ଙ୍କ ବାର୍ଦ୍ଧକ୍ୟ ଜନିତ ଅବସ୍ଥାରେ ନିଜ ବାସ ଭବନରେ ମଙ୍ଗଳବାର ପରଲୋକ ଘଟିଛି । ଖବର ପ୍ରଚାରିତ ହେବା ପରେ ସାରା ଅଂଚଳର ଶିକ୍ଷାପ୍ରେମୀ ତଥା ତାଙ୍କ ଠାରୁ ଶିକ୍ଷା ଲାଭ ପାଇଥିବା ଶିଷ୍ୟ ମହଲରେ ଶୋକର ଲହରୀ ଖେଳିଯାଇଛି ପ୍ରକାଶ ଥାଉକି ଯେ ସ୍ୱର୍ଗତ ବୁଧୁରାମ ବିନିକା ୟୁଜିଏମିସ୍କୁଲରେ ଶିକ୍ଷକତା ଆରମ୍ଭ କରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ପାଇ ଜଣେ ପ୍ରବୀଣ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ । ଶ୍ରୀ ଭୋଇ ସେହି ସମୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଭାବରେ ଶିକ୍ଷାଦାନ ଦେଇ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ଯାହାକି ତାଙ୍କ ଠାରୁ ଶିକ୍ଷାଦାନ ପାଇ ନିଜର ଭବିଷ୍ୟତ ଗଠନ କରିଥିବା ଶିଷ୍ୟ ମାନେ ତାଙ୍କ ଶିକ୍ଷାଦାନ ପ୍ରଦାନକୁ ଏବେ ବି ଝୁରୁଛନ୍ତି। ଆଜି ତାଙ୍କର ହଠାତ ପରଲୋକ ଗମନ ପରେ ତାଙ୍କ ଶିଷ୍ୟ,ବନ୍ଧୁ ବାନ୍ଧବ ତଥା ଆତ୍ମୀୟ ସଜନ ମହଲରେ ଗଭୀର ଶୋକ ପ୍ରକଟ ପାଇବା ସହିତ ଘରକୁ ଆସି ଶେଷ ଦର୍ଶନ କରିବାର ସୁଯୋଗ ପାଇଥିଲେ। ସ୍ୱର୍ଗତ ଶ୍ରୀ ଭୋଇଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିକଟ ପାପକ୍ଷୟ ଘାଟ ସ୍ଥିତ ଶ୍ମଶାନ ଘାଟକୁ ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା ।ପୁଅ ଗୋବର୍ଦ୍ଧନ ଭୋଇ ମୁଖାଗ୍ନି ପ୍ରଦାନ କରିଥିଲେ।

# ପୌର ପରିଷଦରେ ସଫେଇ ନାମରେ ମହାଦୁର୍ନୀତି ଅଭିଯୋଗ

ମାଲକାନଗିରି,୧୨/୧୧ (ନି.ପ୍ର): ମାଲକାନଗିରି ପୌର ପରିଷଦରେ ସଫେଇ ନାମରେ ଦୁର୍ନୀତି ନୁହଁ ହୋଇଛି ମହାଦୁର୍ନୀତି। ଠିକା ସଂସ୍ଥା ଏଲ ଏଣ୍ଡ କେ ସର୍ଭିସ ସାତିର ଦିମାଗ ଲଗାଇ ପ୍ରତି ମାସରେ ଲୁଟ କରୁଛି ଲକ୍ଷ ଲକ୍ଷ ଟଙ୍କା। ମଲା ଲୋକଙ୍କ ସଫେଇ କର୍ମଚାରୀ ଦର୍ଶାଇ ପ୍ରତିମାସରେ ଟଙ୍କା ଉଠାଯାଉଥିବା ବେଳେ କିଛି କର୍ମଚାରୀ କାର୍ଯ୍ୟ କରୁନଥିବା ବେଳେ ତାଙ୍କ ନାମରେ ମଧ ଟଙ୍କା ଉଠାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଦୈନିକ ଉପସ୍ଥାନ ଖାତାରେ କୌଣସି କର୍ମଚାରୀ ଦସ୍ତଖତ କରୁନଥିବା ବେଳେ ଜାଲ ଦସ୍ତଖତ କରିଚାଲିଛି ଠିକା ସଂସ୍ଥା। ସେହିଭଳି ଇପିଏଫ ଟଂକା ନିୟମିତ ପୈଠ ନକରି ହଡପ କରୁଛି ସଂସ୍ଥା। ଏନେଇ ସଫେଇ କର୍ମଚାରୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ନାଲି ଆଖି ଦେଖାଉଥିବା କର୍ମଚାରୀ କହିଛନ୍ତି। ଏ ସଂପର୍କରେ ପୌର ନିର୍ବାହୀ ଅଧିକାରୀ ୭ ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି। ନାମ ‘ଥୋମାସ ସୋରେନ’। ଘର ମାଲକାନଗିରି ସଦରସ୍ଥିତ ରୁକ୍ମିଣୀଗୁଡା। ଥୋମାସ ମାଲକାନଗିରି ପୌର ପରିଷଦର ସଫେଇ କାର୍ଯ୍ୟରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ ୧୧.୫.୨୦୨୫ରେ ତାଂକର ଦେହାନ୍ତ ହୋଇଥିବା ବେଳେ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ ତାଂକ ନାମରେ ଉଠାଯାଇଛି ଟଂକା। ଏପରିକି ଟଂକା ଯାଇଥିବା ସଂପର୍କରେ ପରିବାର ଲୋକ କିଛି ଜାଣିନଥିବା କହିଛନ୍ତି। ଏଭଳିକି ଉପସ୍ଥାନ ଖାତାରେ ଭୁତ ମାରିଛି ଦସ୍ତଖତ। ସେହିପରି ଆଉ ହେଉଛନ୍ତି ଟି.ଜୁଲି। ଏବେ ମଧ ସେ ସଫେଇ କାର୍ଯ୍ୟ କରୁଥିବା ବେଳେ କୌଣସି ଦିନ ଉପସ୍ଥାନ ଖାତାରେ ଦସ୍ତଖତ କରୁନଥିବା କହିଛନ୍ତି। ଏପରିକି ଦସ୍ତଖତ ଖାତାକୁ ଭଲଭାବେ ନଜର କଲେ ଗୋଟିଏ ବ୍ୟକ୍ତି ହିଁ ସମସ୍ତ କର୍ମଚାରୀଙ୍କ ଦସ୍ତଖତ ଓ ଟିପ ମାରିଥିବା ଅନୁମାନ କରାଯାଉଛି। ଆଉ ଉପସ୍ଥାନ ଖାତାରେ ଥିବା ୯୫ ନମ୍ବର କେ.ସୁନିତା ବିବାହ କରି ଆନ୍ଧ୍ରପ୍ରଦେଶରେ ରହୁଥିବା ବେଳେ ତାଂକ ନାମରେ ମଧ ମାସ ମାସ ଧରି ଉଠାଯାଇଛି ଟଂକା। ତେବେ ପୌର ପରିଷଦରେ ମୋଟ ୧୧୮ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ଉପସ୍ଥାନ ଖାତାରେ ଥିବା ବେଳେ ବାସ୍ତବିକ ୬୦ରୁ ୭୦ ଜଣ ସଫେଇ କର୍ମଚାରୀ କାର୍ଯ୍ୟ କରୁଥିବା ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ହୋଇଛି । ପ୍ରତି କର୍ମଚାରୀ ମାସକ ସାରା ସଂପୂର୍ଣ୍ଣ କାର୍ଯ୍ୟ କଲେ ଦୈନିକ ୪୫୨ ଆକାରରେ ମାସିକ ୧୩,୫୬୦ ଟଙ୍କା ପାଇଥାନ୍ତି। ଯଦି ୪୦ ଜଣଙ୍କର ଦରମା ଟଂକା ହଡପ କଲେ ମାସକୁ ଯାହାକୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଏପରିକି ଠିକା ସଂସ୍ଥା ପୌର ପରିଷଦରୁ ଇପିଏଫ ଟଙ୍କା ନେଇ ଚାଲିଥିବା ବେଳେ କର୍ମଚାରୀଙ୍କୁ ସଠିକ ଭାବେ ପୈଠ କରୁନାହିଁ। ଏ ସଂପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକଙ୍କୁ ପଚାରିବାରୁ ଏ ସଂପର୍କରେ ଆମ ଠାରୁ ସୂଚନା ପାଇଛନ୍ତି ଓ ୭ ଦିନ ଭିତରେ ଏହାର ତଦନ୍ତ କରାଯିବ। ଯଦି ଠିକା ସଂସ୍ଥା ନାମରେ କୌଣସି ଦୁର୍ନୀତି ପଦାକୁ ଆସିବ ତାହା ହେଲେ ଠିକା ସଂସ୍ଥା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ୬୯ ବର୍ଷର ବାଉଦପୁରର ହରିହର ବାଲିଯାତ୍ରା ଉଦ୍‌ଯାପିତ

ଭଦ୍ରକ,୧୨/୧୧ (ନି.ପ୍ର): କଟକ ବାଲିଯାତ୍ରା ଭଳି ନହେଲେ ବି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ଦୀର୍ଘ ୬୯ ବର୍ଷ ଧରି ବଜାୟ ରଖିଛି ବାଉଦପୁର ଅଂଚଳର ହରିହର ବାଲିଯାତ୍ରା ଓ ବୋଇତ ବନ୍ଦାଣ। ଗତ ୫ ତାରିଖ ଠାରୁ ଏହି ବାଲିଯାତ୍ରା ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଛି। ବାଉଦପୁର ଅଂଚଳର ହରିହର ବାଲିଯାତ୍ରା ଏହି ଅଂଚଳ ଦେଇ ପ୍ରବାହିତ ସାଳନ୍ଦୀ ନଦୀକୂଳ ବାଲିପଠାରେ ୧୯୫୬ ମସିହାରୁ ପାଳିତ ହୋଇଆସୁଅଛି। ତେବେ ସେଦିନର ନଦୀପଠା ବାଲିରେ ତିଆରି ମନ୍ଦିର ଉପରେ ତୁଳସୀ ଗଛ ପୋତି ବ୍ୟକ୍ତିଗତ ଉଦ୍ୟମରେ ଆରମ୍ଭ ହୋଇଥିବା ବାଲିଯାତ୍ରା ଆଜି ସାର୍ବଜନୀନ ହୋଇ ଖ୍ୟାତି ଲାଭ କରିଛି। ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଐତିହ୍ୟକୁ ବଜାୟ ରଖିବା ସହ ଗ୍ରାମ୍ୟ ଏକତା ଓ ସାମାଜିକ ସହାବସ୍ଥାନକୁ ମଜବୁତ କରିପାରିଛି। ଏବେ ଏହି ବାଲିଯାତ୍ରାର ଆୟୋଜନ ବ୍ୟୟବହୁଳ ହେବା ସହ ମେଳା, ତୋରଣ, ସାଜସଜ୍ଜା, ରଙ୍ଗବେରଙ୍ଗର ଆଲୋକ ସାଙ୍ଗକୁ ଅପେରା ପାର୍ଟି ଦେଖଣାହାରୀଙ୍କୁ ଅଧିକ ଆକର୍ଷିତ କରିଛି। ବାଲିଯାତ୍ରାର ଆକର୍ଷଣ ସାଙ୍ଗକୁ ହରିହର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣମୀ ପରଠାରୁ ୭ଦିନ ବ୍ୟାପୀ ଭଜନ କୀର୍ତ୍ତନ ସମାରୋହ ସମଗ୍ର ବାଉଦପୁର ଓ ଆଖପାଖ ଅଂଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ଏହିସବୁ ଅଂଚଳର ଶ୍ରଦ୍ଧାଳୁମାନେ ପ୍ରତିଦିନ ସନ୍ଧ୍ୟାରେ ହରିହରଙ୍କ ପୂଜା ଆରାଧନାରେ ସାମିଲ ହେବା ସହ ଭଜନ କୀର୍ତ୍ତନରେ ମଜିଯିବା ସହ ଯାତ୍ରାର ମାହୌଲକୁ ଉପଭୋଗ କରିଥାନ୍ତି। ବିଶେଷକରି ଚଳିତବର୍ଷର ସ୍ଥାନୀୟ ଅଂଚଳ ତଥା ଓଡ଼ିଶାର ବିଶିଷ୍ଟ କାଠ ପଥର ମୂର୍ତ୍ତି ଶିଳ୍ପୀ ଅଶୋକ ଦେ’ଙ୍କ ଦ୍ୱାରା ନିର୍ମିତ ସୁଦୀର୍ଘ ବାଲିଯାତ୍ରା ତୋରଣଟି ଏଥର ଦର୍ଶକମାନଙ୍କୁ କିଣିପାରିଥିବା କଥା କୁହନ୍ତି ମେଳାକୁ ଆସିଥିବା ଯାତ୍ରୀ ଶୁଭଲକ୍ଷ୍ମୀ ମହାନ୍ତି। ଆକର୍ଷଣୀୟ ତୋରଣ ସହ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ଓ ପ୍ରତିଦିନ ସନ୍ଧ୍ୟାରେ ମେଲୋଡି, ଅପେରା ଭଳି ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଏଥର ଯାତ୍ରାକୁ ବେଶ୍ ରଙ୍ଗାରଙ୍ଗ କରିଛି। ଚଳିତବର୍ଷ ଏହି ବାଲିଯାତ୍ରା ପାଇଁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥିବା କଥା କୁହନ୍ତି ହରିହର ବାଲିଯାତ୍ରା କମିଟିର ସଭାପତି ଦୟାନିଧି ପଣ୍ଡା। ଏହି ପୂଜା ଆୟୋଜନରେ ସ୍ଥାନୀୟ ଯୁବକମାନଙ୍କ ନିଷ୍ଠା ଓ ନିରବଚ୍ଛିନ୍ନ ଉଦ୍ୟମ ଏହି ବାଲିଯାତ୍ରାକୁ ଅଧିକ ପ୍ରସାରିତ କରିଛି ବୋଲି କୁହନ୍ତି ସଂପାଦକ ସୁବଳ କୁମାର ଦାସ। ଦଶହରା ପରଦିନ ଠାରୁ ହରିହର ବାଲିଯାତ୍ରା କମିଟିର ବୈଠକ ବସି ପୂଜା ଆୟୋଜନର ନିଷ୍ପତିମାନ ନିଆଯାଇଥାଏ। ବାଉଦପୁର ଅଂଚଳର ଏହି ଯାତ୍ରା ହେଉଥିଲେ ମଧ ପାଖଆଖ ଓଗାଳପୁର, ଗୋବିନ୍ଦପୁର, ବାଘୁରାଇ, ରାନ୍ଦିଆ, ଜାନୁଗଞ୍ଜ, ଚାରିଘରିଆ, ମଣିସାହି ଅଂଚଳର ଲୋକମାନେ ଏଥିରେ ସାମିଲ ହେବା ସହ ଚାନ୍ଦା ମଧ ଦେଇଥାଆନ୍ତି। ଦଶହରା ପରଠାରୁ ଯୁବକମାନେ ପୂଜା ପାଇଁ ଚାନ୍ଦା ଆଦାୟରେ ଲାଗିପଡୁଥାନ୍ତି। କାର୍ତ୍ତିକ ପୂର୍ଣ୍ଣମୀ ଦିନ ସକାଳେ ହରିହରଙ୍କ ମନ୍ଦିରରେ ଅଷ୍ଟପ୍ରହରୀ ପାଇଁ ଅଧିବାସ ଆରମ୍ଭ ହୋଇ ସନ୍ଧ୍ୟାରେ ଯାକ ଜମକରେ ସାଳନ୍ଦୀ ନଦୀରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ମେଳା। ମେଳାରେ ବିଭିନ୍ନ ଅଂଚଳର ବ୍ୟବସାୟୀମାନେ ବିପଣୀ ଖୋଲି ବାଲିଯାତ୍ରାଟିରେ ଜନଗହଳି ସୃଷ୍ଟି କରିଥାଆନ୍ତି। ଏହି ବାଲିଯାତ୍ରାର ଶୁଭାରମ୍ଭ ବାଘୁରାଇ ଅଂଚଳର ଧ୍ରୁବଚରଣ ଦାସଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ବାଉଦପୁର ସାଳନ୍ଦୀ ନଦୀପଠା ବାଲିରେ ମନ୍ଦିର ତିଆରି କରି ସେଥିରେ ତୁଳସୀ ଗଛ ପୋତି ଏହି ବାଲିଯାତ୍ରାର ଶୁଭାରମ୍ଭ କରିଥିଲେ। କଟକରେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ତାଙ୍କ ପୁତ୍ର ଗୌରାଙ୍ଗ ଦାସ କଟକ ବାଲିଯାତ୍ରାରୁ ପ୍ରଭାବିତ ହୋଇ ଏହି ବାଲିଯାତ୍ରା ଆରମ୍ଭ କରିଥିଲେ ବୋଲି ପୁରୁଖା ଲୋକମାନେ କହନ୍ତି। ମନ୍ଦିର ପ୍ରତିଷ୍ଠା ହେବା ଠାରୁ ବାଲିଯାତ୍ରାର ମହତ୍ତ୍ୱ ବୃଦ୍ଧି ପାଇଛି। ପିଲାଠାରୁ ବୁଢାବୁଢ଼ି ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ବାଲିଯାତ୍ରାର ଭରପୁର ମଜା ଉଠାଇଥାଆନ୍ତି।

# ଗୁଲନଗର ଗ୍ରାମରେ ମା’ ନାରାୟଣୀ ମନ୍ଦିର ପ୍ରତିଷ୍ଠା

କେନ୍ଦ୍ରାପଡା,୧୨/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଗ୍ରାମଦେବତୀ ମା’ ନାରାୟଣୀ(ଥାନପତି)ଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା, ମନ୍ଦିର ବିଜେ, ବାର୍ଷିକ ଉତ୍ସବ ଓ ଅଷ୍ଟମ ପ୍ରହର ନାମଯଜ୍ଞ ମହାସମାରୋହରେ ଉତ୍ସବ ଅନୁଷ୍ଠିତ ହେଉଛି । ଏହା ନଭେମ୍ବର ୧୦ତାରିଖ ଠାରୁ ଆରମ୍ଭ ହୋଇ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ଗତ ସୋମବାର ଦିନ ଗୋବରୀ ଘାଟରୁ କଳସରେ ଜଳ ଆଣି ଘଟ ସ୍ଥାପନ କରାଯିବା ପରେ ମନ୍ଦିରର ପ୍ରତିଷ୍ଠା, ଧ୍ୱଜାବତରଣ ଓ ଠାକୁରାଣୀଙ୍କ ଗୃହ ପ୍ରବେଶ କରାଯାଇଥିଲା । ମଙ୍ଗଳବାର ଦିନ ଚଣ୍ଡି ଯଜ୍ଞ ଓ ଗିତାଯଜ୍ଞ କରାଯାଇଥିଲା । ବୁଧବାର ଦିନ ଅଧିବାସ ଓ ଗୁରୁବାର ଦିନ ନଗର କୀର୍ତ୍ତନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ପ୍ରତିଦିନ ମନ୍ଦିର କମିଟି ପକ୍ଷରୁ ଶ୍ରୀ ଜଗନ୍ନାଥ ଚେତନା ପକ୍ଷରୁ ଶୁଭେନ୍ଦୁ ସ୍ୱାଇଁ ଓ ଲିଙ୍ଗରାଜ ପତିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ କରାଯାଉଛି । ଏହି ଆବସରରେ ସ୍ଥାନୀୟ ଓ ଆଖପାଖ ଅଂଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ହେଉଛି ।

# ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ନବାଗତ ମହୋତ୍ସବ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୧୨/୧୧ (ନି.ପ୍ର): ଏଓଏସ୍ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ପ୍ରଥମ ବର୍ଷର ଛାତ୍ରୀ ଓ ଛାତ୍ରଙ୍କ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱାଗତ ଉତ୍ସବ ଅନୁଷ୍ଠାନ ପରିସର ମଧ୍ୟରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏଥିରେ ତୁଳସୀ ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ଟ୍ରେନିଂ ସେଂଟରର ଏଏନ୍‌ଏମ୍ ଓ ଜିଏସ୍‌ଏମ୍ କୋର୍ସରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରୀ ଓ ଛାତ୍ର ଏବଂ ଏସ୍ୱଏସ୍ କଲେଜ ଅଫ୍ ନର୍ସିଂର ବିଏସ୍‌ସି ନର୍ସିଂରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରୀ ଓ ଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ନବାଗତ ମହୋତ୍ସବ ଦୁଇଦିନ ଧରି ଚାଲିବ। ଆଜିର ପ୍ରଥମ ଦିନରେ ମୁଖ୍ୟ ବକ୍ତା ଭାବେ ଓଏମ୍‌ଏସ୍‌ଏର ସଭାପତି ତଥା କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡ. କିଶୋର ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ନର୍ସିଂ ଛାତ୍ରୀଛାତ୍ରମାନେ ନିଷ୍ଠାପର ଭାବେ ପାଠପଢ଼ା ସହ ନିଜର କର୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରିପାରିଲେ ସମାଜରେ ନିଜର ପ୍ରକୃତ ପରିଚୟ ସୃଷ୍ଟି କରିପାରିବେ ଏବଂ ଜଣେ ଦକ୍ଷ ନର୍ସ ହୋଇପାରିବେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଡ଼ିଏମ୍ ଓ ପିଏଚ୍‌ସି ଡ. ମନୋରଞ୍ଜନ ରାଉତ ଯୋଗ ଦେଇ ନର୍ସିଂ ଶିକ୍ଷାର ମହତ୍ତ୍ୱ ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଓ ସେବା ହିଁ ପ୍ରକୃତ ଧର୍ମ ଓ ସେବା ମାଧ୍ୟମରେ ନର୍ସିଂ ଛାତ୍ରୀଛାତ୍ରମାନେ ରୋଗୀମାନଙ୍କ ହୃଦୟ ଜୟ କରିବା ସହ ରୋଗକୁ ମଧ ଜୟ କରିପାରିବେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ସମାଜସେବୀ ପ୍ରଶାନ୍ତ କୁମାର ସାମନ୍ତରାୟ ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ ଯେ ଶୃଙ୍ଖଳା ହିଁ ଆମ ଅନୁଷ୍ଠାନର ମାନଦଣ୍ଡ। ଶୃଙ୍ଖଳିତ ଜୀବନଶୈଳୀ ଜଣେ ନର୍ସକୁ ସୁଦକ୍ଷ ସେବିକା କରିବା ସହ ନିଜର କାର୍ଯ୍ୟଦକ୍ଷତା ମାଧ୍ୟମରେ ରୋଗୀଙ୍କ ହୃଦୟ ଜିଣିପାରିବ। ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ସମାଜସେବୀ ସୁଖଦା ପ୍ରସାଦ ତ୍ରିପାଠୀ ଯୋଗଦେଇ ନର୍ସିଂ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ ଯେ ନଇଁବାର ଅର୍ଥ ସମ୍ମାନ ହରାଇବା ନୁହେଁ। ପ୍ରତ୍ୟେକ ମୂଲ୍ୟବାନ ଜିନିଷ ଉଠାଇବାକୁ ହେଲେ ନଇଁବାକୁ ପଡ଼େ। ସେବା ପାଇଁ ରୋଗୀଙ୍କ ପାଖରେ ନଇଁଲେ ସେବିକାର ପ୍ରକୃତ ପରିଚୟ ସୃଷ୍ଟି ହୋଇପାରିବ। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନର୍ସିଂ ଶିକ୍ଷାର ତତ୍ତ୍ୱ ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏହି ସ୍ୱାଗତ ଉତ୍ସବରେ ସଭାପତିତ୍ୱ କରିଥିଲେ ପ୍ରଫେସନାଲ୍ ନିର୍ଦ୍ଦେଶକା ଜ୍ୟୋତିର୍ମୟୀ ପଟ୍ଟନାୟକ। ତୁଳସୀ ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ଟ୍ରେନିଂ ସେଂଟରର ଅଧକ୍ଷା କୁମୁଦିନି ଲେଙ୍କା, ଏଓଏସ୍ କଲେଜ୍ ଅଫ୍ ନର୍ସିଂର ଅଧକ୍ଷା ପ୍ରିୟମ୍ବଦା ପଟ୍ଟନାୟକ ଏହି ଅବସରରେ ନର୍ସିଂ ଶିକ୍ଷା ଓ ତାହାର ପ୍ରଗତି ଏବଂ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ମନିଷାରାଣୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ସଂଚାଳନ କରିଥିଲେ। ଏହି ଅବସରରେ ଅଧ୍ୟାପିକା ମୋନାଲିସା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ନଭେମ୍ବର ୧୭ରୁ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ

ଖୋର୍ଦ୍ଧା,୧୨/୧୧ (ନି.ପ୍ର): ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ନଭେମ୍ବର ୧୭ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୨୫ ଉପଲକ୍ଷେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ବିଭାଗ ଅଧିକାରୀମାନଙ୍କୁ ନେଇ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ କୁଷ୍ଠ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। କୁଷ୍ଠ ରୋଗୀର ନାକରୁ ଜୀବାଣୁ ବାହାରି ବାୟୁ ମଣ୍ଡଳରେ ଘୁରି ବୁଲନ୍ତି। ରୋଗୀ ନିକଟରେ ଚଳ ପ୍ରଚଳ କରୁଥିବା ପରିବାର ଲୋକ ପ୍ରଶ୍ୱାସରେ କୁଷ୍ଠ ଜୀବାଣୁ ଶରୀର ମଧ୍ୟକୁ ପ୍ରବେଶ କରି ବହୁ ବର୍ଷ ପରେ କୁଷ୍ଠ ରୋଗର ଲକ୍ଷଣ ଜାଣି ହୁଏ । ଯେଉଁ ବ୍ୟକ୍ତିଙ୍କୁ କୁଷ୍ଠ ରୋଗ ହୋଇଛି ତାଙ୍କ ପରିବାର ବର୍ଗ ଏମ ଡି ଟି ବଟିକା ଥରେ ଖାଇଲେ ରୋଗ ପ୍ରତିଷେଧକ ଶକ୍ତି ବଢ଼ାଇଥାଏ ଏବଂ ଶତକଡା ୯୯ ଭାଗ ଜୀବାଣୁ ମରିଯାଆନ୍ତି ଯାଦ୍ୱାରା କୁଷ୍ଠ ରୋଗ ହେବାର ସମ୍ଭାବନାକୁ ସମ୍ପୂର୍ଣ୍ଣ ମାତ୍ରାରେ ଏଡ଼ାଇ ଦିଆଯାଇପାରିବ। ଏହି ରୋଗ ବଂଶଗତ ନୁହେଁ, ଏହା ଏକ ବାୟୁ ବାହିତ ଜୀବାଣୁ ସଂକ୍ରମଣ ରୋଗ। ବ୍ୟକ୍ତି କୁଷ୍ଠ ରୋଗରେ ସଂକ୍ରମିତ ହେଲେ ଏମ ଡି ଟି ଔଷଧ ଖାଇବା ଓ ଡ଼ାକ୍ତରୀ ପରାମର୍ଶ ନେବା ବାଞ୍ଛନୀୟ। ରୋଗୀ ଯଦି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ନକରନ୍ତି ତେବେ ଧୀରେ ଧୀରେ ଆଙ୍ଗୁଠି ବଙ୍କା ହୋଇ ଛିଡି ପଡେ, ମୁହଁ ଅସୁନ୍ଦର ଦେଖାଯାଏ । ଯଦି ଔଷଧ ଠିକ୍ ସମୟରେ ନ ଖାଆନ୍ତି ତେବେ ବ୍ୟକ୍ତିଙ୍କୁ ଏହି ରୋଗ ମାଡ଼ି ମାଡ଼ି ଚାଲିଥାଏ। ଜିଲ୍ଲା କୁଷ୍ଠ ରୋଗ ପରାମର୍ଶଦାତା ଡାକ୍ତର ସୌମ୍ୟକାନ୍ତ ସତ୍ୟସୁନ୍ଦର କୁଷ୍ଠ ରୋଗର ସଂକ୍ରମଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରକାଶ କରିବାସହ ଅଭିଯାନର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା କୁଷ୍ଠ ସେବା ସ୍ୱାସ୍ଥ୍ୟ ନିରୀକ୍ଷକ ଶ୍ରୀ ସୁନୀଲ ଦତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ କାର୍ଯ୍ୟନ୍ୱୟନ ବିଭାଗୀୟ ଅଧିକାରୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଭାଗର ବରିଷ୍ଠ ଡ଼ାକ୍ତରୀ ବିଶେଷଜ୍ଞ, ସମସ୍ତ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର, ଆଶା କର୍ମୀ ଓ ଅଙ୍ଗନ ୱାଡ଼ି କର୍ମୀ, ପରିଦର୍ଶିକା ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଜଳେଶ୍ୱର, ୧୨/୧୧ (ନି.ପ୍ର): ଜଳେଶ୍ୱର ଷ୍ଟେସନ ସମ୍ମୁଖ ଟେମ୍ପୋ ଷ୍ଟେଣ୍ଡ ପରିସରରେ ଆଜି ସକାଳ ୧୦ ଘଟିକା ସମୟ ରେ ରୋଟାରୀ କ୍ଲବ ସୁବର୍ଣ୍ଣ ରେଖା ରାଇବଣିଆ ଓ ରାସଗୋବିନ୍ଦପୁର ସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ସହଯୋଗରେ ଗାଡ଼ି ଚାଳକ ମାନଙ୍କ ପାଇଁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆଜି ଅନୁଷ୍ଠିତ ହୋଇଯାଇଅଛି। ରୋଟାରୀ କ୍ଲବର ଉପଦେଷ୍ଟା ସୁକୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ କ୍ଲବର ସଭାପତି ପ୍ରାଣକୃଷ୍ଣ ଗିରି ଉଦ୍ଘାଟନ କରିଥିଲେ । ଏଥିରେ ୫୮ରୁ ଉର୍ଦ୍ଧ୍ୱ ଟେମ୍ପୋ, କାର ଡ୍ରାଇଭର ଙ୍କର ଚକ୍ଷୁ ପରୀକ୍ଷା




କରିବା ସହିତ ଯୋଗ୍ୟ ବ୍ୟକ୍ତି ମାନଙ୍କୁ ଉପଯୁକ୍ତ ଚଷମା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ରୂପେ ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂ, ସମ୍ମାନିତ ଅତିଥି ରୂପେ ରୋଟାରୀ କ୍ଲବର ପୂର୍ବତନ ସଭାପତି ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମେନ ଡଃ ଅଜିତ କୁମାର ମହାନ୍ତି, ବରିଷ୍ଠ ଆଇନଜିବୀ ପତିତପାବନ ପ୍ରଧାନ,ସମାଜସେବୀ ବୀରେନ୍ଦ୍ର ନାଥ ପାତ୍ର, ଅଟୋ ସଂଘ ସମ୍ପାଦକ ଅଜିତ୍ କୁମାର ପରିଡା, କୋଷାଧକ୍ଷ ନନ୍ଦ କିଶୋର ଜେନା, ଶ୍ରୀ ଜଗନ୍ନାଥଙ୍କ ଅଟୋ ସଂଘ, ଜଳେଶ୍ୱର- ପର୍ଶ୍ଚିମବାଡ ଓ ଜଳେଶ୍ୱର-ଜମାଲପୁର, ଜଳେଶ୍ୱର- କେଶପୁରା , ସୁବାଷ ବୋଷ ଅଟୋ ଚାଳକ ସଂଘର ୫୮ରୁ ଉର୍ଦ୍ଧ୍ୱ ଅଟୋ,କାର ଡ୍ରାଇଭରଙ୍କର ଚକ୍ଷୁ ପରୀକ୍ଷା କରିବା ସହିତ ଯୋଗ୍ୟ ବ୍ୟକ୍ତି ମାନଙ୍କୁ ଉପଯୁକ୍ତ ଚଷମା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଶିବିର ସଂଯୋଜକ ରଂଜନ କୁମାର ନାୟକ, କିରଣ ନାୟକ, ଉର୍ମିଳା ମହାନ୍ତ, ତପସ୍ୱୀନୀ ପାତ୍ର ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ଟେମ୍ପୋ, କାର ଚାଳକ ଉକ୍ତ ଶିବିରରେ ଉପସ୍ଥିତ ରହି ଡ୍ରାଇଭର ମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

## ବଡ଼ବିଲଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର, ୧୨/୧୧ (ନି.ପ୍ର): ବଡ଼ବିଲ୍ ପୋଲିସ, ବ୍ୟାଙ୍କ ବ୍ୟାଙ୍କ ଅଫ ଇଣ୍ଡିଆ ବଡ଼ବିଲ ଶାଖା, ବଡ଼ବିଲ ସିଭିଲ ସୋସାଇ ଇଟି ଓ ରାଜ୍ୟ ସାଇବର ସୁରକ୍ଷା ମଂଚର ମିଳିତ ସହଯୋଗ ରେ ବଡ଼ବିଲ ଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାଥି ମନ୍ତେ ବଡ଼ବିଲ ଏ ସ୍ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଥାନା ଅଧିକାରୀ ଅଶୋକ କୁମାର ନାୟକ,ସାଂସଦ ପ୍ରତିନିଧି ନୀଳମଣି ମହାନ୍ତି ଓ ଚନ୍ଦ୍ରଗୁପ୍ତ ପ୍ରସାଦ ଙ୍କ ନେତୃତ୍ୱରେ ବଡ଼ବିଲ କିରିବୁରୁ ଛକ ଠାରୁ ଏକ ସାଇକେଲ ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବଡ଼ବିଲ ବାସୀଙ୍କୁ ସାଇବର ଠକେଇ ସମ୍ବନ୍ଧରେ ସଚେତନ କରାଯାଇଥିଲା। ବଡ଼ବିଲ ପୌରାଂଚଳରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବଡ଼ବିଲ ସିଭିଲ ସୋସାଇଟି ର ସଦସ୍ୟ ଏହି ସଚେତନତା କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ। ସମାଜସେବୀ ରାମ କୁମାର, କାଉନସିଲର ଧର୍ମେନ୍ଦ୍ର ମହାନ୍ତି, ବସନ୍ତି ମହାନ୍ତି, ରସାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କାର୍ଯ୍ୟାଳୟରେ...

(ପୃଷ୍ଠା ୫ର ଅବଶିଷ୍ଟାଂଶ)

କିଛିଦିନ ଗଲା ସୋମନାଥ କୌଣସି ଏକ କାର୍ଯ୍ୟାଳୟରେ ଯୋଗଦେଲା । ସବୁଠି ସେ ଦେଖିଥିଲା ମାଲିକ ପରବୋଲକରା କିନ୍ତୁ ଏହି କାର୍ଯ୍ୟାଳୟରେ ମାଲିକ ନିଜ ବୋଲ ମାନନ୍ତି । ଲୋକଙ୍କ ମୁହଁ ଦେଖି ସେମାନଙ୍କ ଆତ୍ମାର କଥା ପଢି ଦିଅନ୍ତି । ଯଦି କେହି କାହାକୁ ମୂର୍ଖ ସଜେଇବା ପାଇଁ କିଛି ମିଛ ଅଭିଯୋଗ କରେ ତେବେ ମାଲିକ ସେହି କଥାର କେତେ ସତ୍ୟତା ଥାଏ ତାକୁ ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତି । ସତ କହିବାକୁ ଗଲେ ଯିଏ ଛୋଟରୁ ବଡ଼ ହୋଇଥାଏ ସେ ହିଁ ଜାଣିଥାଏ ତା ସଂଘର୍ଷର କାହାଣୀ କେତେ ଲମ୍ବା । ସେଥିପାଇଁ ଅନ୍ୟମାନେ ଯେଉଁ ସଂଘର୍ଷ କରନ୍ତି ତାଙ୍କ ମୁହଁ ଦେଖି ମାଲିକ ଆତ୍ମାକୁ ଶାନ୍ତି ଦେଲାଭଳି କଥା କହିଥାଆନ୍ତି । ଯାହାଫଳରେ ସୋମନାଥକୁ ମଧ୍ୟ ଏହି କାର୍ଯ୍ୟାଳୟଟି କଦର୍ଯ୍ୟାଳୟ ପରି ଲାଗିଲାନି ବରଂ ସୋମନାଥକୁ ଏହି ନୂଆ କାର୍ଯ୍ୟାଳୟ ଦେବାଳୟ ପରି ଲାଗିଲା । ଦେବାଳୟ ପରି ଲାଗିବନି କାହିଁକି ଯେଉଁଠି ସବୁ କର୍ମଚାରୀ ଭଲ ଥିବେ ସେଠି ନିଶ୍ଚିନ୍ତ ଭାବରେ କାର୍ଯ୍ୟାଳୟ ବି ଦେବାଳୟ ପରି ଲାଗିବ । ତେଣୁ ଆପଣ ଯଦି ଆପଣଙ୍କ କାର୍ଯ୍ୟାଳୟକୁ କଦର୍ଯ୍ୟାଳୟ ବୋଲି ଭାବୁଛନ୍ତି ତେବେ ଅପେକ୍ଷା କରନ୍ତୁ ଆପଣଙ୍କୁ ମଧ୍ୟ ଭଲ କାର୍ଯ୍ୟାଳୟ ମିଳିବା ସହ ଆପଣଙ୍କୁ ଯଥେଷ୍ଟ ସମ୍ମାନ ମିଳିବ ।

+ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଫୋଟୋଗ୍ରାଫରଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର , ୧୨/୧୧ (ନି.ପ୍ର): ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଫୋଟୋଗ୍ରାଫର ପ୍ରଶାନ୍ତନୁ ମହାପାତ୍ରଙ୍କୁ ବାଲେଶ୍ୱର ଜିଲା ରୂପସା ସ୍ଥିତ ବାସଭବନରେ ମଙ୍ଗଳବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ରାଉତପଡା ସମବାୟ ସଭାପତି ଦେବାଶିଷ ମହାପାତ୍ର ଏହି ସଭାରେ ସଭାପତିତ୍ୱ କରିଥିଲେ । 'ଦି କେରଲା ଷ୍ଟୋରୀ' ଚଳଚିତ୍ର ପାଇଁ ପ୍ରଶାନ୍ତନୁଙ୍କୁ ଶ୍ରେଷ୍ଠ ଫୋଟୋଗ୍ରାଫର ଭାବେ ବିବେଚିତ କରାଯାଇଥିଲା। ଚଳିତ ବର୍ଷ ରାଷ୍ଟ୍ରପତିଙ୍କ ଠାରୁ ସେ



ପୁରସ୍କାର ଗ୍ରହଣ କରି ରୂପସା ସମେତ ସମଗ୍ର ବାଲେଶ୍ୱର ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ସ୍ୱର୍ଗତ ହରିପଦ ମହାପାତ୍ରଙ୍କର ସାନ ପୁଅ ଅଟନ୍ତି । ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ନାୟକ, ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ପରିଡା, ଭାଜପା ନେତା ହରେନ୍ଦ୍ର ଦାସ,ଶୁଭେଶ ନାୟକ, ଅଞ୍ଜନ ବେହେରା ଓ ଅଭିମନ୍ୟୁ ବର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର ଓ ମଦନ ଜେନା, ବରିଷ୍ଠ ନାଗରିକ ପର୍ଶୁରାମ ପରିଡା,ରାଜକିଶୋର ମହାପାତ୍ର, ସନ୍ୟାସୀ ପଲାଇ, ଭାଗିରଥି ନାୟକ ପ୍ରମୁଖ ଉପସ୍ଥିତ ରହି ଫୋଟୋଗ୍ରାଫର ପ୍ରଶାନ୍ତନୁଙ୍କୁ ଜଗନ୍ନାଥଙ୍କ ଫଟୋଚିତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାନ୍ତନୁ ଫଟୋଗ୍ରାଫର ଜୀବନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମିଳିଲା ନାଲି ...

ଗାଡ଼ିଟି ପାର୍କିଂ ହୋଇଥିବା ବେଳେ ପୁଲିସ୍ ଏହାକୁ ଠାବ କରିବାକୁ ସକ୍ଷମ ହୋଇଛି। କାର ଭିତରୁ ଏଯାଏ କୌଣସି ପ୍ରକାରର ବିସ୍ଫୋରଣ କିମ୍ବା ଆପତ୍ତିଜନକ ଜିନିଷ ମିଳି ନଥିବା ପୁଲିସ୍ ସ୍ପଷ୍ଟ କରିଛି। ତଥାପି ଏହାର ଯାଞ୍ଚ କରାଯାଉଛି। ଦିଲ୍ଲୀ ବିସ୍ଫୋରଣ ପରେ ଏହି ନାଲି କାରର ପତ୍ତା ମିଳୁ ନଥିବାରୁ ଦିଲ୍ଲୀ ପୁଲିସ୍ ସମସ୍ତ ଥାନା, ପୋଷ୍ଟ ଓ ସୀମାନ୍ତ ଚେକପୋଷ୍ଟରେ ଆଲର୍ଟ ଜାରି କରିଥିଲା। କାରକୁ ଠାବ କରିବାକୁ ୫ଟି ସ୍ୱତନ୍ତ୍ର ଟିମ ମଧ୍ୟ ଗଠନ କରାଯାଇଥିଲା। ଲାଲକିଲ୍ଲା କାର ବିସ୍ଫୋରଣର ସନ୍ଦିଗ୍ଧ ଡାକ୍ତର ଉମର ନବି ସହ ଏହି କାର ଜଡ଼ିତ। ତେଣୁ ଏହି କାରକୁ ବ୍ୟବହାର କରି ପୁଣି କେହି ଆକ୍ରମଣ କରିପାରେ ବୋଲି ଆଶଙ୍କା କରି ଦିଲ୍ଲୀ ପୁଲିସ୍ ଏପରି ପଦକ୍ଷେପ ନେଇଥିଲା। ଲାଲକିଲ୍ଲା ବିସ୍ଫୋରଣର ତଦନ୍ତ ଚାଲିଥିବା ବେଳେ ଜଣାପଡ଼ିଥିଲା ଯେ ସନ୍ଦିଗ୍ଧ ହମଲାକାରୀ ପାଖରେ ହୁଣ୍ଡାଇ ଆଇ ୨୦ ବ୍ୟତୀତ ଗୋଟିଏ ନାଲି ରଙ୍ଗର କାର ରହିଥିଲା। ହୁଣ୍ଡାଇ କାର ସୋମବାର ବିସ୍ଫୋରଣରେ ବ୍ୟବହାର ହୋଇଥିଲା। କିନ୍ତୁ ଇକୋ ସ୍ପୋର୍ଟ କାରର ପତ୍ତା ମିଳି ନଥିଲା। ଦିଲ୍ଲୀ ପୁଲିସ୍ ପକ୍ଷରୁ କାରକୁ ଠାବ କରିବା ପାଇଁ ପଡ଼ୋଶୀ ଉତ୍ତର ପ୍ରଦେଶ ଓ ହରିୟାଣା ପୁଲିସ ସହାୟତା ଲୋଡ଼ା ଯାଇଥିଲା। ନାଲି ରଙ୍ଗର ଫୋର୍ଡ ଇକୋ ସ୍ପୋର୍ଟ ଦିଲ୍ଲୀ ବିସ୍ଫୋରଣର ମୁଖ୍ୟ ସନ୍ଦିଗ୍ଧ ଡାକ୍ତର ଉମର ଉନ ନବି ନାଁରେ ପଞ୍ଜିକରଣ ହୋଇଥିଲା। ଏହାର ନମ୍ବର ହେଉଛି DL10CK0458।

### ଆଉ ଜଣେ ଦଲାଲକୁ ...

ଡାକିବା ପରେ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଏହାରି ଭିତରେ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି ସାଗର ଜରିଆରେ ଏଜେଣ୍ଟଙ୍କ ସହ ଲିଙ୍କରେ ଆସୁଥିଲା ଶଙ୍କର । ଦୀଘା ମଡ୍ୟୁଲର ମାଷ୍ଟରମାଇଣ୍ଡ ଥିଲା ସାଗର । ଯେଉଁଠି ୧୧୦ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ଦଲାଲ ଅରବିନ୍ଦ ଦାସ ଜରିଆରେ ହୋଇଥିଲା ହୋଟେଲ ବୁକ । ଏପରିକି ସମସ୍ତ ବ୍ୟବସ୍ଥା ସଂପର୍କରେ ଯାଞ୍ଚ କରିବା ପାଇଁ ଗତ ୨୯ ସେପ୍ଟେମ୍ବରରେ ସାଗର ଦୀଘା ମଧ୍ୟ ଯାଇଥିଲା ବୋଲି ପ୍ରମାଣ ପାଇଛି କ୍ରାଇମବ୍ରାଞ୍ଚ । କ୍ରାଇମବ୍ରାଞ୍ଚ ପରେ ସିବିଆଇ ତଦନ୍ତରେ ଅନେକ ଗୁମର ଖୋଲିବା ନେଇ ରହିଛି ଆଶା । ଏଣେ ଆଇନମନ୍ତ୍ରୀ କହିଛନ୍ତି, ଘଟଣାକୁ ନେଇ ଆଶାୟୀ ପରୀକ୍ଷାର୍ଥୀଙ୍କ ମନରେ ଯେଭଳି କୌଣସି ଦ୍ୱନ୍ଦ ରହିବ ନାହିଁ ସେଥିପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି । ଏଥିରେ ଜଡିତ ସମସ୍ତ ଲୋକ ବନ୍ଧା ହେବେ । ତେବେ ତଦନ୍ତ ଭାର ନେଲା ପରେ ପୁରା ଘଟଣାରେ କେଉଁଠୁ ଆରମ୍ଭ କରିବ ସିବିଆଇ ? କାହାକୁ ରଖିବ ସ୍କାନରରେ ? କେମିତି ଖୋଜିବ ଆନ୍ତଃ ରାଜ୍ୟ ଲିଙ୍କ ?

### ରେକର୍ଡ ମତଦାନ...

୩୮୫ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ନୂଆପଡ଼ାରେ ମୋଟ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୫୪ହଜାର ୪୯୭ ଥିବାବେଳେ ସେଥିରୁ ୫୧.୧୩ ପ୍ରତିଶତ ମହିଳା( ୧ ଲକ୍ଷ ୮ ହଜାର ୩୮୩ ଜଣ ଭୋଟର) ଓ ୪୮.୮୭ ପ୍ରତିଶତ ପୁରୁଷ ଭୋଟର(୧ଲକ୍ଷ ୩ହଜାର ୮୫୭ଜଣ) ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ନୂଆପଡ଼ାରେ ମହିଳା ଭୋଟରମାନେ ନାକେବଳ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ବରଂ ଅଧିକ ପରିମାଣରେ ମତଦାନରେ ସାମିଲ ହୋଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିଛନ୍ତି । ଭୋଟ ପ୍ରତିଶତ ମଧ୍ୟ ସାଧାରଣ ନିର୍ବାଚନ ତୁଳନାରେ ପ୍ରାୟ ୧୦ ପ୍ରତିଶତ ବଢିଛି, ଯାହାକି ଗଣତନ୍ତ୍ର ପାଇଁ ଶୁଭ ସୂଚନା । ନିର୍ବାଚନ ଆୟୋଗଙ୍କ ଦ୍ୱାରା ହୋଇଥିବା ଭୋଟର ସଚେତନତା କାର୍ଯ୍ୟକ୍ରମ ଯୋଗୁ ଏହା ସମ୍ଭବପର ହୋଇପାରିଛି ବୋଲି ଜିଲ୍ଲା ପ୍ରଶାସନ କହିଛି । ଆସନ୍ତା ୧୪ତାରିଖରେ ଭୋଟ ଗଣତି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ନୂଆପଡ଼ାର ନ୍ୟାସନାଲ କଲେଜ ପରିସରରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏହି ଗଣତି ହେବ । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ସୂଚନା ଅନୁସାରେ, ଭୋଟ୍ ଗଣତି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଛି ଓ ସମସ୍ତ କର୍ମଚାରୀଙ୍କୁ ତାଲିମ୍ ଦିଆଯାଇଛି । ୩୫୮ଟି ବୁଥ୍ ପାଇଁ ମୋଟ ୧୪ଟି ଗଣତି ଟେବୁଲ୍ କରାଯାଇଛି ଓ ମୋଟ ୨୬ ରାଉଣ୍ଡରେ ଭୋଟ୍ ଗଣତି ହେବ । ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ୍ ବାଲାଟ ଗଣନା କରାଯିବ ଓ ଏହାପରେ ଇଭିଏମ୍ ଗଣନା ଆରମ୍ଭ ହେବ । ପ୍ରତି ଟେବୁଲ୍ ପାଇଁ ଜଣେ ଲେଖାଏଁ କାଉଂଟି ସୁପରଭାଇଜର ଦାୟିତ୍ୱରେ ରହିବେ, ଯାହାଙ୍କୁ ଜଣେ କାଉଂଟି ଆସିଷ୍ଟାଂଟ ସହଯୋଗ କରିବେ ।

### ଟି-୨୦ ଭାରତ...

ଦିଲ୍ଲୀରେ ବୋମା ବିସ୍ଫୋରଣକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଆନ୍ତର୍ଜାତିକ ଟି-୨୦ ମ୍ୟାଚବେଳେ ଏକ 'ଫୁଲ୍-ପ୍ରୁଫ୍ ' ସୁରକ୍ଷା ବ୍ୟବସ୍ଥା କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ୍ ଅଧିକ ସତର୍କ ରହିବା ଓ କୌଣସି ପ୍ରକାର ତ୍ରୁଟି ଯେପରି ନହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ଅସୁସ୍ଥ ବ୍ୟକ୍ତି କିମ୍ବା ଅନ୍ୟାନ୍ୟ ଅସୁବିଧାକୁ ଦୃଷ୍ଟିରେ ରଖି ଲୋକମାନଙ୍କୁ ନେବାଆଣିବା ପାଇଁ ଏକ ସୁବ୍ୟବସ୍ଥିତ ଗ୍ରୀନ କରିଡର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଭିଡ ନିୟନ୍ତ୍ରଣ, ଟିକେଟ୍ ବିକ୍ରି, ଜରୁରୀ ଚିକିତ୍ସା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟଗୁଡ଼ିକୁ ଉପଯୁକ୍ତ ଭାବେ ତଦାରଖ କରି ତ୍ରୁଟିଶୂନ୍ୟ ପରିଚାଳନା ପାଇଁ ସେ ପରାମର୍ଶ ଦେଇଛନ୍ତି । ବୈଠକରେ ଓସିଏ ସଂପାଦକ ସଞ୍ଜୟ ବେହେରା ମ୍ୟାଚର ପ୍ରସ୍ତୁତି ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଟିକେଟ୍ କିଣାବିକା, ଦର୍ଶକମାନଙ୍କ ପାଇଁ ବ୍ୟବସ୍ଥା, ନିରନ୍ତର ଲାଇଟ୍ ବ୍ୟବସ୍ଥା, ଷ୍ଟାଡିୟମର ଭିତ୍ତିଭୂମି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଓ ଟ୍ରାଫିକ୍ ପରିଚାଳନା ଆଦି ବିଷୟରେ ଆଲୋଚନା ହୋଇଥିଲା ।

**AFFIDAVIT**

By virtue of an affidavit sworn before executive magistrate, Basudevpur, I the Parameswar Behera son of Bimbadhar Behera permanent resident of At-Prabodhpur, ward no-7, P.o- Mandari, P.S-Basudevpur, Dist. Bhadrak, Pin- 756125 declare that I am the father of minor Sanjeep Kumar Behera. I have changed the name of my minor son from Sanjeep Kumar Behera to Sanjeeb Kumar Behera. Hencforth he shall be known as Sanjeeb Kumar Behera for all purposes.

**Parameswar Behera**

# ଜନଜାତି ଗୌରବଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ନୀଳଗିରି, ୧୨/୧୧ (ନି.ପ୍ର): ବୁଧବାର ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲାମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଦେବାଶିଷ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜନଜାତି ଗୌରବଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ନୀଳଗିରି ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମକେଶରୀ ପରିଡ଼ା, ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜିନୀ ପ୍ରଧାନ,ନୀଳଗିରି ପୌର ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ସହକାରୀ ଜିଲ୍ଲାମଙ୍ଗଳ ଅଧିକାରୀ ଶ୍ରୀମତୀ ମାନସୀ ମାସନ୍ତ, ଆଇ. ଟି. ଡି. ଏ. ର ସହକାରୀ ଜିଲ୍ଲା ମଙ୍ଗଳଅଧିକାରୀ ଶ୍ରୀଯୁକ୍ତ ତଳୱାର ଜେନା, କୈଳାସ ଚନ୍ଦ୍ର ମାଧମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ କୌଶିକ ଦାସ,ଉପଖଣ୍ଡ ସୂଚନା ଓ



ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବସଟିକୁ ଆନନ୍ଦ ଉଲ୍ଲାସର ସହ ସରସସୁନ୍ଦର କରି ପାଳନ କରିବାପାଇଁ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ସରକାରଙ୍କ ପକ୍ଷରୁ ଜନଜାତି ଗୌରବଦିବସ ଆସନ୍ତା ୧୫ତାରିଖରେ ସ୍ଥାନୀୟ ଇଣ୍ଡୋର୍ ଷ୍ଟାଡିୟମ୍ ପରିସରରେ ଅୟୋଜନ କରାଯିବାପାଇଁ ସ୍ଥିର କରାଯାଇଛି। ଏହି ଦିବସକୁ ସଫଳ ଏବଂ ଆକର୍ଷଣୀୟ କରିବାପାଇଁ ବିଭିନ୍ନବର୍ଗର ବରେଣ୍ୟ ତଥା ସମ୍ମାନୀତ ଅତିଥିଗଣଙ୍କୁ ନିମନ୍ତ୍ରିତ କରାଯିବା ସହିତ ଯୋଗ୍ୟ ଜନଜାତି ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ, ବିଭିନ୍ନବର୍ଗର ଛାତ୍ରଛାତ୍ରୀ ଏବଂ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହିତ ସେଲ୍ଫି ପଏଣ୍ଟ, ମିଶନଶକ୍ତି ଦ୍ୱାରା ଷ୍ଟଲ,ଆଇ. ଟି. ଡି. ଏ. ତରଫରୁ ଲାଖ, ସବାଇ ଘାସର ସାମଗ୍ରୀ, ବେତ ଉପକରଣ, ମିଲେଟମିଶନ ଦ୍ୱାରା ବିଭିନ୍ନ ସୁସ୍ୱାଦୁଖାଦ୍ୟ ପରିବେଷଣ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।ଏତଦ୍ ଭିନ୍ନ ବିଭିନ୍ନ ଜନଜାତି ମାନଙ୍କ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାପାଇଁ ମଧ୍ୟ ସିଦ୍ଧାନ୍ତ ନିଆଯାଇଛି। ପରିଶେଷରେ ଜିଲ୍ଲା ମଙ୍ଗଳଅଧିକାରୀ ଶ୍ରୀଯୁକ୍ତ ଦେବାଶିଷ ସ୍ୱାଇଁ ଉପସ୍ଥିତ ରହି ସମସ୍ତ ସଦସ୍ୟ ସଦସ୍ୟା ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୁଧିଆନାରେ ୩୩ତମ ସତପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାର ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଲୁଧିଆନା, ୧୨/୧୧ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ପଞ୍ଜାବର ଲୁଧିଆନାରେ ଅନୁଷ୍ଠିତ ୩୩ତମ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାର ସମାରୋହରେ ଯୋଗଦେଇ ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦେବା ପାଇଁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାରର ଆୟୋଜନ କେବଳ ସମ୍ମାନ ଦେବା ପାଇଁ ନୁହେଁ, ବରଂ ରାଷ୍ଟ୍ର ନିର୍ମାଣରେ ଶିକ୍ଷା, ସେବା ଏବଂ ସ୍ୱଦେଶୀ ଚିନ୍ତାଧାରାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନର ପ୍ରତୀକ । ବର୍ତ୍ତମାନ



ସମଗ୍ର ଦେଶରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍'ର ୧୫୦ ଗୌରବମୟ ବର୍ଷ ପାଳନ କରାଯାଉଛି । ଏହି ଗୀତ ଆମକୁ ସ୍ୱରାଜ୍ୟ ପାଇଁ ସଂଘର୍ଷ କରିବାକୁ ଶକ୍ତି ଦେଇଥିଲା । ଅପରପକ୍ଷରେ ଏହି ଅବସର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସଂକଳ୍ପ ଦିଗରେ ଦେଶବାସୀଙ୍କୁ ଅଗ୍ରସର କରାଉଛି । ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନ ଆଧାରିତ ଅର୍ଥନୀତିର ଶତାବ୍ଦୀ । ଏହି ଦିଗରେ ଜାତୀୟ ଶିକ୍ଷା ନୀତି ଏକ ବୈପ୍ଳବିକ ପଦକ୍ଷେପ । ଏହି ନୀତି ବିଦ୍ୟାର୍ଥୀମାନଙ୍କର ସାମଗ୍ରିକ ବିକାଶ, ମାତୃଭାଷାରେ ଶିକ୍ଷା ଏବଂ କୌଶଳ ଆଧାରିତ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛି । ଯେତେବେଳେ ଆମ ଦେଶର ଶିକ୍ଷା ଜଗତ ଏବଂ ସତ ପଲ ମିତ୍ତଲ ବିଦ୍ୟାଳୟ ପରି ଅନୁଷ୍ଠାନ ଏହାକୁ ମୂଳରୁ ଆପଣାଇବେ, ସେତେବେଳେ ଭାରତ କେବଳ ସମୃଦ୍ଧ ହେବ ନାହିଁ, ବରଂ ବିଶ୍ୱରେ ଜ୍ଞାନର ମାର୍ଗଦର୍ଶକ ପାଲଟିବ । ଏହା ମଧ୍ୟ ଗର୍ବର ବିଷୟ ଯେ ଲୁଧିଆନାର ମାଟିରୁ ଆରମ୍ଭ ହୋଇଥିବା ଭାରତୀ ସମୂହ (ଏୟାରଟେଲ) ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ଦୃଷ୍ଟିକୋଣକୁ ସାକାର କରି ବିଶ୍ୱର ଶୀର୍ଷ କମ୍ପାନୀମାନଙ୍କ ମଧ୍ୟରେ ସାମିଲ ହୋଇଛି । ଏହା ସ୍ୱଦେଶୀ ଉଦ୍ୟମିତା ଏବଂ ଭାରତୀୟ ପ୍ରତିଭାର ବିଜୟଗାଥା । ଶ୍ରୀ ପ୍ରଧାନ କହିଛନ୍ତି ଯେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନର ପ୍ରକୃତ ସାର୍ଥକତା ସେତେବେଳେ ହେବ, ଯେତେବେଳେ ଆମେ ସମସ୍ତେ ମିଳିମିଶି ସ୍ୱଦେଶୀ, ଶିକ୍ଷା ଏବଂ ସେବାର ମାର୍ଗକୁ ପ୍ରାଥମିକତା ଦେବା । ଏହା ଦ୍ୱାରା ନିଜର ବୈଭବ, ସାମର୍ଥ୍ୟ ଏବଂ ସଂସ୍କାରରେ ପରିପୂର୍ଣ୍ଣ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ରୂପରେ ବିଶ୍ୱ ସମ୍ମୁଖରେ ଉଭା ହେବ ।

# ରାଜନଗର ୩୨ ବେଶ କମିଟି ପକ୍ଷରୁ ରକ୍ତଦାନ ଶିବିର



ଜଳେଶ୍ୱର, ୧୨/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଶିଖରପୁର ପଞ୍ଚାୟତ ରାଜନଗର ଗ୍ରାମର ଶ୍ରୀ ଜଗନ୍ନାଥ ୩୨ ବେଶରେ ପଞ୍ଚମ ଦିନ ସନ୍ଧ୍ୟାରେ ଏକ ରକ୍ତଦାନ ଶିବିର ଜିଲ୍ଲା ରକ୍ତଦାତା ସଂଘ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶ୍ୱିନି କୁମାର ପାତ୍ର ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସମ୍ମାନୀତ ଅତିଥି ଜିଲ୍ଲା ରକ୍ତଦାତା ସଂଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ସମାଜସେବୀ ସରୁପ୍ କୁମାର ବେହେରା, ମଦନ ଦାସ ଓ ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ବସନ୍ତ କୁମାର ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଉପାଧ୍ୟାୟଙ୍କ ନେତୃତ୍ୱରେ ଟେକ୍ନିସିଆନ୍ ଦେବାଶିଷ ଦତ୍ତ, ସହଯୋଗୀ ପଦ୍ମଲୋଚନ ମହାନ୍ତି ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୨୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ସଭାପତି ଗୌରହରି ମାଣିକ, ସମ୍ପାଦକ ସୁନିଲ ବରଣ ଦାସ, ପ୍ରାକ୍ତନ ସରପଞ୍ଚ ହରେକୃଷ୍ଣ ଗିରି, ରବି ଗିରି, ପ୍ରବିନ ଗିରି, ଅକ୍ଷୟ ବାରିକ, ଭଗବାନ ବାରିକ, ପ୍ରାଣ କୃଷ୍ଣ ପ୍ରଧାନ, ମୁକ୍ତା ରାମ ପ୍ରଧାନ, ପ୍ରଶାନ୍ତ ଗିରି, ରାମକୃଷ୍ଣ ଦାସ, ଦେବେନ୍ଦ୍ର ନାଥ ଗିରି, ସତ୍ୟବ୍ରତ ପ୍ରଧାନ ଓ ଲକ୍ଷ୍ମୀଧର ବାରିକ ଶିବିରକୁ ପରିଚାଳନା କରିଥିବା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ସୁରକ୍ଷା ପୁରସ୍କାର ସମାରୋହ ଆୟୋଜିତ

ରାଉରକେଲା, ୧୨/୧୧ (ନି.ପ୍ର): ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନର ଏକ ଅଂଶ ସ୍ୱରୂପ ସୁରକ୍ଷା କୁଇଜର ବିଜେତାମାନଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ନଭେମ୍ବର, ୧୦ ତାରିଖ ଦିନ ଆରଏସପିର ନୂତନ ସିସିଡି ସମ୍ମିଳନୀ କକ୍ଷରେ ଏକ ସୁରକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର, ସିଓ ଏଣ୍ଡ ସିସିଡି ବିଭାଗର ସିଜିଏମ, ଶ୍ରୀ ରାକେଶ ଜୋଶୀ, ସିସିଡି ବିଭାଗର ଜିଏମ ଇନ ଚାର୍ଜ, ଶ୍ରୀ ବି କେ ତିୱାରୀ, ଉପସ୍ଥିତ ଥିଲେ। ଅତିଥିମାନେ ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କୁଇଜ କାର୍ଯ୍ୟକ୍ରମରେ ମୋଟ ୪୬ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଠିକା ଶ୍ରମିକ, ସାଇଟ୍ ସୁପରଭାଇଜର ଏବଂ ସୁରକ୍ଷା ସୁପରଭାଇଜରଙ୍କ ସମେତ ଛଅ ଜଣ କୁଇଜ ବିଜେତାଙ୍କ ସହ ଛଅ ଜଣ ସୁରକ୍ଷା-ସଚେତନ ଶ୍ରମିକଙ୍କୁ ସେମାନଙ୍କ ନିରାପଦ କାର ?ୟ ଅଭ୍ୟାସ ପ୍ରତି ପ୍ରତିବଦ୍ଧତା ନିମନ୍ତେ ସମ୍ମାନିତ କରାଯାଇଥିଲା। ଶ୍ରୀ ହୀରାଲାଲ ମହାପାତ୍ର ନିଜର ଅଭିଭାଷଣରେ ବିଷାକ୍ତ ଗ୍ୟାସ ସୁରକ୍ଷା, ବିପଦ ଚିହ୍ନଟ, ନିବାରଣ, ପୃଥକୀକରଣ, ଭେଣ୍ଟିଂ ଏବଂ କାର୍ଯ୍ୟ କରିବା ପ୍ରଣାଳୀ ଉପରେ ବକ୍ତବ୍ୟ ରଖିଥିଲେ। ଶ୍ରୀ ରାକେଶ ଜୋଶୀ ନିଜର ଭାଷଣରେ ଭୋପାଳ ଏବଂ ଚେର୍ନୋବିଲ୍ ଭଳି ଅତୀତର ଶିଳ୍ପ ବିପର ?ୟୟରୁ ଶିକ୍ଷା ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ 'ପ୍ରତିରୋଧ ସର୍ବଦା ଚିକିତ୍ସା ଅପେକ୍ଷା ଉତ୍ତମ।'ଶ୍ରୀ ବି. କେ. ତିୱାରୀ ତାଙ୍କର ଅଭିଭାଷଣରେ ବର୍ତ୍ତମାନର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାର ଉପାୟ ଉପରେ ମଧ୍ୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ, ସୁରକ୍ଷା ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା, ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ୟାସ୍, ଏଲଡି ଗ୍ୟାସ୍ ଏବଂ କୋକ୍ ଓଭେନ୍ ଗ୍ୟାସ୍ ର ଜରୁରୀକାଳୀନ ପ୍ରସ୍ତୁତି ଏବଂ ନିରାପଦ ପରିଚାଳନା ବିଷୟରେ ସୂଚନା ଦେଇଥିଲେ। କୋଇଲା ରାସାୟନିକ ବିଭାଗର କର୍ମଚାରୀ ଏବଂ ଠିକା କର୍ମଚାରୀଙ୍କ ମଧ୍ୟରେ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଗ୍ୟାସ୍ ତଥା ରାସାୟନିକ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ସିସିଡି ବିଭାଗର ଏଜିଏମ ଶ୍ରୀ ଏମ୍. କେ. ପାଣିଗ୍ରାହି, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିସିଡି ବିଭାଗର ଡିଜିଏମ ଏବଂ ଡିଏସଓ ଶ୍ରୀ ଶୁଭେନ୍ଦୁ ପଟ୍ଟନାୟକ ଙ୍କ ସମେତ ସୁରକ୍ଷା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଆର. ଏନ. ପାଣିଗ୍ରାହି ସଂଯୋଜନା କରିଥିଲେ।

ଗୁରୁବାର, ନଭେମ୍ବର ୧୩, ୨୦୨୫

# ଧ୍ୱନି ପ୍ରତିଧ୍ୱନି

## ନିଖିଳ ଭାରତ ସମବାୟ ସପ୍ତାହ ୨୦୨୫ ଅବସରରେ କୃତିତ୍ୱ ଅର୍ଜନ

ବଡ଼ସାହି, ୧୨/୧୧ (ନି.ପ୍ର): ବଡ଼ସାହି ବ୍ଲକ ଅଧିନ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ବେହେରା ଓ ଖ୍ରୀତେଶ କୁମାର ପରିଡ଼ା ବାରିପଦା ଉପଖଣ୍ଡ ସ୍ତରୀୟ ସମବାୟ ଆନ୍ଦୋଳନ - ଆତ୍ମ ନିର୍ଭର ଭାରତ ଗଠନରେ ସମବାୟର ଭୂମିକା ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇ ବଡ଼ସାହି ବ୍ଲକ ପାଇଁ ଗୌରବ ଆଣିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ଉପନିବନ୍ଧକ ସମବାୟ ସମିତି ସମୂହ ପକ୍ଷରୁ ୭୨ ତମ ନିଖିଳ ଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ଓ ରଚନା ପ୍ରତିଯୋଗୀତା କରାଯାଇଥିଲା । ଏଥିରେ ଉପନିବନ୍ଧକ - ଅଶୋକ କୁମାର୍ ପାଣି , ବରିଷ୍ଠ ସହକାରୀ ନିବନ୍ଧକ - ତୁଷାରକାନ୍ତି ମହାନ୍ତି , ସଭାପତି ମୟୂରଭଞ୍ଜ ଜିଲ୍ଲା ସମବାୟ ସଂଘ - ପ୍ରଦୀପ କୁମାର ଉପାଧ୍ୟାୟ , ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ - ଡକ୍ଟର ସୁଶାନ୍ତ କୁମାର ବଶା, ଡକ୍ଟର କୁଞ୍ଜବିହାରୀ ପୃଷ୍ଟି , ଅବସରପ୍ରାପ୍ତ ଉପସହକରୀ ନିବନ୍ଧକ ଚନ୍ଦ୍ରଶେଖର କର ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଓ ପୁରଷ୍କାର ପ୍ରଦାନ କରିଥିଲେ। ସମବାୟ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇ ଗ୍ରାମାଞ୍ଚଳ ଲୋକମାନଙ୍କର ଅର୍ଥନୀତିକୁ ସୁଦୃଢ କରିବା ପାଇଁ ପ୍ରତିଯୋଗୀ ମାନଙ୍କୁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ ଆଗାମୀ ତା - ୧୩ ତାରିଖରେ ଜିଲ୍ଲାସ୍ତରୀୟ ପ୍ରତଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ଓ ଅନ୍ୟ ଶିକ୍ଷକ ମାନଙ୍କୁ ତଥା କୃତୀ ପ୍ରତୀଯୋଗୀମାନଙ୍କୁ ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ । ସର୍ବଶେଷ ରେ ଅଜିଦ କୁମାର ବିଶ୍ୱାଳ ସମବାୟ ନିରୀକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

## ମାନବ ସମାଜର ପୋଥି ହିଁ ଯଥାର୍ଥ ଗୁରୁ ଓ ପୁସ୍ତକ ମଧ ପ୍ରକୃତ ବନ୍ଧୁ ତଥା ଦାର୍ଶନିକ




ଭଦ୍ରକ, ୧୨/୧୧ (ନି.ପ୍ର): ପୋଥି ଓ ପୁରାଣ ଆମର ଗୁରୁ ଭଳି ଆମକୁ ପ୍ରେରଣା ଦିଏ ଏବଂ ପୁସ୍ତକ ହିଁ ମଣିଷର ପ୍ରକୃତ ବନ୍ଧୁ ଓ ଦାର୍ଶନିକ। ଉତମ ପୁସ୍ତକ ସଚ୍ଚରିତ୍ର ବ୍ୟକ୍ତିତ୍ୱ ଗଠନ କରେ। ଏଣୁ ପୁସ୍ତକ ପଠନ ,ପ୍ରତ୍ୟେକ ମଣିଷ ପାଇଁ ନିତାନ୍ତ ଜରୁରୀ ଏବଂ ଭଲ ବହିଟିଏ ପାଇବା ପାଇଁ ପୁସ୍ତକ ମେଳାର ସମ୍ପ୍ରତି ଆବଶ୍ୟକ ରହିଛି ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କବି ବଂଶୀ ବଲ୍ଲଭ ଗୋସ୍ୱାମୀ ସ୍ମୃତିରେ ଉତ୍ସର୍ଗୀତ ମହୋତ୍ସବର ତୃତୀୟ ସଂନ୍ଧ୍ୟାରେ 'ଜ୍ଞାନ ର ସାରଥି: ପୁସ୍ତକ ଓ ପୋଥି' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ଉପଦେଷ୍ଟା ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭଦ୍ରକ ଜିଲ୍ଲା ଉପନିବନ୍ଧକ ଗୁରୁ ଚରଣ ମଲ୍ଲ ଓ ବିଶିଷ୍ଟ ଚିକିତ୍ସାବିତ୍ ତଥା ସଂଗଠକ ଡାକ୍ତର ପ୍ରଦୀପ କୁମାର ନାୟକ ବିଶିଷ୍ଟ ଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ ମୁଖ୍ୟ ବକ୍ତା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ବରେଣ୍ୟ ଅତିଥି ଏବଂ ପ୍ରକୃତିବନ୍ଧୁ ତଥା ଶିକ୍ଷକ ସରୋଜ କୁମାର ଓଝା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବର ଉପସଭାପତି ତଥା ଶିକ୍ଷକ ନେତା ପ୍ରଭାକର ପରିଡ଼ା ଅତିଥି ପରିଚୟ, ଟ୍ରଷ୍ଟ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ,ଓ ସମ୍ପାଦକ ରବିନାରାୟଣ ଖ୍ୱଲାର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଅଧିବେଶନ ପୂର୍ବରୁ ଶିକ୍ଷକ ସମୀର କୁମାର ଜେନା, ଦମୟନ୍ତୀ ରାଉତ ଓ ମମତା ବଳଙ୍କ ପରିଚାଳନାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।ଦମୟନ୍ତୀ ରାଉତ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ ଜାନକୀ ପାଢ଼ୀ , ମନୋରମା ରାୟ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର, ମିଡିଆ ସେଲ୍ ଅଧକ୍ଷ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଉପଦେଷ୍ଟା ବାବୁଲାଲ ଦାସ,ଡା. ଅନିଲ କୁମାର ଦାଶ,ସୁଶ୍ରୀ ଅଞ୍ଜନା ମିଶ୍ର, କଳ୍ପନା ଜେନା ପ୍ରମୁଖ ମଞ୍ଚ ଓ ଉତ୍ସବ ପରିଚାଳନା କରିଥିଲେ। ଲଳିତ କଳା ଏକାଡେମୀ, ଚରମ୍ପା ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ନୀଳଗିରି ଗସ୍ତ: ପ୍ରଶାସନର ଜୋରଦାର ପ୍ରସ୍ତୁତି,୧୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

ନୀଳଗିରି, ୧୨/୧୧ (ନି.ପ୍ର): ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ନଭେମ୍ବର୧୩ ଉପଲକ୍ଷେ ସମଗ୍ର ଭାରତବର୍ଷରେ ଏକତା ପଦଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ବାଲେଶ୍ୱର ସଂସଦୀୟକ୍ଷେତ୍ରରେ ମଧ ୩ଟି ସ୍ଥାନରେ ଏହି ପଦଯାତ୍ରା ଅନୁଷ୍ଠିତ ହେବ। ନୀଳଗିରି ଗଡଜାତ ପ୍ରଥମେ ସ୍ୱାଧୀନଭାରତରେ ମିଶ୍ରଣହୋଇ ଏକ ଉଦାହରଣ ପାଲଟିଥିବା ବେଳେ ଅନ୍ୟ ଗଡଜାତ ମାନଙ୍କ ପାଇଁ ପଥପ୍ରଦର୍ଶକ ସାଜିଥିଲା। ତେଣୁ ଏଭଳି ମହାନମାଟିରୁ ଓଡ଼ିଶାରୁ ପ୍ରଥମେ ଏକତାପଦଯାତ୍ରା ଆରମ୍ଭ କରିବାକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ହେଲିକପ୍ଟର ସାହାଯ୍ୟରେ ଆସି ସକାଳ ୮ଟା ସମୟରେ ନୀଳଗିରି ପୋଲିସ ପଡିଆରେ ଆୟୋଜିତ ଏହି ଏକତା ପଦଯାତ୍ରାର ପତାକାଦେଖାଇ ଶୁଭାରମ୍ଭ କରିବେ। ଏଥିପାଇଁ ପୁରା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଜିଲ୍ଲା ଓ ଉପଖଣ୍ଡ ପୋଲିସତରଫରୁ ଶୃଙ୍ଖଳାବ୍ୟବସ୍ଥାକୁ କଡାକଡି କରାଯିବା ସହିତ ୧୭ପ୍ଲାଟୁନରୁ ଉର୍ଦ୍ଧ୍ୱ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସହରର ସ୍ଥାନେସ୍ଥାନେ ମୁଖ୍ୟମନ୍ତ୍ରୀଙ୍କ ବଡବଡ ହୋର୍ଡ଼ିଂ ଲାଗିଥିବା ବେଳେ ଶୁଭେଚ୍ଛା ତୋରଣ ମଧ ଦେଖିବାକୁ ମିଳିଛି। ତେବେ ନୀଳଗିରିକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଗସ୍ତକାର୍ଯ୍ୟକ୍ରମକୁ ଅଖିଆଗରେ ରଖି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ମଙ୍ଗଳବାର ନୀଳଗିରି ଡାକବଙ୍ଗଳା ପରିସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଏବଂ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ନିର୍ବାଚନମଣ୍ଡଳୀର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କ ସହିତ ବିଶଦଭାବେ ବିଚାରବିମର୍ଶ କରାଯାଇଥିବା ଜଣାଯାଇଛି। ସୂଚନାରୁ ଜଣାଯାଇଛି, ଏହି ପଦଯାତ୍ରା ନୀଳଗିରି ଠାରୁ ଆରମ୍ଭହୋଇ ମିତ୍ରପୁର ପର୍ଯ୍ୟନ୍ତ ଯିବ।ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ସଂସ୍କୃତି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ, ବିଧାୟକ ସନ୍ତୋଷ କୁମାର ଖଟୁଆ, ସଦରବିଧାୟକ ମାନସ ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରମୁଖ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରାରେ ବହୁସଂଖ୍ୟକ ବୁଦ୍ଧିଜୀବୀ, ବିଦ୍ୟାଳୟ, ମହାବିଦ୍ୟାଳୟ ,ବିଶ୍ୱବିଦ୍ୟାଳୟର ଛାତ୍ର/ଛାତ୍ରୀ, ମହିଳା ସ୍ୱୟଂ ସହାୟକଗୋଷ୍ଠୀ ଏବଂ ସାଧାରଣଜନତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପାଠପଢ଼ାରେ ଡ଼ୋରି ବାନ୍ଧିଲେ ମା' ଛେଉଣ୍ଡ କନ୍ୟା ସୁକୁରୁମଣି

ଉଦଳା, ୧୨/୧୧ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ପଦ୍ମପୋଖରୀ ପଂଚାୟତ ଅନ୍ତର୍ଗତ ଘୋଡ଼ାଗାଧୁଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବୁଧୁ ନାଇକି ଓ ମାତା-ସ୍ୱର୍ଗତଃ ଦଶମା ନାଇକିଙ୍କ କନ୍ୟା 'ସୁକୁରୁମଣି' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ୍ୟ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି । ନିକଟରେ ଥିବା ପଦ୍ମପୋଖରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ 'ସୁକୁରୁମଣି' ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବାର ଜଣାଯାଇଛି । କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ 'ସୁକୁରୁମଣି' ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ ପୁଣିଥରେ କିପରି ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ବାଧ୍ୟ ହୋଇ 'ସୁକୁରୁମଣି' ପାଠପଢ଼ାରେ ଡ଼ୋରି ବାନ୍ଧିଲେ । 'ସୁକୁରୁମଣି'ଙ୍କୁ ବର୍ତ୍ତମାନ ବୟସ ୧୪ ବର୍ଷ ଛୁଇଁଥିବା ବେଳେ ସେ ପୁଣିଥରେ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ସଚେତନତା ଶିବିର

ଖୋର୍ଦ୍ଧା, ୧୨/୧୧ (ନି.ପ୍ର): ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ଜନିତ ଏକ ସଚେତନତା ଶିବିର ଆସନ୍ତା ନଭେମ୍ବର ୧୪ ତାରିଖରେ ଜିଲ୍ଲା ସଦର ମହକୁମା ପୌର ପରିଷଦ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ। ଏହି ସଚେତନତା ଶିବିର ରେ ଦାବି ହୀନ ଖାତାର ଅର୍ଥ ରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଦାବି ହୀନ ଖାତା ସମ୍ବନ୍ଧୀୟ ବିସ୍ତୃତ ସୂଚନା ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବ । ଜନ ସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତ କୁ ସଫଳ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ୟାଙ୍କ ଓ ଅର୍ଥ ଲଗାଣ କାରୀ ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ଅଧିକାର ସଚେତନତା ଶିବିର ଭାରତ ସରକାରଙ୍କ ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶ ମତେ ଆୟୋଜନ କରାଯାଉଛି ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ କ୍ଷେତ୍ରୀୟ କାର୍ଯ୍ୟାଳୟ ର ଆଞ୍ଚଳିକ ପ୍ରବନ୍ଧକ ଭଗତ ବେହେରା ଓ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଅଜୟ କୁମାର ବେହେରା ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି । ଏହା ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଜିଲ୍ଲାର ସର୍ବ ସାଧାରଣ ଏବଂ ବ୍ୟାଙ୍କ ଖାତାଧିକାରୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯଗଲା ।

# ବାଦ ବିବାଦ ମଧରେ ଦୁଇ ଥର ଉଦ୍‌ଘାଟନ ହେଲା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

## ଖାଦ୍ୟ ପରିବେଷଣ ବ୍ୟବସ୍ଥାରେ ପାତର ଅନ୍ତର, ଅସନ୍ତୋଷ ବ୍ୟକ୍ତ କଲେ ଚାଷୀ



ବାଲିଆପାଳ , ୧୨/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନେତାଜୀ ଷ୍ଟାଡିୟମରେ ବୁଧବାର ପୂର୍ବାହ୍ନରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭ ପୂର୍ବରୁ ଫିତା କାଟିବା କୁ କେନ୍ଦ୍ର କରି ବିବାଦ ଦେଖିବାକୁ ମିଳିଥିଲା। ସୂଚନାରୁ ପ୍ରକାଶ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଓ ସାଂସଦଙ୍କ ପ୍ରତିନିଧି ରବିନ୍ଦ୍ର ନାଥ ଅଣ୍ଡିଆଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସାଂସଦଙ୍କ ପ୍ରତିନିଧି ଶ୍ରୀ ଅଣ୍ଡିଆ ପ୍ରଥମେ ସଭା ସ୍ଥଳରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ଫିତା କାଟି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ପାଇଁ କୁହାଯାଇଥିଲା । ବିଧାୟକା ପହଞ୍ଚିବା ପରେ ପୁନର୍ବାର ଫିତା କଟା ଯାଇଥିଲା। କାର୍ଯ୍ୟକ୍ରମକୁ ସୁଚାରୁ ପରିଚାଳନା ନେଇ ବାଲିଆପାଳ ପ୍ରଶାସନକୁ ପ୍ରୋଟକଲ ସମ୍ପର୍କରେ ଜଣା ନଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିଲା। ନିର୍ବାଚିତ ପ୍ରତିନିଧିଙ୍କୁ ହଟହଟା କରିବା ନେଇ ପ୍ରଶାସନଙ୍କୁ କଟୁ ସମାଲୋଚନା କରିଛନ୍ତି ଲୋକେ।ଏଥି ସହିତ ସଭାସ୍ଥଳରେ ଗଣମାଧମ ପ୍ରତିନିଧି ମାନଙ୍କ ପାଇଁ ପଛରେ ସ୍ଥାନ ସଂରକ୍ଷଣ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି କିଛି ଗଣମାଧମର ପ୍ରତିନିଧି ପଳାଇଯାଇଥିଲେ। ସେହିପରି ଖାଦ୍ୟ ପରିବେଷଣରେ ମଧ ପାତର ଅନ୍ତର ଦେଖିବାକୁ ମିଳିଥିଲା । ଅତିଥି ମାନଙ୍କ ପାଇଁ ମୋଟନ ଭଜନ ବ୍ୟବସ୍ଥା ହୋଇଥିଲା ବେଳେ ଚାଷୀଙ୍କୁ କାଦୁଅ ପଚ୍ ପଚ୍ ସ୍ଥାନରେ ସାଧାଭାତ ପରସା ଯାଇଥିଲା। ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ କିଛି ଜଣ ଚାଷୀ ଖାଦ୍ୟ ନଖାଇ ଭୋକିଲା ଘରକୁ ଫେରିଯାଇଥିଲେ। ବିବାଦ ପରେ ବିଡ଼ିଓ ରାଧା ରଞ୍ଜନ ଦାସଙ୍କ ସଭାପତିତ୍ୱ ରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଉପସ୍ଥିତ କୃଷକ ମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସାଂସଦଙ୍କ ପ୍ରତିନିଧି ରବିନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବା ପାଇଁ କୃଷକ ମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବୈଜ୍ଞାନିକ ଅମିତା ରାଣୀ ପାତ୍ର, ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ରେଶମା ରାଣୀ ସିଂ , ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼. ରବିନାରାୟଣ ପଟ୍ଟନାୟକ, ଜିଲ୍ଲା ପରିଷଦ ନିଶାକର ସେଠୀ, ବାବାଜୀ ଦେହୁରୀ, କାଞ୍ଚନ ବାଳା ଜେନା,ନିଖିରା ସରପଞ୍ଚ ଅଞ୍ଜନ ଗିରି,ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି,ସାଉଡି ସରପଞ୍ଚ ଧରଣୀଧର ମଲ୍ଲିକ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ଆଲୋକ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ବାଲିଆପାଳ ସହକାରୀ ମତ୍ସ୍ୟ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ଧନ୍ୟବାଦ୍ ଦେଇଥିଲେ। ଏହି ମେଳାରେ ୫୬୦ ଜଣ ଚାଷୀ ନାମ ପଞ୍ଜିକରଣ କରାଯାଇଥିଲା। ୧୨ ଟି ଷ୍ଟଲ ରେ ବିଭିନ୍ନ କୃଷି ଭିତ୍ତିକ ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି ଅବସରରେ କୃଷି ରୁ ସ୍ୱାବଲମ୍ବୀ ହୋଇଥିବା ଆଠ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଏବଂ ବ୍ଲକ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ମୋବାଇଲ ପାଇଁ ଛାତ୍ରଙ୍କ ଆତ୍ମହତ୍ୟା

ଚମ୍ପୁଆ, ୧୨/୧୧ (ନି.ପ୍ର): ମୋବାଇଲ ପାଇଁ ମାମୁଁ ଘରେ ବେକରେ ଫାଶୀ ଲଗାଇ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି । ମୃତ ଛାତ୍ର ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖରପୁର ପଂଚାୟତ ବାଲେଶ୍ୱର ଗ୍ରାମର ଫକିର ମହାନ୍ତ ଙ୍କ ପୁଅ ଶୈଳେନ୍ଦ୍ର ମହାନ୍ତ (୧୭) । ସେ ନିଜ ମାମୁଁ ଘରେ କାଶିପାଳ ପଂଚାୟତ ଗୁଲୁଦିପଶି ଗ୍ରାମରେ ମାଆଙ୍କ ସହିତ ରହି ଗ୍ରାମରେ ଥିବା ଆଇଟିଆଇ ରେ ପାଠ ପଢୁଥିଲେ । ମିଳିଥିବା ସୂଚନା ଅନୁସାରେ ମୋବାଇଲ ଖରାପ ହୋଇଥିବାରୁ ଗତ କାଲି ସକାଳେ ନୂଆ ମୋବାଇଲ ପାଇଁ ନିଜ ମାଆଙ୍କ ନିକଟରେ ଅଳି କରିଥିଲେ । ତେବେ ସଙ୍ଗେ ସଙ୍ଗେ ମୋବାଇଲ କିଣି ଦେବାକୁ ମାଆ ଅସମର୍ଥ ହେବାରୁ ଦିନ ପ୍ରାୟ ସାଢ଼େ ୧୦ ଘଟିକା ସମୟରେ ଘର ପଛପଟେ ଥିବା ଏକ ଆମ୍ବ ଗଛରେ ଗାମୁଛାରେ ଫାଶି ଲଗାଇ ଝୁଲି ପଡିଥିଲେ । ଘର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଗଛରୁ ଉଦ୍ଧାର କରି ନିକଟସ୍ଥ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବାରିଆ ପୁଲିସ ଡାକ୍ତରଖାନାରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ହଜି ଯାଉଛି ମଣିଷ ପଣିଆ: ରେଳ ପ୍ଲାଟଫର୍ମ ନିକଟରୁ ନବଜାତ ଶିଶୁ ଉଦ୍ଧାର



ବସ୍ତା , ୧୨/୧୧ (ନି.ପ୍ର): ସଭ୍ୟ ସମାଜରେ ଅସଭ୍ୟତା ଏବେବି ବଳବତ୍ତର ରହିଥିବା ଦେଖିବାକୁ ମିଳିଛି ।ଶିକ୍ଷା ସଚେତନତାର ବ୍ୟାପକ ପ୍ରଚାର ପ୍ରସାର ସତ୍ତ୍ୱେ ଏବେବି ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ ପାଖରେ ହଜିଯାଇଛି ମଣିଷପଣିଆ ।ଏହାର ଏକ ନଗ୍ନ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଅମର୍ଦାରୋଡ ରେଳ ଷ୍ଟେସନ ୩ନଂ ପ୍ଲାଟଫର୍ମରେ ।ଖବରରୁ ପ୍ରକାଶ ଏହି କି ଯେ, ଦକ୍ଷିଣ - ପୂର୍ବ ରେଳପଥ ଅନ୍ତର୍ଗତ ଅମର୍ଦାରୋଡ ରେଳ ଷ୍ଟେସନ ୩ନଂ ପ୍ଲାଟଫର୍ମ ନିକଟରୁ ଗତକାଲି ବିଳମ୍ବିତ ରାତିରେ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି ।ମୃତ ଶିଶୁକୁ କେହି ଜନ୍ମ ଦେବା ପରେ ଏକ ଲୁଗାରେ ଗୁଡ଼ାଇ ରେଳ ଷ୍ଟେସନରେ ଫୋପାଡି ଦେଇଥିବା ଦେଖିବାକୁ ମିଳିଥିଲା ।ତେବେ ସ୍ଥାନୀୟ କିଛି ବୁଲା କୁକୁର ଷ୍ଟେସନ ନିକଟରେ ପଡ଼ିଥିବା ନବଜାତ ଶିଶୁର ମୃତ ଶରୀରକୁ ଝୁଣି ଖାଉଥିବା ଦେଖିବା ଘଟଣା ଅତି ହୃଦୟ ବିଦାରକ ଥିଲା ।ତେବେ ଶିଶୁଟି କାହାର କିଏ କାହିଁକି ଫିଙ୍ଗି ଦେଇଗଲା ତାହା ଏବେବି ରହସ୍ୟ ଘେରରେ ।ଖବର ପାଇ ରୂପସା ଆର. ପି.ଏଫ ଓ ଜି.ଆର.ପି ଘଟଣାସ୍ଥଳରେ ପହଞ୍ଚି ମୃତ ନବଜାତର କ୍ଷତାକ୍ତ ଶରୀର ଜବତ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚନ ସୃଷ୍ଟି କରିଛି।

# ବଢୁଛି ଦନ୍ତାର ଦୌରାତ୍ମ୍ୟ: ଗାଁକୁ ପଶି ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର



ନୀଳଗିରି , ୧୨/୧୧ (ନି.ପ୍ର): ଝାଡ଼ଖଣ୍ଡି ଦନ୍ତା ବଣସୀମା ଅଞ୍ଚଳରେ ପଶିବାଫଳରେ ଅଞ୍ଚଳବାସୀଙ୍କର ଆଖିରୁ ନିଦ ହଜିଯାଇଛି ।ଦିନକୁଦିନ ଦାନ୍ତାର ଦୌରାତ୍ମ୍ୟ ବଢ଼ି ଚାଲିଛି। ଏପରିକି ସନ୍ଧ୍ୟାହେଲେ ଦନ୍ତା ଭୟରେ ଗାଁ ଗଣ୍ଡାରେ ତାଟିକବାଟ ପଡିଯାଉଥିବାର ଦେଖିବାକୁ ମିଳୁଛି । ସନ୍ଧ୍ୟାହେଲେ ଧାନକ୍ଷେତରେ ପଶି ଧାନଖାଇବା ସହିତ ଦଳିମକଚି ନଷ୍ଟକରୁଥିବା ବେଳେ ଅଧରାତିରେ ଗାଁ ଗଣ୍ଡାରେ ପଶି ଘର ଭାଙ୍ଗୁଥିବାର ଦେଖିବାକୁ ମିଳିଛି। ଚାରିଦିନ ଧରି ଦନ୍ତାହାତୀଟି ଧାନକ୍ଷେତରେ ବ୍ୟାପକ ଫସଲ ନଷ୍ଟକରିଥିବା ମଙ୍ଗଳବାର ମଧରାତ୍ରୀରେ ଦନ୍ତାହାତୀଟି ନରଶପୁର ପଞ୍ଚାୟତର ସନ୍ତିଆଶୋଳ ଗାଁରେ ପଶି ରତ୍ନାକର ପଥିରିଆ ଓ ରାଇବାରି ପଥିରିଆଙ୍କ ଘରେପଶି କାନ୍ଥଭାଙ୍ଗି ଘରଭିତରକୁ ପଶିଥିବା ବେଳେ ଶବ୍ଦପାଇ ପରିବାର ଲୋକ ଜୀବନବିକଳରେ ବାହାରକୁ ପଳାଇଯିବାରୁ ଅଳ୍ପକେ ଜୀବନରକ୍ଷା ପାଇଯାଇଛି। ତେବେ ଦନ୍ତାହାତୀଟିର ଦୌରାତ୍ମ୍ୟ ବଢୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡୁଛନ୍ତି। ତେବେ ବନବିଭାଗ ଗାଁ ଗାଁ ରେ ସଚେତନ କରାଉଥିବା ବେଳେ ସାଧାରଣ ଜନତା ଦନ୍ତାହାତୀ ଦାଉରୁ ରକ୍ଷାପାଇବା ପାଇଁ ଢେଲା, ପଥର ମାଡ଼ କରୁଥିବାରୁ ହାତୀଟି ହିଂସ୍ରହୋଇ ଆକ୍ରମଣ କରୁଥିବାର କୁହାଯାଉଛି। ହାତୀ ଓ ସାଧାରଣ ଲୋକଙ୍କ ଧନଜୀବନକୁ ସୁରକ୍ଷା ଦେବାପାଇଁ ସାଧାରଣରେ ଦାବୀ ହେଉଛି ।

# ହୃଦ୍‌ଘାତରେ ଯୁବକ ମୃତ: ପରିବାରରେ ଶୋକର ଛାୟା

ନୀଳଗିରି, ୧୨/୧୧ (ନି.ପ୍ର): ହଠାତ୍ ଯନ୍ତ୍ରଣାହେବାରୁ ନୀଳଗିରି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାରୁ ସହଜରେ ଗ୍ରହଣ କରିପାରିନାହିଁ ପରିବାର। ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ପିଅନ ଭାବରେ ଚାକିରୀ କରିଥିବା ଜାମୁଡିହା ପଞ୍ଚାୟତ ଖରଡିଆ ଗ୍ରାମର ରବିନ୍ଦ୍ର ନାୟକଙ୍କ ପୁଅ ସୁଶାନ୍ତ କୁମାର ନାୟକ(୩୫) ଗତରାତ୍ରୀରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଆଜି ସକାଳେ ପରିବାର ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତିକରି ଚିକିତ୍ସା କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ନେବାପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଗତ ୨୫ଦିନ ତଳେ ଏକ ନବଜାତ ପୁତ୍ରସନ୍ତାନ ଜନ୍ମଗ୍ରହଣ କରିଥିଲା ବେଳେ ପୂର୍ବରୁ ୮ବର୍ଷର ଏକ ଛୋଟଝିଅଟିଏ ଅଛି। ହଠାତ୍ ସୁଶାନ୍ତଙ୍କ ମୃତ୍ୟୁପରେ ବିଧବାପତ୍ନୀ ଜ୍ୟୋତିପୁଷ୍ପା ଏବଂ ଛୋଟଛୋଟ ପିଲାଦୁଇଟି ନିରାଶ୍ରୟ ହୋଇଯାଇଥିବାରୁ ସରକାରୀ ସାହାଯ୍ୟପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଗ୍ରାମ ମଶାଣିରେ ଶବଦାହ କରାଯାଇଥିଲା ବେଳେ ପୁତୁରା ରଶ୍ମିରଞ୍ଜନ ମୁଖାଗ୍ନି ଦେଇଥିବା ଜଣାଯାଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida